ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୮୫
୨୨ ଫେବୃଆରୀ, ୨୦୨୬ ରବିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 285
22nd February, 2026 Sunday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଇତର କର୍ମଫଳାନି ଯଦୃଚ୍ଛୟା, ବିଲିଖିତାନି ସହେ ଚତୁରାନନ
ଅରସିକେଷୁ କବିତ୍ୱ ନିବେଦନଂ, ଶିରସି ମା ଲିଖ ମା ଲିଖ ମା ଲିଖ**

ହେ ବିଧାତା, ମୋ କପାଳରେ ଯାହା ଇଚ୍ଛା ତାହା କର୍ମଫଳ ଲେଖ ସେଥିରେ ମୋର ଆପତ୍ତି ନାହିଁ । ମାତ୍ର ଅରସିକ ଲୋକ ନିକଟରେ କବିତ୍ୱ ନିବେଦନ ଭଳି କର୍ମଫଳ ମୋ କପାଳରେ ଲେଖ ନାହିଁ ।

# ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ: ୫ ଗିରଫ

**କେନ୍ଦ୍ରାପଡ଼ା,୨୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯେଉଁ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ବୋଲି ବନ୍ଦନା କରାଯାଏ ସେହି ଗୁରୁଯେ ପିଶାଚ ପାଲଟି ପାରନ୍ତି ତାହା ହୁଏତ କେହି ବିଶ୍ୱାସ କରିନପାରନ୍ତି ! କିନ୍ତୁ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ଓଳାଭରଠାରେ ଥିବା ଏକ ପ୍ରତିଷ୍ଠିତ ଇଂରାଜୀ ମିଡ଼ିୟମ ସ୍କୁଲର ଗୁରୁମାନେ ପିଶାଚଠାରୁ ବି ହୀନ କର୍ମ କରି ଗୁରୁକୂଳଙ୍କ ପ୍ରତି ଥିବା ଯୁଗ ଯୁଗର ଭକ୍ତି, ବିଶ୍ୱାସ, ସମ୍ମାନ ଆଦି ସବୁକୁ ମାଟିରେ ମିଶାଇ ଦେଇଛନ୍ତି । ସେହି ଗୁରୁରୂପୀ ପିଶାଚମାନେ ଦୁନିଆକୁ ବୁଝିନଥିବା ଜଣେ ନିଷ୍ପାପ ୧୨ବର୍ଷୀୟା ନାବାଳିକା ସପ୍ତମ ଶ୍ରେଣୀର ଛାତ୍ରୀଙ୍କୁ ବାରବାର ଗଣଦୁଷ୍କର୍ମ କରି କେବଳ ଗୁରୁ ସମାଜ ନୁହେଁ ସଭ୍ୟ ଶିକ୍ଷିତ ସମାଜ ମୁହଁରେ କଳଙ୍କର କାଳିମା ବୋଳି ଦେଇଛନ୍ତି । ଯାହାକୁ ନେଇ ସାରା କେନ୍ଦ୍ରାପଡ଼ା ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ଏହା ବୁଦ୍ଧିଜୀବି ତଥା ଚିନ୍ତାଶୀଳ ବ୍ୟକ୍ତିଙ୍କୁ ସ୍ତବ୍ଧ କରିଦେଇଛି । ପୋଲିସ ଘଟଣାରେ ସଂପୃକ୍ତ ପିଶାଚ ଗୁରୁଙ୍କୁ ବାନ୍ଧି ହଜାତରେ ରଖିଛନ୍ତି ।



ପଟ୍ଟାମୁଣ୍ଡାଇ ଏସଡ଼ିପିଓ ସୁକାନ୍ତ କୁମାର ପାତ୍ରଙ୍କ ସୂଚନା ଅନୁଯାୟୀ ଓଳାଭରର ଏକ ପ୍ରତିଷ୍ଠିତ ଘରୋଇ ସ୍କୁଲରେ ପୀଡ଼ିତା ନାବାଳିକା ପାଠ ପଢୁଥିଲେ । ହେଲେ ସେହି ସ୍କୁଲର ୩ଜଣ ଶିକ୍ଷକ ଓ ଜଣେ ପିଅନ ନାବାଳିକାଟିକୁ ବିଗତ ୨ମାସର ଭିତରେ ସ୍କୁଲ କ୍ୟାମ୍ପସର ବିଭିନ୍ନ ସ୍ଥାନକୁ ଭିଡ଼ି ନେବା ସହିତ ଭୟ ଦେଖାଇ ଗଣଦୁଷ୍କର୍ମ କରିଥିଲେ । ଏପରିକି ଘଟଣା ସଂପର୍କରେ କାହାକୁ କହିଲେ ଭାଇଭଉଣୀ ଦୁଇ ଜଣକୁ ଜୀବନରେ ମାରି ଦେବାକୁ ସେହି ନର ରାକ୍ଷସମାନେ ନାବାଳିକାଟିକୁ ଧମକ ଦେଇ ଆସୁଥିଲେ । ହେଲେ ରାଜ୍ୟ ବାହାରେ ରହୁଥିବା ନାବାଳିକାଟିର ବାପା ଗାଁକୁ ଆସିବା ପରେ ବିଚାରୀ ନାବାଳିକା ଛାତ୍ରୀଟି ତା'ପ୍ରତି ହୋଇଥିବା ଅମାନୁଷିକ ଅତ୍ୟାଚାର ସଂପର୍କରେ ଅବଗତ କରାଇଥିଲା । ଫଳରେ ସେ ରାଜ୍ୟ ଶିଶୁ ହେଲ୍ପ ଲାଇନର ଟୋଲ ଫ୍ରି ନମ୍ବର ୧୦୯୮ରେ ଅଭିଯୋଗ କରିଥିଲେ । ଏଥିସହିତ ଜିଲ୍ଲା ସିଡ଼ବ୍ଲୁସିର ଅଧ୍ୟକ୍ଷଙ୍କୁ ମଧ୍ୟ ଅଭିଯୋଗ କରିଥିଲେ ।

### ଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ

ଏହି ଅଭିଯୋଗ ପାଇବା ପରେ ସିଡ଼ବ୍ଲୁସିର ଏକ ଚାରି ଜଣିଆ ଟିମ୍ ପୀଡ଼ିତା ନାବାଳିକା ଘରେ ପହଂଚି ଘଟଣା ସମ୍ପର୍କରେ ତଦନ୍ତ କରିଥିଲେ । ୩ଜଣ ଶିକ୍ଷକ ଓ ଜଣେ ପିଅନ ନାବାଳିକାଟିକୁ ଗତ ଦୁଇମାସ ଭିତରେ ବାରମ୍ବାର ସ୍କୁଲର ବିଭିନ୍ନ ଶ୍ରେଣୀ ଗୃହ ଓ ସାଇନ୍ସ ଲାବ୍‌କୁ ନେଇ ଦୁଷ୍କର୍ମ କରିଥିବା ଜଣାପଡ଼ିଥିଲା । ସ୍କୁଲର ଜଣେ ଶିକ୍ଷୟିତ୍ରୀ ଏହି ଘଟଣାକୁ ପ୍ରୋତ୍ସାହିତ କରିଥିବା ଟିମ୍ ଜାଣିବାକୁ ପାଇଥିଲା । ଫଳରେ ନାବାଳିକାଟିର ବାପାଙ୍କୁ ତୁରନ୍ତ ଥାନାରେ ଏଥିନେଇ ଏତଲା ଦେବାକୁ ଉକ୍ତ ଟିମ୍ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଋଣବୋଝରେ ବୁଡ଼ାଇ ସୁନେଲି ସ୍ୱପ୍ନ ଦେଖାଉଛନ୍ତି ସରକାର




**ଭୁବନେଶ୍ୱର,୨୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ ଉପସ୍ଥାପନ କରିଥିବା ବେଳେ, ଆଜି ବିଜୁ ଜନତା ଦଳ ଏହି ବଜେଟ ଅନ୍ତସାର ଶୂନ୍ୟ ଓ କେବଳ ପ୍ରଚାରଧର୍ମୀ ବଜେଟ ବୋଲି ଅଭିହିତ କରିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳର ଉପନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବିଧାୟକ ଗୌତମ ବୁଦ୍ଧ ଦାସ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ଶ୍ରୀ ଆଚାର୍ଯ୍ୟ କହିଥିଲେ, ରାଜ୍ୟ ସରକାର ବଜେଟର ପରିମାଣ ୩ ଲକ୍ଷ ୧୦ ହଜାର କୋଟିକୁ ବୃଦ୍ଧି କରି ବାହାଦୁରି ନେବାକୁ ଯେଉଁ ପ୍ରୟାସ କରୁଛନ୍ତି, ତାହା ଗ୍ରହଣୀୟ ନୁହେଁ । ପୂର୍ବ ବର୍ଷ ତୁଳନାରେ ମାତ୍ର ୬.୨୫% ବୃଦ୍ଧି ହୋଇଥିବା ବେଳେ ମୁଦ୍ରାସ୍ଫୀତିକୁ ୮% ହାରରେ ବିଚାରକୁ ନେଲେ, ବଜେଟ ପରିମାଣ ବୃଦ୍ଧି ହୋଇନାହିଁ ବରଂ ଦୁଇ ପ୍ରତିଶତ ହ୍ରାସ ପାଇଛି ।

ସରକାରଙ୍କ ଆୟ କମୁଛି, ତେଣୁ ଋଣ ଭାରରେ ଓଡିଶାକୁ ବୁଡାଉଛନ୍ତି । ନବୀନ ବାବୁ ରାଜ୍ୟର ଦାୟିତ୍ୱ ନେବା ପରେ ରାଜ୍ୟର ବିପର୍ଯ୍ୟସ୍ତ ଆର୍ଥିକ ସ୍ଥିତିକୁ ସୁଧାର କରି ଓଡିଶାକୁ ଏକ ଆର୍ଥିକ ଶୃଙ୍ଖଳା ରାଜ୍ୟରେ ପରିଣତ କରିଥିଲେ । ବର୍ତ୍ତମାନର ସରକାର କେବଳ ଋଣ କରି ରାଜ୍ୟର ଆର୍ଥିକ ସ୍ଥିତିକୁ ଆଉଥରେ ବିପଦ ଆଡକୁ ଠେଲି ଦେଉଛନ୍ତି । ମାତ୍ର ୩ଟି ବଜେଟରେ ବର୍ତ୍ତମାନର ସରକାର ପ୍ରାୟ ୧.୩୮ ଲକ୍ଷ କୋଟି ଋଣ କଲେଣି । ସରକାର ଋଣ ଉପରେ ନିର୍ଭର *(ଶେଷ ପୃଷ୍ଠା ଦେଖନ୍ତୁ)*

## ୫ ଲକ୍ଷ ଟଙ୍କା ଲାଞ୍ଚ ନେଇ ବିଜେପି ବିଧାୟକ ଗିରଫ

**ବେଙ୍ଗାଲୁରୁ,୨୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଜେପି ଟିକେଟରେ କର୍ଣ୍ଣାଟକାର ଶିରାହାଟିରୁ ଜିତି



ବିଧାୟକ ହୋଇଥିବା ଚନ୍ଦ୍ରୁ ଲାମନି ୫ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଧରାପଡିଛନ୍ତି । ସମ୍ଭବତଃ ପ୍ରଥମଥର ପାଇଁ କୌଣସି ରାଜନେତା ମୋଟା ଅଙ୍କର ଲାଞ୍ଚ ନେଉଥିବା ବେଳେ ରଙ୍ଗେ ହାତ ଧରାପଡିଛନ୍ତି ।

ସେ ମୋଟ ୧୧ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ । ହେଲେ ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ ଟଙ୍କା ନେବା ବେଳେ ତାଙ୍କୁ ରଙ୍ଗେ ହାତ ଧରା ଯାଇଛି । ଏହାପରେ ତାଙ୍କୁ ଗିରଫ କରାଯାଇଛି । ଲୋକାୟୁକ୍ତ ଅଧିକାରୀମାନେ କହିଛନ୍ତି ଯେ ଲମାନିଙ୍କୁ ପ୍ରଥମେ ଲାଞ୍ଚ ନେବା ବେଳେ ଧରାଯାଇଥିଲା । ଏହାପରେ ତାଙ୍କୁ ଅଟକ ରଖାଯାଇଥିଲା । ଜେରା ପରେ ତାଙ୍କୁ ବିଧିବଦ୍ଧ ଭାବେ ଗିରଫ କରାଯାଇଛି । ଏହି ଲାଞ୍ଚ ମାମଲାରେ ବିଜେପି ବିଧାୟକଙ୍କ ୨ ଜଣ ବ୍ୟକ୍ତିଗତ ସହାୟକଙ୍କୁ ମଧ୍ୟ ଲୋକାୟୁକ୍ତ ଅଧିକାରୀମାନେ ହେପାଜତକୁ ନେଇଛନ୍ତି । ଲୋକାୟୁକ୍ତ ଅଧିକାରୀଙ୍କ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଶ୍ରୀମନ୍ଦିର ସୁରକ୍ଷା ନେଇ ବିଧାନସଭାରେ ଉଦ୍‌ବେଗ

**ଭୁବନେଶ୍ୱର,୨୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀମନ୍ଦିରରେ ଧଜିଆ ଉଡୁଛି ନିୟମ, ଜଳକା ସାଜିଛି ପ୍ରଶାସନ । ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଆଇନମନ୍ତ୍ରୀଙ୍କୁ ବିଜେଡି ବିଧାୟକ ପ୍ରତାପ ଦେବ ପଚାରିଥିବା ଅଣତାରକା ପ୍ରଶ୍ନରେ ଲିଖିତରେ ଉତ୍ତର ରଖିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ରିପୋର୍ଟ ଅନୁସାରେ, ଜୁନ ୨୦୨୪ରୁ



ବର୍ତ୍ତମାନ ସୁଦ୍ଧା ଶ୍ରୀମନ୍ଦିର ଉପରେ ୧୦ ଥର ବେଆଇନ ଭାବେ ଉଡ଼ିଛି ଡ୍ରୋନ । ୧୦ଟି ମାମଲା ରୁଜୁ କରାଯାଇଥିବାବେଳେ ୨ଟି ମାମଲାରେ ଫାଇନାଲ ଫର୍ମ ପ୍ରଦାନ କରାଯାଇଛି । *(ଶେଷ ପୃଷ୍ଠା ଦେଖନ୍ତୁ)*

### ଶ୍ରୀମନ୍ଦିର ହୁଣ୍ଡିରୁ ୧୮ କୋଟି

ଗତବର୍ଷ ଶ୍ରୀଜଗନ୍ନାଥ ମନ୍ଦିର ହୁଣ୍ଡିରୁ ୧୮ କୋଟି ୫୯ ଲକ୍ଷ ୨୩ ହଜାର ଟଙ୍କା ସଂଗ୍ରହ ହୋଇଛି । ଆଜି ବିଧାନସଭାରେ ଏ ନେଇ ଲିଖିତ ଉତ୍ତର ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରଜ ହରିଚନ୍ଦନ । ମନ୍ତ୍ରୀ କହିଛନ୍ତି ଭକ୍ତମାନେ ୩ କେଜି ୪୪୧ ଗ୍ରାମ ମିଶ୍ରିତ ସୁନା ଦାନ କରିଛନ୍ତି । ୩୩ କେଜି ୬୪୮ ଗ୍ରାମ ମିଶ୍ରିତ ରୁପା ଅଳଙ୍କାର ଦାନ କରିଛନ୍ତି । ୧୯୮୧ ମସିହାରୁ ୨୦୨୪-୨୫ ମସିହା ସୁଦ୍ଧା ୫୮ କେଜି ୩୧୭ ଗ୍ରାମ ସୁନା ହୁଣ୍ଡିରୁ ସଂଗ୍ରହ କରାଯାଇଛି ଏବଂ ରୁପା ଦାନ ହୁଣ୍ଡିରୁ ୧୫୮ କେଜି ୮୩୬ ଗ୍ରାମ ରୁପା ସଂଗ୍ରହ ହୋଇଛି । ୨୦୧୧ରୁ ୨୦୨୪-୨୫ ମସିହା ଭିତରେ ହୁଣ୍ଡି ଓ ଅନ୍ୟାନ୍ୟ ଦାନରୁ ୩୦୪ କୋଟି ୫୭ ଲକ୍ଷ ସଂଗ୍ରହ ହୋଇଛି ।

## ବାହା ହେବାକୁ ଯାଇଥିଲେ ଶିଶୁପାଳ ହୋଇ ଫେରିଲେ

**ନୁହ,୨୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

ବାହା ହେବାକୁ ଗୋଡ ଟେକି ବସିଥିବା ତଥାକଥିତ ଗୋ-ରକ୍ଷାକାରୀ ବିଟ୍ଟୁ ବଜରଙ୍ଗୀ ହୋଇଛନ୍ତି ଠକାମୀର ଶିକାର । ଜଣେ ବ୍ୟକ୍ତି ତାଙ୍କୁ ବାହା ଘରର ଲୋଭ ଦେଖାଇ ୩୦ ହଜାର ଟଙ୍କାର ଚୂନ ଲଗାଇ ଦେଇଛି । ଏଥିସହ ବାହା ହେବାକୁ ବରଯାତ୍ରୀ ନେଇ ଯାଇଥିବା ସାଂପ୍ରଦାୟିକ



ହିଂସାର ଅଭିଯୁକ୍ତ ବଜରଙ୍ଗୀଙ୍କୁ ଶିଶୁପାଳ ହୋଇ ଫେରିବାକୁ ପଡିଛି ।

ବିଟ୍ଟୁ ବଜରଙ୍ଗୀ ଦେଇଥିବା ଏଫଆଇଆର ଆଧାରରେ ପୁଲିସ୍ ମୁଖ୍ୟ ଅଭିଯୁକ୍ତ ଓ ତା' ସହଯୋଗୀମାନଙ୍କ ବିରୋଧରେ ମାମଲା ରୁଜୁ କରିଛି । ବଜରଙ୍ଗୀ ଜଣେ ହିଂସା ଅଭିଯୁକ୍ତ । ୨୦୨୩ ମସିହା ହରିୟାଣାର ନୁହଠାରେ ଘଟିଥିବା ସାଂପ୍ରଦାୟିକ ହିଂସାରେ ବଜରଙ୍ଗୀ ସାମିଲ ଥିବା ଅଭିଯୋଗ ରହିଛି । ଏପରି ସେ ଏକଦା ଗିରଫ ମଧ୍ୟ ହୋଇଥିଲେ । ଜେଲରୁ ପରବର୍ତ୍ତୀ ଅବସ୍ଥାରେ ଜାମିନରେ ମୁକୁଳି ଥିଲେ ।

ହିଂସା ଅଭିଯୁକ୍ତ ବଜରଙ୍ଗୀ ବାହା ହେବାକୁ ଚାହୁଁଥିଲେ । ଏକଥା ସେ ନିଜର ପଡୋଶୀଙ୍କ ସମ୍ପର୍କୀୟ ବଣ୍ଟିକୁ ଜଣାଇବା ସହ ତାଙ୍କ ପାଇଁ ଗୋଟିଏ ଭଲ ଝିଅ ବୁଝି ଦେବାକୁ କହିଥିଲେ । ବଣ୍ଟି ମଧ୍ୟ ବଜରଙ୍ଗୀଙ୍କ କଥାରେ ହଁ ମାରିଥିଲା । ଝିଅ ବୁଝି ସେ ଜଣାଇବ ବୋଲି ପ୍ରତିଶ୍ରୁତି ଦେଇଥିଲା ।

ବାହା ହେବାକୁ ଖାଲି ଛାଟିପିଟି ହେଉଥିବା ବଜରଙ୍ଗୀଙ୍କ ବିକଳକୁ ଦେଖି ବଣ୍ଟି ଏକଦା ରାଣୀ ନାମକ ଜଣେ ମହିଳାଙ୍କ ସହ ତାଙ୍କର ପରିଚୟ କରାଇଥିଲା । ଏହାପରେ ବଣ୍ଟି ଓ ରାଣୀ ମିଳିତ ଭାବେ ବଜରଙ୍ଗୀଙ୍କୁ ଝିଅ ଦେଖିବା ପାଇଁ ୩ଥର ଆଲିଗଡକୁ ଡାକିଥିଲେ । କିନ୍ତୁ ବଜରଙ୍ଗୀଙ୍କୁ କେହି ବି ପସନ୍ଦ ଆସି ନଥିଲେ । କିଛି ଦିନର ବ୍ୟବଧାନ ପରେ ବଣ୍ଟି ପୁଣି ଜଣେ ଯୁବତୀଙ୍କ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଅଳଭା ଓ ନୀଳକଣ୍ଠପୁରରେ ଅବୈଧ ବାଲି ଖନନ ଉପରେ କାର୍ଯ୍ୟାନୁଷ୍ଠାନ

**ପଟ୍ଟାମୁଣ୍ଡାଇ,୨୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ଅଳଭା ଓ ନୀଳକଣ୍ଠପୁର ବ୍ରାହ୍ମଣୀ ନଦୀରୁ ଅବୈଧ ବାଲି ଖନନ ଉପରେ ପ୍ରଶାସନ ଦ୍ୱାରା କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ନଦୀ ଶଯ୍ୟାରୁ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ଚାଲାଣକାରୀଙ୍କ ବିରୋଧରେ ଚଢ଼ଉ, ଯନ୍ତ୍ରପାତି ଜବତ ଏବଂ ଜୋରିମାନା ଆଦାୟ କରାଯାଉଛି । ପରିବେଶ ସୁରକ୍ଷା ପାଇଁ ଏହି ଅଭିଯାନ ଜାରି ରହିଛି, ଯାହା ଫଳରେ ନଦୀର ସ୍ଥିତି ଏବଂ ଆଖପାଖ ଅଂଚଳ ସୁରକ୍ଷିତ ରହିପାରିବକୁ ନେଇ ଶନିବାର କେନ୍ଦ୍ରାପଡ଼ା ଖଣି ବିଭାଗ, ପଟ୍ଟାମୁଣ୍ଡାଇ ତହସିଲ ବିଭାଗ ଓ ଆଦର୍ଶ ଥାନା ପକ୍ଷରୁ କରାଯାଇଥିଲା । ଏଥିନେଇ ଅସ୍ଥାୟୀ ରାସ୍ତାଗୁଡ଼ିକୁ ଭଙ୍ଗିଦିଆଯାଇଥିବା ସୂଚନା ମିଳିଛି । ଏହା ଫଳରେ ଅବୈଧ ବାଲି ପରିବହନ ଉପରେ ରୋକ ଲାଗିଛି । ଏଥିନେଇ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ ଦ୍ୱାରା ଉକ୍ତ ଅଂଚଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା ୧୬୩ ଜାରି କରାଯାଇଛି । ଏହା ଅନୁଯାୟୀ ଅନୁମତି ବିନା ଖନନ, ଯାତାୟାତ ଓ ସମାବେଶ ଉପରେ କଡ଼ା ନିଷେଧ ଲାଗୁ ହୋଇଛି । ନିୟମ ଉଲ୍ଲଂଘନ କରିଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି ।

ମାତ୍ର ଅମୃତମଣୋହି ବାଲି ଖାଦାନକୁ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ କାର୍ଯ୍ୟନୁଷ୍ଠାନ ନେଉନଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି । ଅମୃତମଣୋହି ଗ୍ରାମବାସୀ ଗତ ଜାନୁଆରି ୫ରେ ପଟ୍ଟାମୁଣ୍ଡାଇ ବ୍ଲକରେ ହୋଇଥିବା ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ । ହେଲେ ଅଦ୍ୟାବଧି ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲାନାହିଁ । ଫଳରେ ବାଲି ଚୋରା ଚାଲାଣକାରୀ ରୀତିମତ ବାଲି ଟ୍ରାକ୍ଟର ଏବଂ ହାଇୱା ଯୋଗେ ଜେସିପି ମେସିନ ସହାୟତାରେ ବାଲି ଉଠାଣ କରି ଚାଲାଣ କରି ଆସୁଛନ୍ତି । ଯାହା ଦ୍ୱାରା ଧୋୟାଂଚଳ ଅମୃତମଣୋହି ଅଣ୍ଟରା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହେଇ ପଡିଛି । *(ଶେଷ ପୃଷ୍ଠା ଦେଖନ୍ତୁ)*

## ପୁରୁଣା କଟକରେ ପୁଣି ବାଣ ବିସ୍ଫୋରଣ

**ହରଭଙ୍ଗା,୨୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣା କଟକ ଷ୍ଟେଟ୍ ବ୍ୟାଙ୍କ କଲୋନୀରେ ପୁଣି ବାଣ ବିସ୍ଫୋରଣ ଘଟିଛି । କିଛି ମାସ ତଳେ ବାଣ ବିସ୍ଫୋରଣ ଘଟି ଜଣେ ବ୍ୟକ୍ତିଙ୍କ ଜୀବନ ଚାଲିଯାଇଥିବାବେଳେ ବହୁ ସଂଖ୍ୟାରେ ସାଧାରଣ ଲୋକେ ଆହତ ହୋଇଥିଲେ । ଅନେକ ଘରଦ୍ୱାର ମଧ୍ୟ ବିସ୍ଫୋରଣରେ ଭାଙ୍ଗି ଯାଇଥିଲା । ପୁଲିସ୍ ଟ୍ରକ ଟ୍ରକ ବାଣ ଜବତ କରିଥିଲା । ବାଣ ବ୍ୟବସାୟୀ ଆଲୋକ ଦତ୍ତ କାଣ୍ଟିକୁ ପୁଲିସ୍ ଗିରଫ କରିଥିଲା ।

ଆଲୋକ ଜାମିନରେ ଆସିବା ପରେ ପୁଣି ବାଣ ବ୍ୟବସାୟ ଆରମ୍ଭ କରିଛି । ଆଜି ତାଙ୍କ ଘରର ଉପର ମହଲାରେ ଥିବା ବାଣଗୁଡିକ କୌଣସି କାରଣରୁ ବିସ୍ଫୋରଣ ହୋଇଥିଲା । ଫଳରେ ଲୋକେ ଭୟଭୀତ ହୋଇ ଏଣେ ତେଣେ ଦୌଡିଥିଲେ । ଖବର ପାଇ ପୁରୁଣା କଟକ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ବାଣ ବ୍ୟବସାୟୀ ଆଲୋକ ଦତ୍ତ କାଣ୍ଟିକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ଆଜିର *(ଶେଷ ପୃଷ୍ଠା ଦେଖନ୍ତୁ)*

### ୩୩ ପିଲାଙ୍କୁ ଯୌନ ନିର୍ଯାତନା

## ଦମ୍ପତିଙ୍କୁ ମିଳିଲା ମୃତ୍ୟୁଦଣ୍ଡ



**ଲକ୍ଷ୍ନୌ,୨୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଐତିହାସିକ ରାୟ ଦେଇଛନ୍ତି ଉତ୍ତର ପ୍ରଦେଶର ଗୋଟିଏ କୋର୍ଟ । ୩୩ ଜଣ ଛୋଟ ପିଲାଙ୍କୁ ଯୌନ ନିର୍ଯାତନା ଦେଇଥିବା ଜଣେ ଦମ୍ପତିଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏଥିସହ ସେମାନଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି । ଉତ୍ତର ପ୍ରଦେଶର ବାଣ୍ଡାରେ ଥିବା ସ୍ୱତନ୍ତ୍ର କୋର୍ଟର ବିଚାରପତି ପୋକସୋ ଆକ୍ଟରେ ଦମ୍ପତିଙ୍କୁ ଦୋଷୀ ସାବ୍ୟସ୍ତ କରି ରାୟ ଶୁଣାଇଛନ୍ତି । ଅଭିଯୁକ୍ତ ରାମଭବନ ଓ ତାଙ୍କ ପତ୍ନୀ ଦୁର୍ଗାବତୀଙ୍କୁ ପୋକସୋ ଆକ୍ଟର ବିଭିନ୍ନ ଦଫାରେ ଦୋଷୀ ସାବ୍ୟସ୍ତ କରାଯାଇଛି । ଏହା ମଧ୍ୟରେ ଅପ୍ରାକୃତିକ ଅପରାଧ, ଗମ୍ଭୀର ଯୌନ ଅପରାଧ, ଶିଶୁ ପର୍ଣ୍ଣଗ୍ରାଫି ଓ ଅପରାଧିକ ଷଡଯନ୍ତ୍ର ଆଦି ରହିଛି । କୋର୍ଟ ଦମ୍ପତିଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ପ୍ରତି ପୀଡିତାଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତି ପୂରଣ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅତିରିକ୍ତ ଭାବେ ଦୋଷୀ ସାବ୍ୟସ୍ତ ହୋଇଥିବା ଦମ୍ପତିଙ୍କ ଘରୁ ଜବତ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଶାର୍ଟଲେସ ବିକ୍ଷୋଭକୁ ପୋଲିସର ଜେନ ଜେଡ୍ ରଙ୍ଗ

**ନୂଆଦିଲ୍ଲୀ,୨୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀରେ ଚାଲିଥିବା ଏଆଇ ସମ୍ମିଳନୀ ବେଳେ ଯୁବ କଂଗ୍ରେସର କିଛି ସଦସ୍ୟ ଧସେଇ ପଶିବା ସହ ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ନାରାବାଜୀ କରିଥିଲେ । ସେମାନେ ପିନ୍ଧିଥିବା ଟି-ଶର୍ଟକୁ ଖୋଲି ନିଜର ଅସନ୍ତୋଷ ସମ୍ମିଳନୀର ଷ୍ଟେଜ ଉପରେ ପ୍ରଦର୍ଶନ କରିଥିଲେ ।

ଏପରି ବିକ୍ଷୋଭକୁ ଦିଲ୍ଲୀ ପୁଲିସ୍ ନେପାଳରେ ନିକଟରେ ଘଟିଥିବା ଭୟଙ୍କର ଜେନ ଜେଡ ଆନ୍ଦୋଳନ ସହ ତୁଳନା କରିଛି । ନେପାଳର ହିଂସାତ୍ମକ ଜେନ ଜେଡ ଆନ୍ଦୋଳନରୁ ଅନୁପ୍ରାଣିତ ହୋଇ କଂଗ୍ରେସର ଯୁବ ସଦସ୍ୟମାନେ ଏପରି ବିକ୍ଷୋଭ କରିଥିଲେ । ଏପରି ବିକ୍ଷୋଭ ପଛରେ ଭୟଙ୍କର ଷଡଯନ୍ତ୍ର ରହିଛି ବୋଲି ଦିଲ୍ଲୀ ପୁଲିସ୍ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଛି ।

ଗିରଫ ହୋଇଥିବା ଯୁବ କଂଗ୍ରେସର ସଦସ୍ୟଙ୍କ ରିମାଣ୍ଡ ଆବେଦନ ବେଳେ ପୁଲିସ କହିଛି ଯେ "ଏହା ଗୋଟିଏ ବିରାଟକାୟ ଷଡଯନ୍ତ୍ର ଯାହା ନେପାଳରେ ଘଟିଥିବା ଜେନ ଜେଡ ବିକ୍ଷୋଭରୁ ଅନୁପ୍ରାଣିତ । *(ଶେଷ ପୃଷ୍ଠା ଦେଖନ୍ତୁ)*

# ରାଜ୍ୟର ଅବକାରୀ ଆୟ ୧୪ ହଜାର କୋଟି ଟପିବ !

**ଭୁବନେଶ୍ୱର,୨୧।୨**
**ତଥ୍ୟ**

୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶା ସରକାର ୧୦୯୦୦ କୋଟି ଟଙ୍କାର ଅବକାରୀ ରାଜସ୍ୱ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି । ମଦ ଉପରେ ଲାଗୁଥିବା ଭାଟ୍ ସମେତ ଅନ୍ୟାନ୍ୟ ଟିକସକୁ ମିଶାଇଲେ ଏ ବାବଦରେ ରାଜକୋଷକୁ ପ୍ରାୟ ୧୪ ହଜାର କୋଟି ଟଙ୍କା ଆସିପାରେ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତବ୍ୟକ୍ତ କରୁଛନ୍ତି ।

ଓଡ଼ିଶା ସରକାର ଆସନ୍ତା ଆର୍ଥିକ ବର୍ଷରେ ୭୦ ହଜାର କୋଟି ଟଙ୍କାର ନିଜସ୍ୱ ଟିକସ ରାଜସ୍ୱ ସଂଗ୍ରହ କରିବା ଲାଗି ଯେଉଁ ଯୋଜନା ରଖିଛନ୍ତି ସେଥିରୁ ରାଜ୍ୟ ଜିଏସ୍‌ଟିରୁ ୨୯୫୦୦ କୋଟି ଓ ବିକ୍ରି କରରୁ ୧୬୦୦୦ କୋଟି ଟଙ୍କା ମିଳିବା ଲକ୍ଷ୍ୟ ରହିଛି । ଏହାପଛକୁ ତୃତୀୟ ସ୍ଥାନରେ ରହିଛି ସମ୍ଭାବ୍ୟ ଅବକାରୀ ରାଜସ୍ୱ । ଅବଶ୍ୟ ଆସନ୍ତା ଆର୍ଥିକ ବର୍ଷରେ ରାଜ୍ୟ ସରକାର ୭୧ ହଜାର କୋଟି ଟଙ୍କାର ନିଜସ୍ୱ ଅଣଟିକସ ରାଜସ୍ୱ ସଂଗ୍ରହ କରିବାର ଯେଉଁ ପରିକଳ୍ପନା କରିଛନ୍ତି ସେଥିରୁ ୫୩ ହଜାର କୋଟି ଟଙ୍କା ଖଣି ରୟାଲିଟିରୁ ଆସିବ ବୋଲି ଲକ୍ଷ୍ୟ ରହିଛି ।

ଓଡ଼ିଶାର ଅବକାରୀ ରାଜସ୍ୱ ବର୍ଷକୁ ବର୍ଷ ବଢ଼ିବାରେ ଲାଗିଥିବାବେଳେ ୧୯୫୬ ମସିହାରେ ପ୍ରଣୟନ କରାଯାଇଥିବା ଓଡ଼ିଶା ନିଶା ନିବାରଣ ଆଇନ୍ କିନ୍ତୁ କାର୍ଯ୍ୟକାରୀ ହେଉନାହିଁ । ଏହି ଆଇନ୍ କାର୍ଯ୍ୟକାରୀ ହେଲେ ଅବକାରୀ ରାଜସ୍ୱ ହ୍ରାସ ପାଇବାର ଆଶଙ୍କା ଥିବାରୁ ବିଭିନ୍ନ ରାଜନୈତିକ ଦଳ ନିଶାମୁକ୍ତ ଓଡ଼ିଶା କଥା କହୁଥିବାବେଳେ ସରକାରକୁ ଆସିବା ପରେ କିନ୍ତୁ ନିଶା ପ୍ରସାରଣରେ ମାତୁଛନ୍ତି ।




### କାଗଜ ପ୍ୟାକେଟ୍‌ରେ ମିଳିବ ମଦ

ଏଣିକି ଟେଟ୍ରା ପ୍ୟାକ୍‌ରେ ମିଳିବ ମଦ । କାଚ ବୋତଲ ପରିବର୍ତ୍ତେ ଟେଟ୍ରା ପ୍ୟାକର ବ୍ୟବହାର କରାଯିବ । ବିଧାନସଭାରେ ଉତ୍ତର ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ମନ୍ତ୍ରୀ କହିଛନ୍ତି, ଅବକାରୀ ନୀତି ଅନୁସାରେ କାଚ ବୋତଲର ପରିବର୍ତ୍ତନ କରାଯିବ । ଟେଟ୍ରା ପ୍ୟାକ୍ ବ୍ୟବହାରକୁ ଅନୁମତି ଦିଆଯାଇଛି, ଯାହା ପରିବେଶ ସୁରକ୍ଷା ପାଇଁ ଅନୁକୂଳ ମଧ୍ୟ ଅଟେ । ଏହା ସହିତ, ପରିବେଶ ସୁରକ୍ଷା ଦୃଷ୍ଟିକୋଣରୁ ସରକାର ସମସ୍ତ ସମ୍ପୃକ୍ତ ସଂସ୍ଥା/ବ୍ୟକ୍ତିମାନଙ୍କୁ କାଚ ବୋତଲର ପୁନଃ ବ୍ୟବହାର (ରିସାଇକ୍ଲି) ପାଇଁ ଉତ୍ସାହିତ କରୁଛି । ବିଧାନସଭାରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ପ୍ରଶ୍ନରେ ଏହି ଉତ୍ତର ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

୧୯୯୦ ବେଳକୁ ଓଡ଼ିଶାର ଅବକାରୀ ରାଜସ୍ୱ ପ୍ରାୟ ୩୬ କୋଟି ଟଙ୍କା ଥିବାବେଳେ ୧୯୯୫-୯୬ ବେଳକୁ ତାହା ବୃଦ୍ଧି ପାଇ ୮୦ କୋଟିରେ ପହଞ୍ଚିଥିଲା । ୨୦୦୦-୦୧ରେ ଓଡ଼ିଶାର ଅବକାରୀ ରାଜସ୍ୱ ପରିମାଣ ୧୩୫ କୋଟି ଥିବାବେଳେ ୨୦୨୩-୨୪ରେ ତାହା ୭୨୧୫ କୋଟି ଟଙ୍କାରେ ପହଞ୍ଚିଥିଲା । ୨୦୨୫-୨୬ ଲାଗି ଅବକାରୀରୁ ୯୭୫୪ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟ ରଖିଥିବାବେଳେ ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଏ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ଟପିଯାଇପାରେ । ତେବେ ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ମଧ୍ୟ ବଳକା ହୋଇପାରେ ବୋଲି ଆଶା କରାଯାଉଛି ।

ଓଡ଼ିଶାରେ ଏବେ ବର୍ଷକୁ ୪୦ କୋଟି ଲିଟରରୁ ଅଧିକ ବିଭିନ୍ନ କସମର ମଦ ସରକାରୀ ଲାଇସେନ୍ସ ପ୍ରାପ୍ତ ଦୋକାନ ମାଧ୍ୟମରେ ମଦୁଆମାନଙ୍କ ଚାହିଦା ପୂରଣ ଲାଗି ଯୋଗାଇ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୨ ଫେବୃଆରୀ ୨୦୨୬ । ରବିବାର




## ସ୍କୁଲ ପିଲାଙ୍କ ହାତରେ କୋଦାଳ ଧରେଇଲେ ଦିଦି

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ଶିକ୍ଷା ଅନୁଷ୍ଠାନମାନଙ୍କ ଗୁଡିକରେ ସରକାର ବଡ଼ ବଡ଼ ଅକ୍ଷରରେ ଦଣ୍ଡ ମୁକ୍ତ ଅଞ୍ଚଳ ଲେଖୁଥିବା ବେଳେ ଦଣ୍ଡ ଠୁ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆସିଛି ଗୋବିନ୍ଦ ରାମ ପାଟଣା ନାମରେ। ନିଆଳି ବ୍ଲକ ଅଁଳ ପଞ୍ଚାୟତ ଗୋବିନ୍ଦ ରାମ ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷୟିତ୍ରୀ ଏଲିନା ସାହୁ ବିଦ୍ୟାଳୟରେ ଶ୍ରେଣୀ ଗୃହରେ ପାଠ ପଢାଇବା ସମୟରେ ପାଠ ନ ପଢାଇ ବିଦ୍ୟାଳୟ ପରିସର ବଗିଚ଼ାରେ ଛାତ୍ରଛାତ୍ରୀଙ୍କୁ କାମରେ ଲଗାଇ ଥିଲେ, ତା ପୁଣି ଛୁଆଙ୍କ ହାତରେ କୋଦାଳ ଓ କତୁରୀ ଦେଇ। ସୂଚ଼ନା ଥାଉ କି ଛାତ୍ର ଜଣକ କୋଦାଳ ସହାୟତାରେ ମାଟି ଖୋସାଉ ଥିବା କଥା କହୁଥିବା ବେଳେ ଅଭିଯୋଗ ମୁତାବକ ଛାତ୍ର ଜଣକୁ ଦିଦି ବଗିଚ଼ାରେ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଧରା ଯିବା ପରେ ଦିଦି ନିଜ ମୁଣ୍ଡରୁ ଦୋଷ ତୁଟାଇ ଦେବାକୁ ଯାଇ ରୋଷେଇ କରିଥିବା ପାଚ଼ିକାଙ୍କ ନାମ କହିଥିଲେ। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୀତବାସ ଦାସଙ୍କୁ ପଚ଼ାରିବାରୁ ମୁଁ କିଛି ଜାଣିନାହିଁ ବୋଲି କହିଛନ୍ତି। ପ୍ରଧାନ ଶିକ୍ଷକ ବିଦ୍ୟାଳୟର ସମସ୍ତ ଦାୟିତ୍ୱରେ ରହିଥିବା ବେଳେ ତାଙ୍କ ବିଦ୍ୟାଳୟ ବଗିଚ଼ାରେ କାମ ହେଉଥିବା ବେଳେ ପ୍ରଧାନ ଶିକ୍ଷକ ଜାଣିପାରିଲେ ନାହିଁ କେମିତି। ଏମିତିକି ବିଦ୍ୟାଳୟର ଶିକ୍ଷୟିତ୍ରୀ ଏଲିନା ସାହୁ ଗଣମାଧ୍ୟମ ପ୍ରତିନିଧି ଭିଡିଓ ଉତ୍ତୋଳନ କରୁଥିବା ବେଳେ ତାଙ୍କୁ ବାରଣ କରୁଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ କୋଦାଳ ଓ ମାରଣାସ୍ତ୍ର ଧରିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱହୀନ ମନ୍ତବ୍ୟ ଓ ଶିକ୍ଷୟିତ୍ରୀଙ୍କ ଏଭଳି ବ୍ୟବହାରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚ଼ର୍ଚ୍ଚା ହେଉଛି। ଏ ନେଇ ନିଆଳି ବ୍ଲକ ଏବିଓଙ୍କୁ ପଚ଼ାରିବାରୁ ତଦନ୍ତ କରାଯିବ ବୋଲି କହିଛନ୍ତି।

## ରାସ୍ତା ଉପରୁ ଜବରଦଖଲ ଉଚ୍ଛେଦ ଦାବି

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ସୟା ପଞ୍ଚାୟତ ଅଧିନ ବାଉଁଶବାଗ ଗ୍ରାମର ସରକାରୀ ରାସ୍ତାକୁ ସେହି ଗ୍ରାମର କେତକ ବ୍ୟକ୍ତି ବେଆଇନ ଭାବେ ଜବରଦଖଲ କରିଛନ୍ତି। ଏସମ୍ପର୍କରେ ଗ୍ରାମର ସାରଦା ପ୍ରସନ୍ନ ନାୟକ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଜବରଦଖଲ ଉଚ୍ଛେଦ କରିବା ଦିଗରେ ବିହୀତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅଭିଯୋଗରୁ ପ୍ରକାଶଯେ, ବାଉଁଶବାଗ ଗ୍ରାମର ଶ୍ୟାମ ସୁନ୍ଦର ବେହୁରାଙ୍କ ସମେତ କେତକ ବ୍ୟକ୍ତି ସାରଦା ପ୍ରସନ୍ନ ନାୟକଙ୍କ ଘର ସମ୍ମୁଖରେ ଥିବା ସର୍ବସାଧାରଣ ରାସ୍ତା ଉପରେ ଏକ ପକ୍କାପିଲର ଓ ଟିଣଛପର ଗୃହ ନିର୍ମାଣ କରିଛନ୍ତି। ଯାହାଫଳରେ ସାରଦା ଓ ତାଙ୍କ ପରିବାର ଯାତାୟାତ କରିବାବେଳେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏଥିସହ ଲୋକମାନେ ମଧ୍ୟ ରାସ୍ତାରେ ଯାତାୟାତ କରିବାରେ ଅସୁବିଧାରେ ପଡୁଛନ୍ତି। ତହସିଲଦାର ଅଭିଯୋଗ ପାଇବା ପରେ ଅଭିଯୋଗ ଉପରେ ସର୍ଜମିନ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କୋହ୍ଲ ରାଜସ୍ୱ ନିରୀକ୍ଷକ ତଦନ୍ତ ପରେ ପ୍ଲଟ ନଂ ୧୩୫୩ ସାରଦାଙ୍କ ଘରବାଡି କିସମ ସମ୍ପାକୁ ଲାଗି ସରକାରୀ ପ୍ଲଟ ୧୩୫୫ ରାସ୍ତା ଉପରେ ଖୋଲା ଆଜିବେଷ୍ଟ ଗୃହ ନିର୍ମାଣ ହୋଇଛି। ଏହି ରାସ୍ତା ନଂ ୪-୩୮୧/୨୪-୨୫ରେ ଅବରୋଧ ମକଦ୍ଦମା ରୁଜୁହୋଇଛି ବୋଲି ତହସିଲଦାରଙ୍କୁ ରିପୋର୍ଟ ଦେଇଥିବା ଜଣାପଡିଛି। ପରେ ତହସିଲଦାରଙ୍କ କାର୍ଯ୍ୟାଳୟ ମୋକଦ୍ଦମା ନଂ ୩୮୧/୨୪-୨୫ରେ ଜବରଦଖଲରୁ ଓହରିଯିବାକୁ ନୋଟିସ ଜାରି କରାଯାଇ ତିନିଦିନ ଭିତରେ ଜାଗାକୁ ଅବରୋଧ ମୁକ୍ତକରା ନଗଲେ ନିୟମ ଅନୁସାରେ ସେହି ଜାଗାରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଦର୍ଶାଯାଇଛି। ନୋଟିସ ଜାରିର ବହୁଦିନ ପରେବି ନୋଟିସର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିନଥିବା ଜଣାଯାଇଛି। ତେବେ ଏସମ୍ପର୍କରେ ତହସିଲଦାର ଜୟଦ୍ରଥ ଆଚ଼ାର୍ଯ୍ୟଙ୍କୁ ପଚ଼ାରିବାରୁ ଯଥାଶୀଘ୍ର ଜବର ଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଛତ୍ରପୁର ପୌରପାଳିକାରେ ମିଶ୍ରଣକୁ ନେଇ ବିରୋଧ




**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ଛତ୍ରପୁର ପୌରପାଳିକା ଗଠନକୁ ନେଇ ବିବାଦ ଲାଗିରହିଛି। ଗୋଟିଏ ପଟେ ଛତ୍ରପୁର ପୌରପାଳିକାରେ ଆର୍ଯ୍ୟପଲ୍ଲୀ, କଣମଣା, ପୋଡାପଦର, ଅଗସ୍ତିନୂଆଗାଁ ଓ ଚ଼ିକଲଖଣ୍ଡି ଆଦି ୫ଟି ପଞ୍ଚାୟତକୁ ମିଶ୍ରଣ କରିବା ପାଇଁ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନର ମନମୁଖୀ କାର୍ଯ୍ୟକୁ ପଞ୍ଚାୟତବାସୀ ଘୋର ବିରୋଧ କରୁଥିବା ବେଳେ ୫ଟି ପଞ୍ଚାୟତ ଅନ୍ୟ ଜନସାଧାରଣମାନେ ଏହି ପଦକ୍ଷେପକୁ ସ୍ୱାଗତ ଜଣାଇଛନ୍ତି। ଛତ୍ରପୁର ପୌରପାଳିକାରେ ପଞ୍ଚାୟତ ଗୁଡିକ ମିଶ୍ରଣକୁ ବିରୋଧ କରି ଆଜିକୁ ମିଶାଇ ୩ ଥର ଶହଶହ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରି ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଦାବି ଜଣାଇଛନ୍ତି। ଶୁକ୍ରବାର ଛତ୍ରପୁର ପୌରପାଳିକାରେ ୫ଟି ପଞ୍ଚାୟତ ମିଶ୍ରଣ ପ୍ରକ୍ରିୟାକୁ ବିରୋଧ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଶତାଧିକ ପଞ୍ଚାୟତବାସୀ। ଯଦି ଏଦିଗରେ ଜିଲ୍ଲା ପ୍ରଶାସନ ତଥା ସରକାର ୭ ଦିନ ମଧ୍ୟରେ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଗୋପାଳପୁର ପୋର୍ଟ, ଆଇଆରଇଏଲ୍ କମ୍ପାନି ବନ୍ଦ କରାଯିବା ସହ ଡୁବୁଲି ଛକ ରାସ୍ତାଘାଟ ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ପଞ୍ଚାୟତ ଗୁଡିକରେ ବିନା ପଲ୍ଲୀସଭା କିମ୍ବା ପୌରପାଳିକାରେ ଗ୍ରାମ ଗୁଡିକ ମିଶ୍ରଣ ହେଉଥିବା ନେଇ କୌଣସି ସୂଚ଼ନା ନଦେଇ ସିଧାସଳଖରେ ପୌରପାଳିକାରେ ୫ଟି ପଞ୍ଚାୟତକୁ ମିଶ୍ରଣ କରାଯାଇ ଓ୍ୱାର୍ଡ ଏବଂ ସଂରକ୍ଷଣ ତାଲିକା ପ୍ରକାଶ କରାଯାଇଥିବା ପ୍ରସଙ୍ଗକୁ ଆନ୍ଦୋଳନକାରୀ ତଥା ପଞ୍ଚାୟତବାସୀ ସରକାରଙ୍କ ମନମୁଖୀ ନୀତିକୁ ତୀବ୍ର ବିରୋଧ କରିଛନ୍ତି। ଏଣୁ ଛତ୍ରପୁର ପୌରପାଳିକା ତାଲିକାରୁ ଏହି ପଞ୍ଚାୟତ ଗୁଡିକୁ ତୁରନ୍ତ ବାଦ୍ ଦିଆଯାଉ। ପୌରପାଳିକା ଗଠନ ପ୍ରକ୍ରିୟାକୁ ସ୍ୱଚ୍ଛତା ସହ କରି ପ୍ରତି ପଞ୍ଚାୟତରେ ପଲ୍ଲୀସଭା ମାଧ୍ୟମରେ ଜନସାଧାରଣଙ୍କ ସହମତିକୁ ପ୍ରାଧାନ୍ୟ ଦେଇ ପୌରପାଳିକାରେ ସ୍ଥାନିତ କରାଯାଉ। ଅନ୍ୟଥାରେ ଚ଼ଞ୍ଚକତା ମଧ୍ୟରେ ତରବରିଆ ଭାବେ ପୌରପାଳିକାରେ ୫ଟି ପଞ୍ଚାୟତକୁ ମିଶ୍ରଣ କରାଯିବା ହୀନ ଚ଼କ୍ରାନ୍ତ ବୋଲି ଶହ ଶହ ମହିଳା ଓ ପୁରୁଷ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନର କାର୍ଯ୍ୟ ସମାଲୋଚ଼ନା କରିଥିଲେ। ଆନ୍ଦୋଳନକାରୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧଶେଇ ପସିଯାଉଥିବା ବେଳେ ପୋଲିସ ସହ ଧସ୍ତାଧସ୍ତି ମଧ୍ୟ ହୋଇଥିଲା। ପରେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ଆନ୍ଦୋଳନକାରୀମାନେ ଜିଲ୍ଲାପାଳଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚ଼ନା କରିବା ପାଇଁ ଏକା ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ସହ ଆଲୋଚ଼ନା କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଦାବିକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇ ଆଲୋଚ଼ନା କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନରୁ ଓହରିଥିଲେ। ଏହି ଆନ୍ଦୋଳନରେ ଛତ୍ରପୁର ବ୍ଲକ ଅଧକ୍ଷା କିରନ୍ କୁମାରୀ ଦାସ, ଶ୍ରମିକ ନେତା ଏସ୍.ଚ଼କ୍ରପାଣି ରେଡ୍ଡୀ, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ଭାଗିରଥି ବେହେରା, ନୀଳକଣ୍ଠ ଦାଶ, ଡି.ଆଦିନାରାୟଣ ରେଡ୍ଡୀ, ପୂର୍ବତନ ବିଧାୟକ ଏନ୍.ନାରାୟଣ ରେଡ୍ଡୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ, ପୂର୍ବତନ ସରପଞ୍ଚ ଡି.ରାମସ୍ୱାମୀ ରେଡ୍ଡୀ ଓ ଟି.କ୍ରିଷ୍ଣା ରେଡ୍ଡୀ, ପୂର୍ବତନ ନଗରପାଳ ରାମଚ଼ନ୍ଦ୍ର ବେହେରା, ଉତ୍କଳ ମହିଳା ସମିତିର ରାଜ୍ୟ ଉପସଭାନେତ୍ରୀ ଏନ୍.ଭାନୁମତି ରେଡ୍ଡୀ ଓ ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟିର ସଂପାଦକ ଏମ୍.ଦିଲ୍ଲୀପ, ସରପଞ୍ଚ ତ୍ରିଲୋଚ଼ନ ବେହେରା, କଣମଣା ସରପଞ୍ଚ ବି.ଦମୟନ୍ତୀ, ପୂର୍ବତନ ସମିତିସଭ୍ୟ ବି.ଭୀମସେନ, ଆର୍.ଗୋବିନ୍ଦ. ଟିକିନା ଗୌଡଓ କାଁହୁ ବେହେରାଙ୍କ ସମେତ ୫ଟି ପଞ୍ଚାୟତର ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ୧୭ଦଫା ଦାବି ନେଇ କେନ୍ଦୁପତ୍ର ତୋଳାଳିଙ୍କ ଧାରଣା



**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ କେନ୍ଦୁପତ୍ର ଗୋଦାମ ରାଗୋଳ ଠାରେ ୧୭ଦଫା ଦାବି ନେଇ କେନ୍ଦୁପତ୍ର ତୋଳାଳୀମାନେ ଗଣଧାରଣା ଦେଇଛନ୍ତି। କେନ୍ଦୁପତ୍ର ତୋଳାଳୀମାନଙ୍କର କେନ୍ଦୁପତ୍ର କେରି ପ୍ରତି ଦର ବୃଦ୍ଧି କରାଯିବା, କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ବନ୍ଦ୍ କରିବା, ବନ୍ଧେଇ ଶ୍ରମିକମାନଙ୍କ ପାଇଁ ବଣ୍ଡଲ୍ ପ୍ରତି ଦର ବୃଦ୍ଧି କରିବା ଓ ବିଭିନ୍ନ ଡିଭିଜନରେ ଖାଲି ପଡିଥିବା ସିଜିନାଲ୍ କର୍ମଚାରୀଙ୍କ ସ୍ଥାନ ପ୍ରମୋଶନ ଭିତ୍ତିରେ ପୂରଣ କରିବା ଆଦି ୧୭ଟି ଦାବିନେଇ କେନ୍ଦୁପତ୍ର କର୍ମଚାରୀ ସଂଘ ହିନ୍ଦୋଳ ପକ୍ଷରୁ କେନ୍ଦୁପତ୍ର ଗୋଦାମ ରାଗୋଳ ଠାରେ ଗଣଧାରଣା ଦିଆଯାଇଛି। ୧୭ ଦଫା ସମ୍ବଳିତ ଦାବୀ ପୂରଣରେ ସରକାରୀ ଅବହେଳା ପ୍ରତିବାଦ ସହ ଦାବି ପୂରଣ ପାଇଁ ଫେବୃଆରୀ ୨୦ ଓ ୨୧ ତାରିଖରେ ଗଣଧାରଣା ହେବ ବୋଲି ଜଣାପଡ଼ିଛି। ଏହି ଗଣଧାରଣାରେ ରାଗୋଳ ରେଞ୍ଜ ସଂପାଦକ ଅଖିଳ ସାମଲଙ୍କ ସହ ଅନ୍ୟକର୍ମଚାରୀ ଗଣଧାରଣାରେ ସାମିଲ୍ ହୋଇ ଦାବିଗୁଡ଼ିକ ପୂରଣ ନିମନ୍ତେ ସ୍ଲୋଗାନମାନ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଦାୟିତ୍ୱରେ ଥିବା କେନ୍ଦୁପତ୍ର ରେଞ୍ଜର ନିର୍ମଳ ଚନ୍ଦ୍ର ବିଶ୍ୱାଳଙ୍କୁ ପ୍ରଦାନ କରିଥିଲେ।

## ଧସିଲା କୋଲାବ ପୋଲ

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

ଧସିଲା ପୋଲ। କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ପଟ୍ରାଗୁଡ଼ା ଠାରୁ କଲାଗୁଡ଼ାକୁ ସଂଯୋଗ କରୁଥିବା ପୋଲ ଭାଙ୍ଗିଯାଇଛି। ଯାହାଫଳରେ ଉକ୍ତ ରାସ୍ତାରେ ଯାତାୟତ ଠପ ରହିଛି।

ଖବର ଅନୁଯାୟୀ, କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ପଟ୍ରାଗୁଡ଼ା ଠାରୁ କଲାଗୁଡ଼ାକୁ ସଂଯୋଗ କରୁଛି ଏକ ପୋଲ। ହେଲେ ହଠାତ୍ ଶନିବାର ପୋଲଟି ଦବିଯାଇଛି। କୋଲାବ ନାଳ ଉପରେ ନିର୍ମିତ ପୋଲ ବହୁ ପୁରୁଣା। ରକ୍ଷଣାବେକ୍ଷଣ ଅଭାବରୁ ପୋଲର ଏପରି ଅବସ୍ଥା ହୋଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ତେବେ ପୋଲ ଦବିବା ଯୋଗୁ ଉକ୍ତ ରାସ୍ତାରେ ଯାତାୟତ ଠପ୍ ରହିଛି। ପ୍ରଶାସନ ମଧ୍ୟ ସ୍ଥାନୀୟ ଲୋକଙ୍କୁ ନିବେଦନ କରିଛି।

## ଦେବଗଡରେ ବୁଲା କୁକୁର ଆତଙ୍କ

**ଦେବଗଡ: ଏକ୍ସପ୍ରେସ ନ୍ୟୁଜ୍**

ଦେବଗଡ ସହରରେ କୁକୁର ଆତଙ୍କ। ବୁଲା କୁକୁର ଲୋକଙ୍କୁ ଗୋଡାଇ ଗୋଡାଇ କାମୁଡୁଥିବା ନେଇ ଅଭିଯୋଗ ହୋଇଛି। ଛୋଟ ଛୁଆଠୁ ଆରମ୍ଭ କରି ବଡ଼ ଲୋକଙ୍କୁ ବି କାମୁଡି ଥିବା ନଜରକୁ ଆସିଛି। ଏହି ସମସ୍ୟାର ସମାଧାନ ପାଇଁ ପୌର ପରିଷଦ ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

ଦେବଗଡ ସହରରେ ମାଙ୍କଡ଼ ଉପଦ୍ରପଦ ନୀତି ଦିନିଆ ଘଟଣା। ମାଙ୍କଡ଼ ଆକ୍ରମଣରେ ପ୍ରତ୍ୟେକ ଦିନ କିଏ ନା କିଏ ଆହତ ହେଉଥିବା ବେଳେ ଏବେ ଷଣ୍ଢ ଏବଂ କୁକୁରଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଜିଲ୍ଲା ପ୍ରଶାସନ ଏଥି ପ୍ରତି ଧ୍ୟାନ ଦେବ ଜରୁରୀ। ପାଖାପାଖି ୧୦ରୁ ଉର୍ଦ୍ଧ୍ୱ ବୁଲା କୁକୁର କାମୁଡି ଥିବା ଅଭିଯୋଗ ହେଉଛି। ଏହାର ତୁରନ୍ତ ପଦକ୍ଷେପ ନିଆ ନଗଲେ ସହର ବହୁତ କୁକୁର ଆକ୍ରମଣରେ ଆହତ ହେବେ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚ଼ନା ହେଉଛି।

## ବିରୋଧୀଦଳର ନିର୍ବାଚ଼ିତ ଜନପ୍ରତିନିଧିଙ୍କୁ ବ୍ଲକ ପ୍ରଶାସନର ଅଣଦେଖା



**ବୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଏକୋଇଶିଟି ପଞ୍ଚାୟତକୁ ନେଇ ଗଠିତ ବୁଗୁଡା ପଞ୍ଚାୟତ ସମିତିର ନିର୍ବାଚ଼ିତ ବିରୋଧୀ ଦଳର ଜନପ୍ରତିନିଧିଗଣ ପ୍ରଶାସନିକ ଅଣଦେଖାର ଶିକାର ଯୋଗୁଁ ଅନେକ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଥିବା ସାଙ୍ଗକୁ ଅଞ୍ଚଳରେ କଦର୍ଯ୍ୟ ରାଜନୀତିର କୁପରିଣାମ ଲୋକେ ଭୋଗୁଥିବା ବେଳେ ଗତ ୧୯ ତାରିଖ ଦିନ ପ୍ରାକ୍ତନ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ବ୍ଲକ ବିଜେଡି ସଭାପତି ଖଦାଳ ଖଟେଇ ଓ ପ୍ରାକ୍ତନ ବ୍ଲକ ଅଧକ୍ଷ କିଶୋର ଚ଼ନ୍ଦ୍ର ବେହେରାଙ୍କ ସମେତ ବିରୋଧୀ ଦଳର କେତେକ ନିର୍ବାଚ଼ିତ ଜନପ୍ରତିନିଧି ବିଡିଓ ଦୁତିକୃଷ୍ଣ ପାତ୍ରଙ୍କୁ ସାକ୍ଷାତ କରିବା ଘଟଣା ରାଜନୈତିକ ମହଲରେ ହଟଚ଼ମଟ ସୃଷ୍ଟି କରିଥିବା ଜଣାଯାଇଛି। ସାକ୍ଷାତ କାଳରେ ପ୍ରାକ୍ତନ ମନ୍ତ୍ରୀ ନିର୍ବାଚ଼ିତ ଜନପ୍ରତିନିଧିଗଣଙ୍କୁ ଅଣଦେଖା କରି ଅଞ୍ଚଳର ବିକାଶରେ କାହିଁକି ବାଧକ ସାଜୁଛନ୍ତି ବୋଲି ବିଡିଓଙ୍କୁ ପ୍ରଶ୍ନ କରିବା ସହ ଜଣେ ସରକାରୀ ଅଧିକାରୀଙ୍କ ପକ୍ଷେ ଏହା ଆଦୌ ଶୋଭନୀୟ ନୁହେଁ ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ ଏଣିକି ଯଦି କୌଣସି ନିର୍ବାଚ଼ିତ ଜନପ୍ରତିନିଧି ପ୍ରଶାସନିକ ଅଣଦେଖାର ଶିକାର ହେବା ସହ ଗ୍ରାମାଞ୍ଚଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୁଏ ତେବେ ଉଚ୍ଚ ନ୍ୟାୟାଳୟ ଏବଂ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହେବା ସହ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇଥିଲେ। ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ଏନେଇ ପ୍ରଶାସନିକ ଅଣଦେଖାର ଶିକାର ହେଉଥିବା କେତେକ ନିର୍ବାଚ଼ିତ ଜନପ୍ରତିନିଧି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ ଗତ ସାଧାରଣ ନିର୍ବାଚ଼ନ-୨୦୨୪ ପରଠୁ ବ୍ଲକର ଗ୍ରାମାଞ୍ଚଳରେ ଯେକୌଣସି ଉନ୍ନତିମୂଳକ କାର୍ଯ୍ୟ, ରାସନ କାର୍ଡ ପ୍ରଦାନ, ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ, ଅନ୍ତୋଦୟ ଗୃହ ଯୋଜନା କ୍ଷେତ୍ରରେ ନିର୍ବାଚ଼ିତ ଜନପ୍ରତିନିଧିଙ୍କୁ ଅନ୍ଧାରରେ ରଖି କିଛି ସରକାରୀ କର୍ମଚ଼ାରୀ ଏବଂ ଦଲାଲ ମନମୁଖୀ କାର୍ଯ୍ୟ କରିଆସୁଥିବା

## ଥାନା ଆଗରେ ଡିଜେରେ କମ୍ପିଲା ବଜାର



**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ନିଆଳି ଥାନା ଅଧିନସ୍ତ ନୂଆ ଗାଁ ପଞ୍ଚାୟତରେ ପୂର୍ତ୍ତ ବିଭାଗର ୬୦ ନମ୍ବର ରାଜ୍ୟ ରାଜପଥରେ ୧୦ରୁ ଉର୍ଦ୍ଧ୍ୱ ଘରୋଇ ମଣ୍ଡପ ଥିବାବେଳେ ପ୍ରତ୍ୟେକ ଦିନ ବିବାହ ବ୍ରତ କାର୍ଯ୍ୟକ୍ରମ ରହୁଛି ମଣ୍ଡପଗୁଡିକରେ। ଏହି ମଣ୍ଡପକୁ ବିବାହ ପାଇଁ ଆସୁଥିବା ବିଭିନ୍ନ କାର୍ଯ୍ୟକ୍ରମରେ ରାଜପଥରେ ଥାନା ଆଗରେ ରାସ୍ତା ଅବରୋଧ କରି ଡିଜେ ସାଉଣ୍ଡରେ ଜଲାରପୁର ଠାରୁ ନୂଆ ଗାଁ ପର୍ଯ୍ୟନ୍ତ ଡିଜେ ବାଜୁଥିବା ବେଳେ ରାତି ୧୦ ପରେ ବାଜା ବଜାଇ ବାଣ ଫୁଟାଇ ଡିଜେର ତାଳେ ତାଳେ ମାତାଲ ହୋଇ ଯାଉଥିଲେ ମଧ୍ୟ ନିଆଳି ପୋଲିସ ଡିଜେ ଗାଡି ଓ ବାଣ ଫୁଟାଉ ଥିବା ଦେଖୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ନେଇ ଦେଖେଣାହାରୀ ସାଜୁଛନ୍ତି। ଓଡ଼ିଶାର ଉଚ୍ଚତମ ନ୍ୟାୟାଳୟ ଓ ଜିଲ୍ଲା ପ୍ରଶାସନ ଅତ୍ୟଧିକ ମାତ୍ରାରେ ସାଉଣ୍ଡ ହେବା ଡିଜେ ଓ ବାଣ ଉପରେ ରୋକ ଲଗାଇଥିବା ବେଳେ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ପୋଲିସକୁ କଡା ନିର୍ଦ୍ଦେଶନାମା ଜାରି କରାଯାଇଛି। ହେଲେ ଡିଜେ ଗାଡି ଉପରେ ନିଆଳି ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏମିତିକି ଘରୋଇ ମଣ୍ଡପ ମାଲିକ, ଡିଜେ ମାଲିକ ଓ ସ୍ଥାନୀୟ ପ୍ରଶାସନର ସହାଭାଗିତାରେ ବେଆଇନ ଡିଜେ ବାଜିବା, ରାତି ୧୦ ପରେ ବାଜା ବାଜିବା ଓ ଭୟଙ୍କର ଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟା ଯାଉଛି। ଯାହା ଉପରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏଥିପ୍ରତି କଟକ ଜିଲ୍ଲାପାଳ ଓ ଗ୍ରାମାଞ୍ଚଳ ଏସପି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

### ବାଣିଜ୍ୟ

## ଆମେରିକାର ୧୦% ଅସ୍ଥାୟୀ ଶୁଳ୍କ




**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାରସ୍ପରିକ ବାଣିଜ୍ୟ ନୀତି ଅନୁଯାୟୀ ଲାଗୁ ହୋଇଥିବା ପ୍ରମୁଖ ଶୁଳ୍କକୁ ଆମେରିକା ସୁପ୍ରିମକୋର୍ଟ ରଦ୍ଦ କରିବା ପରେ ଭାରତୀୟ ରପ୍ତାନିକାରୀଙ୍କୁ ତୁରନ୍ତ ଆଶ୍ୱସ୍ତି ମିଳିବ। ଯାହା ପ୍ରଶାସନକୁ ଏହାର ବ୍ୟାପକ ବାଣିଜ୍ୟ ରଣନୀତିକୁ ବଜାୟ ରଖିବା ପାଇଁ ବିକଳ୍ପ ଆଇନଗତ ବ୍ୟବସ୍ଥା ଅନୁଯାୟୀ ଅସ୍ଥାୟୀ ୧୦ ପ୍ରତିଶତ ଆମଦାନୀ ଶୁଳ୍କ ପ୍ରଚ଼ଳନ କରିବାକୁ ବାଧ କରିଛି।

୬-୩ ବହୁମତ ରାୟରେ, ଆମେରିକାର ସୁପ୍ରିମକୋର୍ଟ ଆନ୍ତର୍ଜାତୀୟ ଅର୍ଥନୈତିକ ଜରୁରୀକାଳୀନ କ୍ଷମତା ଆଇନ ଅଧୀନରେ ଲାଗୁ ହୋଇଥିବା ଶୁଳ୍କକୁ ରଦ୍ଦ କରିଛନ୍ତି। ନଅ ଜଣ ବିଚ଼ାରପତିଙ୍କ ମଧ୍ୟରୁ ଛଅ ଜଣ କହିଛନ୍ତି ଯେ ଆଇନ ରାଷ୍ଟ୍ରପତିଙ୍କୁ ଏପରି ବ୍ୟାପକ ଆମଦାନୀ ଶୁଳ୍କ ଲାଗୁ କରିବାକୁ ଅଧିକାର ଦେଇନାହିଁ। ଏହି ନିଷ୍ପତ୍ତି ଭାରତ ଭଳି ଅନେକ ବାଣିଜ୍ୟିକ ଅଂଶୀଦାରଙ୍କ ଉପରେ ଲାଗୁ ହୋଇଥିବା ୨୫ ପ୍ରତିଶତ ଶୁଳ୍କ ସମେତ ପୂର୍ବ ପାରସ୍ପରିକ ଶୁଳ୍କକୁ ପ୍ରଭାବଶାଳୀ ଭାବରେ ଅବୈଧ କରିଛି।

ଏହି ରାୟ ପରେ, ଟ୍ରମ୍ପ ପ୍ରଶାସନ ଯୁକ୍ତରାଷ୍ଟ୍ରରେ ପ୍ରବେଶ କରୁଥିବା ସାମଗ୍ରୀ ଉପରେ ଅସ୍ଥାୟୀ ୧୦ ପ୍ରତିଶତ ବିଜ୍ଞାପନ ମୂଲ୍ୟ ଆମଦାନୀ ଶୁଳ୍କ ଘୋଷଣା କରିଛି। ଏହି ଶୁଳ୍କ ଫେବୃଆରୀ ୨୪ ତାରିଖ ସକାଳ ୧୦:୩୧ରୁ ଭାରତୀୟ ମାନକ ସମୟ (ଆଇଏସଟି) ଠାରୁ କାର୍ଯ୍ୟକାରୀ ହେବ ଏବଂ କଂଗ୍ରେସ ଦ୍ୱାରା ବୃଦ୍ଧି କରାନଗଲେ ୧୫୦ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ।

ଏହି ପଦକ୍ଷେପ ୧୯୭୪ ମସିହାର ବାଣିଜ୍ୟ ଆଇନର ଧାରା ୧୨୨ ଅନୁଯାୟୀ ଲାଗୁ କରାଯାଇଛି। ଯାହା ଆମେରିକାର ରାଷ୍ଟ୍ରପତିଙ୍କୁ ୧୫ ପ୍ରତିଶତ ପର୍ଯ୍ୟନ୍ତ ଅସ୍ଥାୟୀ ଶୁଳ୍କ ଲାଗୁ କରିବାକୁ ଅନୁମତି ଦିଏ ଯାହା ଦ୍ୱାରା ପେମେଣ୍ଟର ଗୁରୁତର ସନ୍ତୁଳନ ନିଅଣ୍ଟକୁ ସମାଧାନ କରାଯାଇପାରିବ। ଯେଉଁଠାରେ ଆମଦାନୀ ରପ୍ତାନିକୁ ଯଥେଷ୍ଟ ଅଧିକ ତୁଳନାରେ ଅଧିକ। ଘରୋଇ ଅର୍ଥନୈତିକ ସ୍ଥିରତା ସୁନିଶ୍ଚିତ କରିବା ପାଇଁ କିଛି ଅତ୍ୟାବଶ୍ୟକୀୟ ସାମଗ୍ରୀକୁ ଛାଡ କରାଯିବ।

ଆମେରିକୀୟ ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରୀୟର କହିଛନ୍ତି ଯେ ଏହି ପଦକ୍ଷେପ ପ୍ରଶାସନର ବାଣିଜ୍ୟ ନୀତି ଲକ୍ଷ୍ୟ ହାସଲ କରିବାରେ ନିରନ୍ତରତା ସୁନିଶ୍ଚିତ କରିବ। ସେ ଏହା ମଧ୍ୟ ନିଶ୍ଚିତ କରିଛନ୍ତି ଯେ ୧୯୭୪ ମସିହାର ବାଣିଜ୍ୟ ଆଇନର ଧାରା ୩୦୧ ଅନୁଯାୟୀ ପ୍ରମୁଖ ବାଣିଜ୍ୟିକ ଅଂଶୀଦାରମାନଙ୍କ ଦ୍ୱାରା କଥିତ ଅନୁଚ଼ିତ ବାଣିଜ୍ୟ ଅଭ୍ୟାସଗୁଡ଼ିକର ତଦନ୍ତ ଆରମ୍ଭ କରାଯିବ। ଯେଉଁଥିରେ ଶିଳ୍ପ ଅତ୍ୟଧିକ କ୍ଷମତା, ବାଧ୍ୟତାମୂଳକ ଶ୍ରମ, ଔଷଧ ମୂଲ୍ୟ ନିର୍ଦ୍ଧାରଣ, ଡିଜିଟାଲ୍ ସେବା କର, ଆମେରିକୀୟ ପ୍ରଯୁକ୍ତିବିଦ୍ୟା ଫାର୍ମଗୁଡ଼ିକ ବିରୁଦ୍ଧରେ ପକ୍ଷପାତ ଏବଂ ସାମୁଦ୍ରିକ ଖାଦ୍ୟ, ଚ଼ାଉଳ ଏବଂ ଅନ୍ୟାନ୍ୟ କ୍ଷେତ୍ର ସହିତ ଜଡିତ ବାଣିଜ୍ୟ ଅଭ୍ୟାସ ଅନ୍ତର୍ଭୁକ୍ତ। ଚ଼ୀନ୍ ଉପରେ ଧାରା ୩୦୧ ଶୁଳ୍କ ୭.୫ ପ୍ରତିଶତରୁ ୧୦୦ ପ୍ରତିଶତ ଏବଂ ଧାରା ୨୩୨ କ୍ଷେତ୍ରୀୟ ଶୁଳ୍କ ୧୦ ପ୍ରତିଶତରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ସମେତ ଅନ୍ୟାନ୍ୟ ଆଇନଗତ ବ୍ୟବସ୍ଥା ଅନୁଯାୟୀ ଲାଗୁ ହୋଇଥିବା ଶୁଳ୍କ ବଳବତ୍ତର ରହିବ। ଯାହା ମୋଟ ଆମେରିକୀୟ ଆମଦାନୀର ପ୍ରାୟ ୩୦ ପ୍ରତିଶତକୁ କଭର କରିବ।

ବାଣିଜ୍ୟ ବିଶେଷଜ୍ଞମାନେ କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଭାରତୀୟ ରପ୍ତାନିକାରୀଙ୍କ ଉପରେ ପୂର୍ବରୁ ଲାଗୁ ହୋଇଥିବା ୨୫ ପ୍ରତିଶତ ପାରସ୍ପରିକ ଶୁଳ୍କ ବୋଝକୁ ହଟାଇ ଦେଇଛି। ଯାହା ଏମଏସଏମଇ ଏବଂ ବୟନଶିଳ୍ପ ଭଳି କ୍ଷେତ୍ରକୁ ତୁରନ୍ତ ଆଶ୍ୱସ୍ତି ପ୍ରଦାନ କରିବ। ଗ୍ରାଣ୍ଟ ଥର୍ଟନ୍ ଭାରତର ପାର୍ଟନର ମନୋଜ ମିଶ୍ର କହିଛନ୍ତି ଯେ ଉଚ୍ଚ ଶୁଳ୍କ ହଟାଇବା ଦ୍ୱାରା ମୂଲ୍ୟ-ସମ୍ବେଦନଶୀଳ ଆମେରିକା ବଜାରରେ ପ୍ରତିଯୋଗିତାମୂଳକତାକୁ ଉନ୍ନତ କରିବା ସହିତ ଭାରତୀୟ ରପ୍ତାନିକାରୀମାନେ ଯଥେଷ୍ଟ ଲାଭ ପାଇବେ।



### ସିନେମାଫିନେମା ଟିଭିଫିଭି

## 'ଭଗବାନ କୃଷ୍ଣ ଯେଉଁଠାରେ ଜନ୍ମ ହୋଇଥିଲେ ସେଠାରେ ରହିଥିଲି'

'ମୁଁ ଯେଉଁଠାରେ ଭଗବାନ କୃଷ୍ଣଙ୍କ ଜନ୍ମ ହୋଇଥିଲେ ସେଠାରେ ରହିଥିଲି' କୋଟି କୋଟି ଟଙ୍କାର ଠକେଇ ମାମଲାରେ ଜେଲରେ ରହିବା ପରେ ଶୁକ୍ରବାର ଉଦୟପୁର ଜେଲରୁ ବାହାରକୁ ଆସିବା ପରେ ଚ଼ଳଚ୍ଚିତ୍ର ନିର୍ମାତା ବିକ୍ରମ ଭଟ୍ଟ ଏହି କଥା କହିଥିଲେ।

ଜେଲ ପରିସର ବାହାରେ ପ୍ରେସ୍ ସହିତ କଥାବାର୍ତ୍ତା ସମୟରେ, ୫୭ ବର୍ଷୀୟ ଚ଼ଳଚ୍ଚିତ୍ର ନିର୍ମାତା କହିଛନ୍ତି, 'ମୁଁ ଜେଲରେ ଅଢେଇ ମାସ ବିତାଇଛି। ମୁଁ କେବଳ ଆଶାବାଦୀ ଥିଲି ନାହିଁ, ବରଂ ସମ୍ପୂର୍ଣ୍ଣ ବିଶ୍ୱାସ ମଧ୍ୟ କରିଥିଲି ଯେ ଏଠାକାର ଆଇନ ଏବଂ ବ୍ୟବସ୍ଥା, ସତ୍ୟ ନିଶ୍ଚିତ ଭାବରେ ବାହାରକୁ ଆସିବ। ମୁଁ ଜେଲରେ ଜଣେ ବନ୍ଧୁ ପାଇଲି, ଯିଏ ମୋତେ ମେଓ୍ୱାର ମାଟିର ପ୍ରକୃତି ବିଷୟରେ କହିଥିଲେ। ସେ ମୋତେ କହିଥିଲେ ଯେ ମେଓ୍ୱାର ମାଟିରେ ସତ୍ୟ ବିଚ଼ଳିତ ହୋଇପାରେ, କିନ୍ତୁ ଏହାକୁ ପରାସ୍ତ କରାଯାଇପାରିବ ନାହିଁ। ମୁଁ ମେଓ୍ୱାରର ସେହି ମାଟିର ତିଳକ ଲଗାଇ ଏଠାରୁ ଯାଉଛି, ସତ୍ୟ ଏଠାରେ ସର୍ବଦା ବିଜୟୀ ରହିବ।' ଭଟ୍ଟ ଜେଲରେ ତାଙ୍କ ସମୟକୁ ଦର୍ଶନର ଏକ ଚ଼ିମୁଟା ସହିତ ପ୍ରତିଫଳିତ କରିଥିଲେ, ଉଲ୍ଲେଖ କରିଥିଲେ ଯେ ଭଗବାନ କୃଷ୍ଣ ଜେଲରେ ଜନ୍ମ ହୋଇଥିଲେ।

ଏହା ହେଉଛି ପଞ୍ଚଧାମ (ପଞ୍ଚମ ଧାମ)। ମୁଁ ଭଗବାନ କୃଷ୍ଣଙ୍କର ଜଣେ ଭକ୍ତ। ମୁଁ ସେହି ସ୍ଥାନରେ ରହୁଥିଲି ଯେଉଁଠାରେ ଭଗବାନ କୃଷ୍ଣ ଜନ୍ମ ହୋଇଥିଲେ। ବୁଝନ୍ତୁ ଯେ ମୁଁ ପୂର୍ବ ଅପେକ୍ଷା ଦୁଇଗୁଣ ଭଲ ଭାବରେ ବାହାରକୁ ଆସୁଛି। ଭଗବାନ କୃଷ୍ଣଙ୍କ ପରି, ମୋତେ ଏକ ନୂତନ ଯୁଦ୍ଧ ଲଢ଼ିବାକୁ ପଡିବ। ମୁଁ ଆଇନ ଏବଂ ଶୃଙ୍ଖଳା ବିଷୟରେ ଅଧିକ କିଛି କହିବାକୁ ଚ଼ାହୁଁନାହିଁ। ମୋର ଏହି ଦେଶର ଆଇନ ବ୍ୟବସ୍ଥା ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି। ଯାହା ନ୍ୟାୟ ଦିଆଯିବ ତାହା ସମସ୍ତଙ୍କ ସ୍ୱାର୍ଥରେ ହେବ। ହିନ୍ଦୁ ପୌରାଣିକ କଥା ଅନୁଯାୟୀ, ଭଗବାନ କୃଷ୍ଣ ମଧ୍ୟରାତ୍ରିରେ ଉତ୍ତର ପ୍ରଦେଶର ମଥୁରାର ଏକ କାଳକୋଠରୀରେ ଦେବକୀ ଏବଂ ବାସୁଦେବଙ୍କ ଔରସରେ ଜନ୍ମଗ୍ରହଣ କରିଥିଲେ। ରାଜା କଂସଙ୍କ ଅତ୍ୟାଚ଼ାରର ଅନ୍ତ କରିବା ପାଇଁ ସେ ଜନ୍ମଗ୍ରହଣ କରିଥିଲେ, ଯିଏ ତାଙ୍କ ପିତାମାତାଙ୍କୁ ବନ୍ଦୀ କରିଥିଲେ।

ଇନ୍ଦିରା ଆଇଭିଏଫ୍ ମାଲିକ ବ୍ୟବସାୟୀ ଅଜୟ ମୁର୍ଡିଆଙ୍କ ଦ୍ୱାରା ଏକ ଏଫଆଇଆର ଦାୟର ହେବା ପରେ ଡିସେମ୍ବର ୨୦୨୫ରେ ରାଜସ୍ଥାନ ପୋଲିସ ଦ୍ୱାରା ଭଟ୍ଟ ଏବଂ ତାଙ୍କ ପତ୍ନୀ ଶ୍ୱେତାମ୍ବରୀଙ୍କୁ ମୁମ୍ବାଇରୁ ଗିରଫ କରାଯାଇଥିଲା। ମୁର୍ଡିଆ ଅଭିଯୋଗ କରିଥିଲେ ଯେ ଭଟ୍ଟ ଏବଂ ତାଙ୍କ ପତ୍ନୀ ତାଙ୍କୁ ଉଚ୍ଚ ଲାଭର ପ୍ରତିଶ୍ରୁତି ଦେଇ ତାଙ୍କ ସ୍ୱର୍ଗତ ପତ୍ନୀଙ୍କ ବାୟୋପିକରେ ୩୦ କୋଟି ଟଙ୍କାରୁ ଅଧିକ ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ।

## କାମରେ ଲାଗୁନି ଶିକ୍ଷକଙ୍କୁ ଦିଆଯାଇଥିବା ଟ୍ୟାବ୍

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

କୋରାପୁଟ ଜିଲ୍ଲା କାମରେ ଲାଗୁନି ସରକାରୀ ବିଦ୍ୟାଳୟକୁ ଦିଆଯାଇଥିବା ଟ୍ୟାବ୍। କିଏ ଘରେ ପକାଇ ରଖିଛନ୍ତି ତ ଆଉ କିଏ ବିଦ୍ୟାଳୟ ଆଲମାରିରେ। ୩ ବର୍ଷ ତଳେ ଡିଜିଟାଲ ଶିକ୍ଷଣ ପ୍ରଣାଳୀରେ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟକୁ ଗୋଟିଏ ଲେଖାଏଁ ଟ୍ୟାବ୍ ଦିଆଯାଇଥିଲା। ଏହି ଯୋଜନା ତ୍ୱରାନ୍ୱିତ କରାଯାଇନଥିବାରୁ ଟ୍ୟାବ୍ ଏବେ ଖେଳନା ଭଳି ପଡିରହିଛି। ତତ୍କାଳୀନ ସରକାର ନୂଆ ଯୋଜନା ଆରମ୍ଭ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ କିପରି ଡିଜିଟାଲ ଶିକ୍ଷଣ ପ୍ରଣାଳୀରେ ଗଣିତ, ଭାଷା ଓ ୟୁଟ୍ୟୁବରୁ ବିଭିନ୍ନ ଶିକ୍ଷାଲାଭ କରିବେ, ତାହାର ଏହାର ମୂଳ ଲକ୍ଷ୍ୟ ଥିଲା। ଏଥିଲାଗି ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟକୁ ଗୋଟିଏ ଲେଖାଏଁ ଟ୍ୟାବ୍ ଦିଆଯାଇଥିଲା। ଯେଉଁ ସ୍କୁଲରେ ଟିଭି ରହିଛି, ସେଥିରେ ଟ୍ୟାବ୍ ସଂଯୋଗ କରି ପିଲାଙ୍କୁ ଶିକ୍ଷା ଦେବାକୁ କୁହାଯାଇଥିଲା। ଟ୍ୟାବ୍ ମିଳିବାରୁ ଶିକ୍ଷକମାନେ ଖୁସି ହୋଇଯାଇଥିଲେ। ହେଲେ ଏଥିରେ ଏଭଳି ବ୍ୟବସ୍ଥା ଥିଲା ଯେ ଅନ୍ୟ ଟ୍ୟାବ୍ ଭଳି ହ୍ୱାଟ୍ସଆପ ଓ ଫେସବୁକ ବ୍ୟବହାର କରାଯାଇପାରିବ ନାହିଁ। ଏକ ସ୍ୱତନ୍ତ୍ର ଆପ ଦିଆଯାଇଥିଲା। ସେଥିରୁ ହିଁ ଗଣିତ ଓ ଭାଷା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପଢାଯାଇପାରିବ। ଟ୍ୟାବ ପାଇବାର କିଛି ଦିନ ଏହାକୁ କୋରାପୁଟ ଜିଲ୍ଲାର ୧୪ଟି ବ୍ଲକରେ ଅଞ୍ଚଳର କିଛି ଶିକ୍ଷକ ବ୍ୟବହାର କଲେ। ପରେ ବିଭିନ୍ନ କାରଣରୁ ଏହା ପଡି ରହିଲା। ଜଣେ ଶିକ୍ଷକ କହିଛନ୍ତି, ଏହାକୁ ବ୍ୟବହାର କରିବା ସମ୍ପର୍କରେ ଶିକ୍ଷକମାନଙ୍କୁ ତାଲିମ୍ ଦିଆଯାଇନଥିଲା। ଘରକୁ ନେବା ଆଣିବାରେ ସମସ୍ୟା ହେଲା। ସୁରକ୍ଷା ନଥିବାରୁ ବିଦ୍ୟାଳୟରେ ରଖି ପାରିଲେନି। ସବୁଠୁ ବଡ ସମସ୍ୟା ହେଲା, ଗୋଟିଏ ଛୋଟିଆ ଟ୍ୟାବ୍‌ରେ ପିଲାଙ୍କୁ କିପରି ଶିକ୍ଷା ଦେବେ। ଦୂରରେ ରଖି ପିଲାଙ୍କୁ ଶିକ୍ଷା ଦେଇପାରିଲେନିକି ନିକଟରେ ୫ରୁ ଅଧିକ ପିଲାଙ୍କୁ ଠିଆ କରିପାରିଲେନି। ସେହିପରି ଅଧିକାଂଶ ବିଦ୍ୟାଳୟରେ ବିଦ୍ୟୁତ ନଥିବାରୁ ଚ଼ାର୍ଜିଙ୍ଗ ସମସ୍ୟା ହେଲା। ଏହାସହ ନେଟ୍ ପ୍ୟାକର ବ୍ୟବସ୍ଥା ମଧ୍ୟ ନାହିଁ। ଏ ସବୁ କାରଣରୁ ଶିକ୍ଷକମାନେ ଏହାକୁ ବ୍ୟବହାର କଲେନି। ଯାହାକି ଏବେ ରହି ରହି ନଷ୍ଟ ହୋଇଗଲାଣି।

# ନିର୍ମାଣ କାର୍ଯ୍ୟ ନିମ୍ନମାନର, ଛୋଟ ବ୍ରିଜ୍ ଉପରେ ବଡ଼ ଗର୍ତ୍ତ

**୨୧।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର ଗ୍ରାମାଞ୍ଚଳର ଲୋକଙ୍କ ଯାତାୟାତ ଗମନାଗମନ ସୁବିଧା ନିମନ୍ତେ ପକ୍କା ସଡ଼କ ନିର୍ମାଣ କରୁଛନ୍ତି । ଏଥି ନିମନ୍ତେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରୁଥିବା ବେଳେ ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମିଳିତ ପ୍ରିୟାପ୍ରୀତି ତୋଷଣ ଯୋଗୁଁ ବିଭିନ୍ନ ସ୍ଥାନରେ ନିମ୍ନମାନର କାମ ହେଇଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ନିମ୍ନମାନର କାର୍ଯ୍ୟ ସହ ରାସ୍ତାରେ ନିର୍ମିତ ଛୋଟ ବ୍ରିଜ ବି ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁଁ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିବା ଦୃଶ୍ୟ ଦେଖିବାକୁ ମିଳିଛି ।



କନ୍ଧମାଳ ଜିଲ୍ଲା ଘୁମୁସର ଉଦୟଗିରି ବ୍ଲକ ଅନ୍ତର୍ଗତ କତିଙ୍ଗିଆ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନା ଅନ୍ତର୍ଗତ ଏନ୍‌ଏଚ୍ ଠାରୁ ପାଟଳିପାଙ୍ଗା ଭାୟା ଟିଆଙ୍ଗିଆ ଓ ଲାମୁଙ୍ଗିଆ ପର୍ଯ୍ୟନ୍ତ ନିର୍ମିତ ରାସ୍ତାର ଗୁଣବତ୍ତା ନେଇ ପ୍ରଶ୍ନ ଉଠିଛି । ୨୨୦.୭୫ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ୫ ବର୍ଷର ରକ୍ଷଣାବେକ୍ଷଣ ସହ ଏହି ୩.୬୮୫ କି.ମି. ରାସ୍ତା କାମ ୧୨/୦୪/୨୦୨୧ରୁ ଆରମ୍ଭ ହୋଇ ୧୧/୧/୨୦୨୨ରେ ଶେଷ ହୋଇଥିବା ସୂଚନାରେ ଉଲ୍ଲେଖ ରହିଛ । ଏହି ରାସ୍ତାରେ ମୋଟ ୧୫ଟି ଛୋଟ ବଡ଼ ପୋଲ ରହିଥିବାବେଳେ ଏନ୍‌ଏଚ୍ ଆରମ୍ଭ ସ୍ଥାନରୁ ଲାବୁରୀ ଯାଉଥିବା ପଥର ପ୍ରଥମ ଛୋଟ ପୋଲଟିରେ ରାସ୍ତା ମଝିରେ ଭାଙ୍ଗି ବଡ଼ ଗର୍ତ୍ତ ସୃଷ୍ଟି ହୋଇଯାଇଛି । ଅଜାଣତରେ କେହି ଯଦି ସେପଟେ ଯିବ ତେବେ ବଡ ଦୁର୍ଘଟଣା ସୁନିଶ୍ଚିତ ।

ତେବେ ପୋଲର କଂକ୍ରିଟ ଭାଙ୍ଗି ଯାଇଥିବାରୁ ଭିତର ଲୁହା ରଡ୍ ବାହାରକୁ ଦେଖାଯାଉଛି, ଯାହା ନିମ୍ନମାନର କାମକୁ ସ୍ପଷ୍ଟ କରୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଦୁର୍ଘଟଣା ଆଶଙ୍କାକୁ ଦୃଷ୍ଟିରେ ରଖି କେହି ଜଣେ ସଚେତନ ବ୍ୟକ୍ତି ସେଠାରେ ଗଛର ଡାଳ ରଖି ଲୋକଙ୍କୁ ସତର୍କ କରିଥିବା ଦେଖାଯାଇଛି, ଯାହାଦ୍ୱାରା ଯାତ୍ରୀମାନେ ସେହି ସ୍ଥାନକୁ ଏଡ଼ାଇ ଯାତାୟତ କରିପାରିବେ । ଏହାସହ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଖସିଯାଇ ରାସ୍ତା ଖରାପ ହୋଇପଡ଼ିଛି । ତେଣୁ ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ପୋଲଟିକୁ ତୁରନ୍ତ ମରାମତି କରି ରାସ୍ତାର ନବୀକରଣ କରିବା ସହ ଲୋକଙ୍କ ଯାତାୟାତ ସୁବିଧା ସୁନିଶ୍ଚିତ କରିବାକୁ ସ୍ଥାନୀୟ ମହଲରୁ ଦାବି ହେଉଛି । ରକ୍ଷଣାବେକ୍ଷଣ ପାଇଁ ଅର୍ଥ ବ୍ୟୟ ବରାଦ ହେବା ସହ କାର୍ଯ୍ୟର ମୋଟ ଅଟକଳ ମୂଲ୍ୟରେ ଯୋଡି ହୋଇ ଠିକାଦାର ସେଇ ଅନୁସାରେ ଚୁକ୍ତି କରିବା ପରେ ମଧ୍ୟ କାର୍ଯ୍ୟ ସମାପ୍ତିର ଦୀର୍ଘ ବର୍ଷ ପରେ ମଧ୍ୟ ରାସ୍ତା ଖରାପ ହେବା ପରେ ମଧ୍ୟ କୌଣସି ରକ୍ଷଣାବେକ୍ଷଣ କାର୍ଯ୍ୟ ନହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସହ ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ଜଳଜଳ ଦୃଶ୍ୟମାନ ହେବା ସହ ବିଭାଗୀୟ ଅଧିକାରୀଙ୍କ ଠିକାଦାର ପ୍ରୀତିକୁ ନେଇ ଚର୍ଚ୍ଚା ଜୋର ଧରିଛି ।

## ଖବର ପ୍ରସାରଣ ପରେ ବିଧାୟକଙ୍କ ଅସ୍ଥାୟୀ ଗୃହ ହଟିଲା

**ନିଆଳୀ, ୨୧।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳୀ ଜଳ ସେଚନ ବିଭାଗ ଅଧୀନ ନିଆଳି ଡିଷ୍ଟ୍ରିବ୍ୟୁଟ କେନାଲ ବନ୍ଧ ଉପରେ ନିଆଳି ବିଧାୟକ ୩ ମାସରୁ ଉର୍ଦ୍ଧ୍ୱ ହେବ ଅସ୍ଥାୟୀ ଗୃହ କରି ଜବରଦଖଲ କରି ରଖିଥିଲେ । ଏମିତିକି ଉକ୍ତ କେନାଲ ବନ୍ଧ ଉପରେ ଟେଣ୍ଡର କରାଯାଇ ରାସ୍ତା କାମ କରାଯାଉଥିଲେ ସୁଧା ବିଧାୟକଙ୍କ ଘର ଯୋଗୁଁ କାମରେ ସମସ୍ୟା ଉପୁଜୁଥିଲେ ବି ବିଧାୟକଙ୍କ ବିରୁଦ୍ଧରେ ବିଭାଗୀୟ ଅଧିକାରୀ ମୁହଁ ଖୋଲୁନଥିଲେ । ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ



ପ୍ରଶାସନ ପକ୍ଷରୁ ବିଧାୟକଙ୍କୁ ଘର ଭାଙ୍ଗିବାକୁ ସୂଚନା ଦିଆଯାଇଥିଲା। ଗଣମାଧ୍ୟମରେ ଖବର ପ୍ରସାରଣ ପରେ ବିଧାୟକ ଲୋକ ଲଜ୍ୟା ଭୟରେ ଗୃହ ଉଚ୍ଛେଦ କରିଛନ୍ତି। ଏବେ ସାଧାରଣ ରେ ପ୍ରଶ୍ନ ଉଠୁଛି ବିଧାୟକ କାହିଁକି ଏ ପର୍ଯ୍ୟନ୍ତ ଗୃହ ଟିକୁ ଭାଙ୍ଗି ନ ନଥିଲେ । ବିଧାୟକଙ୍କର ଏଭଳି ନିଷ୍ପତି ଓ ଜୋର ଜବରଦସ୍ତି ସରକାରୀ ଜାଗାକୁ ଜବର ଦଖଲ କରିଥିବା ବେଳେ ସେହି ଜାଗାରେ ଗୋଟାଏ ସାଧାରଣ ଲୋକଙ୍କୁ କିଭଳି ଭାବରେ ନ୍ୟାୟ ପ୍ରଦାନ କରାଯିବ ।

## ୨୮ ସୁଦ୍ଧା ଧାନ ନ ଉଠିଲେ ଆନ୍ଦୋଳନ

**ପଦ୍ମପୁର, ୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପଦ୍ମପୁର ଉପଖଣ୍ଡରେ ମଣ୍ଡି ଖୋଲିବାର ୩ ମାସ ବିତିଯାଇଛି । ମାତ୍ର ଏବେ ବି ଚାଷୀ ମଣ୍ଡିରେ ଡେରାପକାଇ ସେମାନଙ୍କ ଧାନ କେବେ ଉଠିବ ସେହି ଚିନ୍ତାରେ ଦିନ ଗଣୁଛନ୍ତି । ଉପଖଣ୍ଡ ଯୋଗାଣ ଅଧିକାରୀ ସନ୍ତୋଷ କୁମାର ପଧାନଙ୍କ କହିବା ଅନୁଯାୟୀ, ପର୍ଯ୍ୟାପ୍ତ ଟ୍ୟାଗ୍ ବ୍ୟବସ୍ଥା ଚାଲିଛି । ୨/୪ ଦିନ ଭିତରେ ବ୍ୟବସ୍ଥାରେ ସୁଧାର ଆସିବ, ମିଲର୍ସଙ୍କୁ ଧାନ ଉଠାଇବା ପାଇଁ ଟ୍ୟାଗ୍ ଦିଆଯିବ । ଅପରପକ୍ଷେ ଚାଷୀଙ୍କ ଧାନ ଖୋଲାଆକାଶରେ ପଡ଼ିରହିଛି । ଯେଉଁ ମିଲର୍ସଙ୍କ ଟାର୍ଗେଟ୍ ଅଛି ସେମାନେ ମନମୁତାବକ କଟ୍‌ନୀ ଛଟନୀ କରି ଧାନ ଉଠାଉଥିବା ଅଭିଯୋଗ ହେଉଛି । ଚାଷୀଙ୍କ ଟୋକନ ତାରିଖ ଅତିକ୍ରମ କରିଥିବା ବେଳେ ସେମାନେ ପୁଣି ନିର୍ଦ୍ଧାରିତ ୧୫ ଦିନ ବୃଦ୍ଧି କରିଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ କିଛି ଚାଷୀଙ୍କ ଟୋକନ ଲାପ୍ସ



ହୋଇଥିବା ଅଭିଯୋଗ ହୋଇଛି । ଗୋଟିଏ ମଣ୍ଡିକୁ ଦିନକୁ ମାତ୍ର ୧୫୦ରୁ ୨୦୦ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦିଆହେଉଛି, ଯାହାକି ଧାନବିକ୍ରିକୁ ମନ୍ଥର କରିଦେବା ସହିତ କଟ୍‌ନୀ ଛଟ୍‌ନୀକୁ ପ୍ରୋତ୍ସାହନ କରୁଛି । ପଦ୍ମପୁର ବ୍ଲକ ଉପାନ୍ତ ମଣ୍ଡି ଦହିତା, ଦହିଗାଁ, ବୁଡ଼େନ, ଜମଲା, କନସିଂହା ସମେତ ଉପଖଣ୍ଡର ପାଇକମାଳ, ଝାରବନ୍ଧ, ଗାଇସିଲେଟ ଅଞ୍ଚଳର ୯୩ଟି ମଣ୍ଡିରେ ଅଚଳାବସ୍ଥା ଦେଖାଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି । ଶୁକ୍ରବାର ସୁଦ୍ଧା ପଦ୍ମପୁର ଉପଖଣ୍ଡ ୯୩ ମଣ୍ଡିରେ ୧୧ ଲକ୍ଷ ୮୭ ହଜାର ପ୍ୟାକେଟ୍ ଧାନ ପଡ଼ିରହିଥିବା ନିମନ୍ତ୍ରିତ ବଜାର କମିଟି ସମ୍ପାଦକ ରବି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି । ସେହିପରି ସର୍ବାଧିକ ପାଇକମାଳ ବ୍ଲକ ଝିଟିକି ମଣ୍ଡିରେ ୫୯ ହଜାର ପ୍ୟାକେଟ୍, ପାଇକମାଳରେ ୪୩ ହଜାର ପ୍ୟାକେଟ୍, ଧାରୋଲରେ ୩୭ ହଜାର, ଝାରବନ୍ଧ ବ୍ଲକ ଅମଠି, ଭଏସାଦର୍ହା, ଲୌଡିଦର୍ହଆରେ ସମେତ ଅନେକ ଉପାନ୍ତ ମଣ୍ଡିରେ ୩୧ ହଜାର ୫୦୦, ଲାଖମରାରେ ୩୮ ହଜାର, ଦହିଗାଁରେ ୨୯ ହଜାର ପ୍ୟାକେଟ୍ ଧାନ ପଡ଼ିରହିଛି । ଏପର୍ଯ୍ୟନ୍ତ ୬୧ ହଜାର ୪୮୪ ଜଣ ଚାଷୀ ୨୫ ଲକ୍ଷ ୪୨ ହଜାର ୪୦୯ କ୍ୱିଣ୍ଟାଲ ଧାନ ବିକ୍ରି କରିଥିବା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ପଣ୍ଡା ସୂଚନା ଦେଇଛନ୍ତି । ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ଆଇନ ପରାମର୍ଶଦାତା ଅଜିତ୍ ଶତପଥୀ କହିଛନ୍ତି, ଚଳିତବର୍ଷ ସବୁଠାରୁ ବଡ଼ ବ୍ୟତିକ୍ରମ ହେଲା ଟୋକନ ଓ କଟ୍ନି ସମସ୍ୟା । ଆଜିପର୍ଯ୍ୟନ୍ତ ମଧ୍ୟ ଚାଷୀଙ୍କ ଟୋକନ ଆସିନାହିଁ । ଯେଉଁ ଚାଷୀମାନଙ୍କର ଟୋକନ ଆସିଛି ଧାର୍ଯ୍ୟ ଜମି ପରିମାଣରୁ ବହୁତ କମ୍ ଆସିଛି । ଅପରପକ୍ଷରେ ମିଲର୍ସଙ୍କୁ ପ୍ରଶାସନ ତାଗିଦ୍ କରିପାରୁନାହାନ୍ତି । ତେଣୁ ଚାଷୀ ସେମାନଙ୍କ ଅମଳ ଧାନ ବାଧହୋଇ ଦଲାଲ ହାତରେ ଟେକିଦେଉଛନ୍ତି । ୨୮ ଫେବୃଆରୀ ସୁଦ୍ଧା ଧାନ ନ ଉଠିଲେ ଅଞ୍ଚଳର ଚାଷୀ ସେମାନଙ୍କ ଧାନକୁ ସରକାରୀ କାର୍ଯ୍ୟାଳୟରେ ପୂରାଇବେ ବୋଲି ଧମକ ଦେଇଛନ୍ତି ।

## ମନ୍ଦିରରୁ ଚୋରି, ଦୁଇ ଗିରଫ

**ବାଣପୁର: ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲା ବାଲୁଗାଁ ପୁଲିସ ବିଭିନ୍ନ ମନ୍ଦିର ଚୋରି ଘଟଣାରେ ସଂଶ୍ଳିଷ୍ଟ ଥିବା ଦୁଇ ଜଣ ଅଭ୍ୟାସଗତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛ । ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ରମ୍ଭା ଥାନା ଅଞ୍ଚଳର କୃଷ୍ଣ ଚନ୍ଦ୍ର ବେହେରା ଏବଂ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ପାଣ୍ଡପାଟଣା ଗ୍ରାମର ବାଇଧର ପ୍ରଧାନ । ଉକ୍ତ ଦୁଇ ଅଭିଯୁକ୍ତ ଚଳିତ ମାସ ୧୪ ତାରିଖରେ ବାଲୁଗାଁ ଅଞ୍ଚଳର ଏକାଧିକ ମନ୍ଦିର ଗୁଡ଼ିକରୁ ମୂଲ୍ୟବାନ ଅଳଙ୍କାର ସମେତ ଏକ ରୁପା ମୁକୁଟ ଚୋରି କରିଥିଲେ । ସେମାନଙ୍କ ନିକଟରୁ ରୁପାର ମୁକୁଟ, ଲୁହା ରଡ଼, କଳା ହାତମୋଜା, ନଗଦ ୧୨୦୦ ଟଙ୍କା ଓ ରାମ-ହନୁମାନ ଚିତ୍ର ଥିବା ଧାତୁର ମୁଦ୍ରା ଜବତ କରିଛି ପୁଲିସ । ଦୁଇ ଅଭିଯୁକ୍ତ ବାଲୁଗାଁ ଅଞ୍ଚଳର ଅନେକ ମନ୍ଦିରରେ ଚୋରି କରିଥିବା ସ୍ୱୀକାର କରିଛନ୍ତି । ତେବେ ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ବେଳେ ଘଟଣାରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ଛାନଭିନ ଜାରି ରଖିଛି । ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ା କହିଛନ୍ତି ମନ୍ଦିର ସମ୍ପତ୍ତି ଏବଂ ଜନସାଧାରଣଙ୍କ ସୁରକ୍ଷା ପାଇଁ ପୁଲିସ ସଦାବେଳେ ସଜାଗ ଥିବାବେଳେ ଯଦି କୌଣସି ବ୍ୟକ୍ତି ଅଞ୍ଚଳରେ ସନ୍ଦେହଜନକ ଗତିବିଧି ଲକ୍ଷ କରନ୍ତି ତେବେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ଅନୁରୋଧ ।

## ଇଟାଭାଟିରୁ ୧୪ ନାବାଳକଙ୍କ ସମେତ ୨୯ ବନ୍ଧକ ଶ୍ରମିକ ଉଦ୍ଧାର

**ଯାଜପୁର, ୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବନ୍ଧକ ଶ୍ରମ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଯାଜପୁର ଜିଲ୍ଲା ପ୍ରଶାସନ ବୁଧବାର ଦିନ ବ୍ୟାସନଗର ତହସିଲ ଏବଂ କୋରାଇ ପୋଲିସ ସୀମା ଅନ୍ତର୍ଗତ ବେଣାପୁର ଗ୍ରାମର ଜଗନ୍ନାଥ ଫ୍ଲାଏ ଆସ୍ ଇଟା ଭାଟିରୁ ୧୪ ଜଣ ଶିଶୁଙ୍କ ସମେତ ୨୯ଜଣ ବନ୍ଧକ ଶ୍ରମିକଙ୍କୁ ଉଦ୍ଧାର କରିଛି । ଶ୍ରମିକମାନଙ୍କଠାରୁ ମିଳିଥିବା ଅଭିଯୋଗ ପରେ ଉଦ୍ଧାର କାର୍ଯ୍ୟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ କରାଯାଇଥିଲା । ଏହି ମିଳିତ ଦଳରେ ବ୍ୟାସନଗର ତହସିଲଦାର, କୋରାଇ ଥାନାର ଭାରପ୍ରାପ୍ତ ଇନ୍ସପେକ୍ଟର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ, ଶିଶୁ ସହାୟତା ୟୁନିଟ ଏବଂ ସାମାଜିକ ସଂଗଠନର ପ୍ରତିନିଧିମାନେ ସାମିଲ ଥିଲେ । ଏହି ଅଭିଯାନ ଅତିରିକ୍ତ ଜିଲ୍ଲାପାଳ



ଯୁଧିଷ୍ଠିର ନାଏକଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା ।

ଅଧିକାରୀଙ୍କ ଅନୁଯାୟୀ, ଉଦ୍ଧାର ଶ୍ରମିକମାନେ ପଡ଼ୋଶୀ ଜିଲ୍ଲାର ଏବଂ ଏକ ଅତ୍ୟନ୍ତ ଅସୁରକ୍ଷିତ ଆଦିବାସୀ ସମ୍ପ୍ରଦାୟର । ପ୍ରାୟ ଦୁଇ ବର୍ଷ ପୂର୍ବେ ସେମାନଙ୍କୁ ଉତ୍ତମ ମଜୁରୀ ଏବଂ ନିଯୁକ୍ତିର ପ୍ରତିଶ୍ରୁତି ଦେଇ ଇଟାଭାଟିକୁ ପ୍ରଲୋଭିତ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି । ପ୍ରତ୍ୟେକ ପରିବାରକୁ ୧୦ କିଲୋ ଚାଉଳ ସହିତ ୫୦୦ ରୁ ୧,୦୦୦ ମୂଲ୍ୟର ନାମମାତ୍ର ଅଗ୍ରୀମ ଦିଆଯାଇଥିଲା । କିନ୍ତୁ, ପ୍ରତିଶ୍ରୁତି ଅନୁଯାୟୀ ମଜୁରୀ ଦିଆଯାଇ ନଥିଲା । ଏହା ବଦଳରେ, ଭାଟି ମାଲିକ କୌଣସି ମଜୁରୀ କିମ୍ବା କାମର ରେକର୍ଡ ନ ରଖି ନିଜ ଦୋକାନ ମାଧ୍ୟମରେ ଅନିୟମିତ ରାସନ ଯୋଗାଇଥିବା ଜଣାପଡ଼ିଛି, ଯାହା ପରିବାରଗୁଡ଼ିକୁ ନିର୍ଭରଶୀଳତାର ଚକ୍ରରେ ଫସି ରଖିଥିଲା । ଶ୍ରମିକମାନଙ୍କଠାରୁ ସେହି ସ୍ଥାନରେ ଯୋଗାଇ ଦିଆଯାଇଥିବା ଅସ୍ଥାୟୀ ବାସସ୍ଥାନ ପାଇଁ ଭଡା ମଧ୍ୟ ଆଦାୟ କରାଯାଇଥିଲା, ଯାହା ସେମାନଙ୍କର ଋଣଭାରକୁ ଆହୁରି ବୃଦ୍ଧି କରିଥିଲା ।

ତଦନ୍ତ ସମୟରେ, ଶ୍ରମିକମାନେ କହିଥିଲେ ଯେ ସେମାନଙ୍କୁ ପର୍ବପର୍ବାଣୀ, ପାରିବାରିକ ଜରୁରିକାଳୀନ ପରିସ୍ଥିତି କିମ୍ବା ବ୍ୟକ୍ତିଗତ ଆବଶ୍ୟକତା ପାଇଁ ସେମାନଙ୍କ ଜନ୍ମସ୍ଥାନକୁ ଫେରିବାକୁ ଅନୁମତି ଦିଆଗଲା ନାହିଁ । ସେମାନେ ଅଗ୍ରୀମ ରାଶି ପରିଶୋଧ କରି ନଥିବା କାରଣରୁ ସେମାନଙ୍କୁ ବିକଳ୍ପ ନିଯୁକ୍ତି ଖୋଜିବାରୁ ମଧ୍ୟ ନିଷେଧ କରାଯାଇଥିଲା । ପିଲାମାନଙ୍କୁ କମ୍ କିମ୍ବା କୌଣସି ପାରିଶ୍ରମିକ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରିବାକୁ ବାଧ କରାଯାଇଥିଲା, ଯାହା ଶିଶୁ ଅଧିକାର ଏବଂ ଶ୍ରମ ଆଇନର ଗମ୍ଭୀର ଉଲ୍ଲଂଘନ କରୁଛି ।

## ପୋଚ ଓ ମଦ ଜବତ

**ବୈଶିଙ୍ଗା, ୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ ଅବକାରୀ ଥାନା ଅଧିନରେ କମଳାଶୋଳ ଏବଂ ମାଙ୍କଡାପାଳ ଗ୍ରାମରୁ ୧୧୧୦୦କିଗ୍ରା ପୋଚ ଏବଂ ୮୫୦ ଲିଟର ରନ୍ଧା ମଦ ଜବତ କରାଯାଇଥିବା ଜଣାଯାଇଛି । ସେଥିମଧ୍ୟରୁ କମଳାଶୋଳରୁ ୫୭୦୦ କି.ଗ୍ରା. ପୋଚ ଏବଂ ୪୨୦ ଲିଟର ରନ୍ଧା ମଦ ଓ ମାଙ୍କଡାପାଳରୁ ୫୪୦୦ କିଗ୍ରା ପୋଚ ଏବଂ ୪୩୦ ଲିଟର ରନ୍ଧା ମଦ ଜବତ କରାଯାଇଛି । ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନେତୃତ୍ୱରେ ବେତନଟୀ ଅବକାରୀ ଥାନାଧିକାରୀ ପ୍ରଦୀପ କୁମାର ବେହେରା, ଉଦଳା ଥାନାଧିକାରୀ ଏସ୍ କେ ରେଣ୍ଟୀ, ରେଞ୍ଜ ଅଧିକାରୀ ସଞ୍ଜୟ କୁମାର କାଣ୍ଡି, ମୋବାଇଲ ୟୁନିଟ ର ମୂଖ୍ୟ କେ. କାମେଶ୍ୱର ମିଳିତ ଭାବେ ଚଢାଉ କରି ଜବତ କରିଥିଲେ । ସମସ୍ତ ପୋଚ ଏବଂ ରନ୍ଧା ମଦ ନଷ୍ଟ କରିଦିଆଯାଇ ଥିବାର ଜଣାଯାଇଛି ।

## ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ପାଇଁ ଟ୍ରାକ୍ଟର ସାହା

**କନ୍ଧମାଳ, ୨୧।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମାଟ୍ରିକ ପରୀକ୍ଷା ଦେବାକୁ ଟ୍ରାକ୍ଟରରେ ପରୀକ୍ଷା କେନ୍ଦ୍ରକୁ ଗଲେ ଛାତ୍ର । କନ୍ଧମାଳ ଜିଲ୍ଲା କ.ନୁଆଗାଁ ଅଞ୍ଚଳର ଏ ଘଟଣା। ଏହାର ଭିଡ଼ିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି । ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ କ.ନୁଆଗାଁ ପି.ଏମ୍.ଶ୍ରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରମାନେ ପରୀକ୍ଷା ଦେବାକୁ ଟ୍ରାକ୍ଟର ଯୋଗେ କୁତ୍ତୁଲି ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲେ । ଅତି ବିପଦପୂର୍ଣ୍ଣ ଭାବରେ ଟ୍ରାକ୍ଟର ଡ଼ାଲାରେ ବସି ପରୀକ୍ଷା କେନ୍ଦ୍ରକୁ ଯାଉଥିବା ଦୃଶ୍ୟକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ୨୪ ଘଣ୍ଟା ନପୂରୁଣୁ ପିଚୁ ରାସ୍ତା ଫାଟି ଆଁ

**ମାହାଙ୍ଗା, ୨୧।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଆଜ୍ଞା ଦେଖନ୍ତୁ ମାହାଙ୍ଗାରେ କିପରି ବିକାଶ ହେଉଛି । ୨୪ ଘଣ୍ଟା ନ ପୂରୁଣୁ ପିଚୁ ରାସ୍ତା ଉଠିବା ସହ ଆଁ କରିଥିବା ଦେଖିବାକୁ ମିଳିଛି । ଏଭଳି ଘଟଣା ଦେଖିବାକୁ ମିଳିଛି କୋଠପଦା ଗ୍ରାମ୍ୟ ଉନ୍ନୟନ ବିଭାଗରେ । ଗତକାଲି ଅପରାହ୍ନରେ ସମସରପୁର ଛେଦା ପିଚୁ ରାସ୍ତା କାର୍ଯ୍ୟ ଚାଲୁଥିଲା । କିନ୍ତୁ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିବାବେଳେ କିପରି ଭାବେ ଏତେ ନିମ୍ନମାନର କାର୍ଯ୍ୟ ହେଲା ଯାହା ଫଳରେ ୨୪ ଘଣ୍ଟା ନ ପୂରୁଣୁ ପିଚୁ ଫାଟି ଆଁ କରିଥିବା ଦେଖିବାକୁ ମିଳିଛି । ତେଣୁ ରାସ୍ତାର ସ୍ଥାୟିତ୍ୱ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେବଳ ସେତିକି ନୁହେଁ ଏହି ବିଭାଗ ଅଧୀନରେ ୫ରୁ ଉର୍ଦ୍ଧ୍ୱ ସ୍ଥାନରେ ଏଭଳି ଭାବେ ପିଚୁ ଉଠିବା



ସହ ରାସ୍ତା ଫାଟି ଆଁ କରିଛି । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସଠିକ ଭାବେ ଏହି ରାସ୍ତା କାର୍ଯ୍ୟ କରାଯିବା ପାଇଁ ଦାବି ହୋଇଛି ।

## ନିଶାଡ଼ିଙ୍କ ନୂଆ ନିଶା ହୋମିଓପାଥିକ୍ ନେର୍ଭ ଟନିକ୍

**ନବରଙ୍ଗପୁର, ୧୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ନବରଙ୍ଗପୁର ଜିଲ୍ଲା ଏବେ ନକଲି ଔଷଧ ଓ ନିଶା ଔଷଧ କାରାବାରର ପେଣ୍ଠସ୍ଥଳୀ ପାଲଟିଛି । ନକଲି ଔଷଧ ସହିତ ବିଭିନ୍ନ ପ୍ରକାରର ନିଶା ସାମଗ୍ରୀର କାରାବାର ବେଧଡ଼କ ଚାଲିଥିବା ବେଳେ ଡ୍ରଗ୍ସ କଣ୍ଟ୍ରୋଲର କିମ୍ବା ପୁଲିସ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି। ସହରର ବିଭିନ୍ନ ବସ୍ତି ଅଞ୍ଚଳର ନାବାଳକ ମାନେ ବ୍ୟାପକ ଭାବେ କଫସିରପ୍, ସଲ୍ୟୁସନ, ଇରାଜେକ୍ସ ଆଦି ନିଶା ସହ ଔଷଧ ଦୋକାନ ଗୁଡିକରୁ ନିଶା ବଟିକା ବି କିଣି ଖାଉଥିଲେ । ଏବେ ନିଶାଡ଼ିଙ୍କ ନୂଆ ନିଶା ହୋମିଓପାଥିକର ନେର୍ଭ ଟନିକ ନେରିଭଲପ୍ଲସ (୧୦୦ଏମଏଲ)କୁ ପିଉଥିବା ଦେଖିବାକୁ ମିଳିଛି । ରଙ୍ଗାମଟିଗୁଡ଼ା ସହ ସହରର କିଛି ବସ୍ତି ଅଞ୍ଚଳରେ ଏଭଳି ବୋତଲ ଦେଖିବାକୁ ମିଳିଛି ।

ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଔଷଧ ଦୋକାନ ଗୁଡ଼ିକରେ ଛତିଶଗଡ଼, ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବଲାଙ୍ଗୀର ଅଞ୍ଚଳରୁ ବ୍ୟାପକ ଭାବେ ନକଲି ଔଷଧ ସହ ନିଶା ଔଷଧ ଆସୁଛି । ରୋଗୀ କିମ୍ବା ରୋଗୀଙ୍କ ସଂପର୍କୀୟମାନେ ଏହା ଅସଲି ନା ନକଲି ଜାଣିବା ମୁସ୍କିଲ । ଔଷଧ ଦୋକାନୀ ଲାଭଖୋର ମନୋବୃତ୍ତି ନେଇ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି । କିଛି ମୁନାଫାଖୋର ଔଷଧ ମାଫିଆ ଏହି ନକଲି ଔଷଧର ଜାଲ ବିଛାଇଥିବା ଜଣାପଡ଼ିଛି । ଔଷଧ ଦୋକାନ ଗୁଡ଼ିକ ଉପରେ ଡ୍ରଗ୍ସ, ଅବକାରୀ ଓ ପୁଲିସ ପକ୍ଷରୁ କେବେ ମଧ୍ୟ ଚଢ଼ଉ କରିବା ନଜିର ନାହିଁ ।

ଅନ୍ୟପକ୍ଷରେ ଗୋଟିଏ ଔଷଧ ଦୋକାନରେ ଫାର୍ମାସିଷ୍ଟ ବସିବା ବାଧ୍ୟତାମୂଳକ ହୋଇଥିବା ବେଳେ ଜଣେ ଜଣେ ଫାର୍ମାସିଷ୍ଟଙ୍କ ନାଁରେ ଏକାଧିକ ଔଷଧ ଦୋକାନ ଚାଲିଛି । ଏପରିକି କିଛି ଫାର୍ମାସିଷ୍ଟ ସରକାରୀ ଚାକିରି କରିବା ପରେ ବି ତାଙ୍କରି ନାଁ ଏବଂ ଲାଇସେନସରେ ଖୋଲାଯାଉଛି ଔଷଧ ଦୋକାନ । ଅପରପକ୍ଷରେ ସହରର ବିଭିନ୍ନ ବସ୍ତି ଅଞ୍ଚଳର ନାବାଳକମାନେ ବ୍ୟାପକ ଭାବେ କଫସିରପ୍, ସଲ୍ୟୁସନ, ଇରାଜେକ୍ସ ଆଦି ନିଶା ସହ ଔଷଧ ଦୋକାନ ଗୁଡିକରୁ ନିଶା ବଟିକା ବି କିଣି ଖାଉଛନ୍ତି । ନିଶା ବଟିକା ଓ ନକଲି ଔଷଧ ନିୟମିତ ବିଭିନ୍ନ ବସରେ ପଶ୍ଚିମ ଓଡ଼ିଶା, ବ୍ରହ୍ମପୁର, ଭୁବନେଶ୍ୱର, କଟକ ଓ ଛତିଶଗଡ଼ରୁ ଆସୁଥିବା ଜଣେ ଔଷଧ ଦୋକାନୀ କହିଛନ୍ତି । ଜିଲ୍ଲାର ଅଧିକାଂଶ ଔଷଧ ଦୋକାନରେ ନକଲି ଔଷଧ ବିକ୍ରି କରୁଛନ୍ତି ବୋଲି କହିଛନ୍ତି । କେନ୍ଦ୍ର ଓ ରାଜ୍ୟସରକାର କିଛି ଅଲକଅଲ୍ ରହିତ ଥିବା ଔଷଧ ଗୁଡ଼ିକ ନିଷେଦ୍ଧ କରିବା ପରେ ନିଶାଡ଼ିମାନେ ନୂଆ ନୂଆ ନିଶା ଖୋଜି ପିଉଛନ୍ତି । ଏହି ହୋମିଓପାଥି ନେରିଭଲପ୍ଲସ ସିରପରେ ୪୦ପ୍ରତିଶତ ଅଲକହଲ୍ ଥିବା ବି ଦେଖିବାକୁ ମିଳିଛି । ଆଲକହଲ୍ ପରିମାଣ ଅଧିକା ଥିଲେ ଦୁଇରୁ ତିନୋଟି ପିଇଲେ ନିଶା ହୋଇଯିବ ବୋଲି କହିଛନ୍ତି ହୋମିଓପାଥିକ ଡାକ୍ତର ଡ.ପଙ୍କଜ ପଟ୍ଟନାୟକ ।



## ଆଜିର ରାଶିଫଳ

| ତାରିଖ | ରବିବାର– ପଞ୍ଚମୀ |
| --- | --- |
| ୨୨.୨.୨୦୨୬ | ନକ୍ଷତ୍ର– ଅଶ୍ୱିନୀ, ମେଷଚନ୍ଦ୍ର |



| | |
| --- | --- |
| **ମେଷ** | ବ୍ୟବସାୟରେ ଆୟ ଭଲ ହେବ । |
| **ବୃଷ** | ଦିନଟି ଅଶାନ୍ତିରେ କଟିବ । |
| **ମିଥୁନ** | ଯାତ୍ରା ଶୁଭଙ୍କର ରହିବ । |
| **କର୍କଟ** | ଦିନଟି ସୌଖ୍ୟପ୍ରଦ ହେବ । |
| **ସିଂହ** | ଯେକୌଣସି କାର୍ଯ୍ୟ କରିବେ ବନ୍ଧୁଙ୍କ ସାହାଯ୍ୟ ପାଇବେ । |
| **କନ୍ୟା** | ଶରୀର ଅସୁସ୍ଥ ହେବ । |
| **ତୁଳା** | ସହକର୍ମୀମାନେ ପ୍ରସନ୍ନ ହେବେ । |
| **ବିଛା** | ସ୍ୱାସ୍ଥ୍ୟରେ ଉନ୍ନତି ହେବ । |
| **ଧନୁ** | ସମ୍ମାନ ବୃଦ୍ଧି ପାଇବ । |
| **ମକର** | ରାଜଦଣ୍ଡ ଭୟ ରହିଛି । |
| **କୁମ୍ଭ** | କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । |
| **ମୀନ** | ଶୁଭ ସମ୍ବାଦ ପ୍ରାପ୍ତ ହେବେ । |

## ପୁଅର ଚିକିତ୍ସା ପାଇଁ ଅର୍ଥ ଅଭାବ

**ନବରଙ୍ଗପୁର, ୨୧।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଆର୍ଥିକ ଅଭାବ ଯୋଗୁଁ ବାହାର ରାଜ୍ୟରେ ଯାଇ କାମ କଲେ ପରିବାର ଚଳେ । ବହୁ ଦୁଃଖ କଷ୍ଟରେ ପରିବାର ଚାରି ଜଣ ସଦସ୍ୟଙ୍କୁ ନେଇ ଚଳୁଥିବା ଏହି ପରିବାରର ଦ୍ୱିତୀୟ ପୁଅ ରୋଗାକ୍ରାନ୍ତ ପରେ ଚିକିତ୍ସା ପାଇଁ ପରିବାର ଲୋକେ ଚିନ୍ତାରେ ପଡିଛନ୍ତି । ଜୀବନ ମରଣ ସହ ସଂଘର୍ଷ କରୁଥିବା ପରିବାର ଲୋକ କହିଛନ୍ତି । ଏଭଳି ଦୃଶ୍ୟ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତ ଅନ୍ତର୍ଗତ ବଡନୀ ଗ୍ରାମରେ ଦେଖିବାକୁ ମିଳିଛି ।

ବଡନୀ ଗ୍ରାମର ବୁଦ୍ଧୁ ବିନ୍ଧାଣୀଙ୍କ ପରିବାର ପାଖରେ ନିଜସ୍ୱ ବୋଲି କିଛି ନଥିବା ବେଳେ ବାହାର ରାଜ୍ୟରେ ଦାଦନ ଖଟିବା ପାଇଁ ଗଲେ ପରିବାର ଚଳେ । ସ୍ତ୍ରୀ ଓ ୩ ପୁଅ ଝିଅକୁ ନେଇ ବୁଦ୍ଧୁଙ୍କ ପରିବାର । ବଡ଼ ପୁଅ ବିବାହ ପରେ ଅଲଗା ରହୁଥିବା ବେଳେ ବର୍ତ୍ତମାନ ପରିବାରରେ ୪ଜଣ ରହୁଛନ୍ତି । ଗାଁରେ ରୋଜଗାର ପାଇଁ କୌଣସି ପନ୍ଥା ନଥିବା ଯୋଗୁଁ ବୁଦ୍ଧୁ ପରିବାର ସହ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଉଥିବା କହିଛନ୍ତି । କେବଳ ଚାଷ ସମୟରେ ଗାଁରେ କୁଲି କାମ କରିବା ଆସନ୍ତି ଏବଂ ଚାଷ କାମ ଶେଷ ହେଲେ ଦାଦନ ଯାଆନ୍ତି । ଏଭଳି ଦୟନୀୟ ଅବସ୍ଥାରେ ପରିବାର ରହି ଆସୁଛନ୍ତି । ତେବେ ପ୍ରାୟ ଏକ ବର୍ଷ ତଳେ ହଠାତ ଦ୍ୱିତୀୟ ପୁଅ ଭୂମିଆ(୧୫) ବଡନୀ ଗ୍ରାମରେ ଅସୁସ୍ଥ ହୋଇ ଯାଇଥିଲେ, ଯାହା ଖାଇଲେ ବାନ୍ତି ହେବା ସହ ଝାଡ଼ା ଓ ପରିସ୍ରା ହେବା ବେଳେ କଷ୍ଟ ହେଉଥିଲା । ପରିବାର ଲୋକଙ୍କ ଆର୍ଥିକ ଅଭାବ ଯୋଗୁଁ ଚେରମୁଳି ଔଷଧ ଉପରେ ନିର୍ଭର କରିଥିଲେ । କିଛି ମାତ୍ରାରେ ଭୂମିଆ ସୁସ୍ଥ ହେବା ପରେ ପୁଣି ପେଟରେ ଦାନା ଯୋଗାଡ଼ କରିବା ପାଇଁ ଦାଦନ ଖଟିବା ପାଇଁ ପରିବାର ତିରୁପତି ଚାଲିଯାଇଥିଲେ । କିଛି ମାସ ପରେ ଭୂମିଆ ତିରୁପତିରେ ଅସୁସ୍ଥ ହୋଇ ଯାଇଥିଲେ । ସେଠାରେ ମାଲିକଙ୍କୁ ଭୂମିଆଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ସୂଚନା ଦେବା ପରେ ମାଲିକ ନିଜ ଖର୍ଚ୍ଚରେ ଚିକିତ୍ସା କରାଇଥିଲେ । ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ହୋଉ ନଥିବା ଯୋଗୁଁ ନିଜ ଗ୍ରାମକୁ ପଠାଇ ଦେଇଥିଲେ । ଆର୍ଥିକ ଅଭାବ ଯୋଗୁଁ ପରିବାର ଲୋକ ଭୂମିଆଙ୍କ ଚିକିତ୍ସା କରାଇ ନପାରି ଭଗବାନ ଭରସାରେ ଛାଡି ଦେଇଛନ୍ତି । ବର୍ତ୍ତମାନ ଖାଇବା ପରେ ବାନ୍ତି ହୋଇ ପେଟରେ କୌଣସି ଖାଦ୍ୟ ରହୁନାହିଁ । ସେହିପରି ଝାଡା ଓ ପରିସ୍ରା ସମୟରେ ସମସ୍ୟା ହେବା ସହ ଛାତି ଜଳାପୋଡା ହେଉଥିବା ଭୂମିଆ କହିଛନ୍ତି । ସ୍ୱାସ୍ଥ୍ୟବସ୍ଥା ଧୀରେ ଧୀରେ ଜଟିଳ ହେବା ସହ ଜୀବନ ମରଣ ସହ ସଂଘର୍ଷ କରୁଥିବା ପରିବାର ଲୋକ ଦୁଃଖର ସହ ପ୍ରକାଶ କରିଛନ୍ତି । ତେଣୁ ପ୍ରଶାସନ ପକ୍ଷରୁ ପୁଅର ମାଗଣା ଚିକିତ୍ସା କରାଇ ଦେବା ପାଇଁ ପରିବାର ଲୋକ ଗୁହାରି କରିଛନ୍ତି ।

ପ୍ରକାଶ ଯେ ବୁଦ୍ଧୁ ବିନ୍ଧାଣୀ ଓ ତାଙ୍କ ସ୍ତ୍ରୀ ପରିବାର ସହ ବାହାର ରାଜ୍ୟରେ ପ୍ରାୟ ସମୟ ରାହୁଥିବା ଯୋଗୁଁ ସ୍ୱାମୀ ସ୍ତ୍ରୀଙ୍କ ଆଧାରକାର୍ଡ ଗତକିଛି ଦିନ ତଳେ କରିଥିଲେ । ପୁଅ ଓ ଝିଅମାନଙ୍କ ଆଧାର କାର୍ଡ ଏଯାବତ ହୋଇ ନାହିଁ । ତେଣୁ ସରକାରଙ୍କ ସମସ୍ତ ସୁବିଧାରୁ ଏହି ପରିବାର ବଞ୍ଚିତ ହୋଇଛନ୍ତି । ସେହିଭଳି ପୁଅ ଓ ଝିଅ ମାନେ ବିଦ୍ୟାଳୟ ପିଣ୍ଡା ମାଡି ନଥିବା ପରିବାର ଲୋକ କହିଛନ୍ତି । ପ୍ରଶାସନ ପକ୍ଷରୁ ଏହି ଅସହାୟ ପରିବାରକୁ ରୋଜଗାର ଯୋଗାଇ ଦେବା ସହ ପୁଅର ମାଗଣା ଚିକିତ୍ସା ଓ ଝିଅ ମାନଙ୍କୁ ପାଠ ପଢା ପାଇଁ ବ୍ୟବସ୍ଥା କରିବା ପାଇଁ ଦାବି ହୋଇଛି ।

## ଦୁଷ୍କର୍ମ ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

**ରାଉରକେଲା, ୨୧।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଶିଶୁକନ୍ୟା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି । ରାଉରକେଲା ପୋକ୍ସୋ କୋର୍ଟର ବିଚାରପତି ପି. ସୂର୍ଯ୍ୟା ରାଓ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍ ଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅଧିକ ଦୁଇ ବର୍ଷ ଜେଲ୍ ଶୁଣାଇଛନ୍ତି । ୧୫ ସାକ୍ଷୀଙ୍କ ସାକ୍ଷ୍ୟପ୍ରମାଣ, ୧୮ଟି ଦସ୍ତାବିଜ୍ ଓ ସରକାରୀ ଓକିଲଙ୍କ ବଳିଷ୍ଠ ଯୁକ୍ତି ଆଧାରରେ ବିଚାରପତି ଏହି ରାୟ ଶୁଣାଇଛନ୍ତି । ଗିରଫ ଅଭିଯୁକ୍ତ ହେଲେ କୁଆରମୁଣ୍ଡାର କିଶୋର ତିର୍କୀ (୫୧) । ଏହି ଅଭାବନୀୟ ଘଟଣା ଗତ ୨୦୨୦ ମାର୍ଚ୍ଚ ୯ ତାରିଖରେ ଘଟିଥିଲା । ସାଢ଼େ ୬ ବର୍ଷର ଶିଶୁକନ୍ୟା ଘରେ ଏକାକୀ ଖେଳୁଥିଲେ । ଅଭିଯୁକ୍ତ କିଶୋର ଶିଶୁକନ୍ୟାକୁ ଏକାକୀ ଦେଖି ଘରକୁ ପଶିଥିଲା । ଶିଶୁକନ୍ୟାଙ୍କୁ ଦୁଷ୍କର୍ମ କରି ଫେରାର ହୋଇଯାଇଥିଲା । ପରେ ପରିବାର ଲୋକ ଏ ସଂକ୍ରାନ୍ତରେ ବୀରମିତ୍ରପୁର ଥାନାରେ ଲିଖିତ ଏତଲା ଦେଇଥିଲେ । ଲିଖିତ ଅଭିଯୋଗ ଆଧାରରେ ବୀରମିତ୍ରପୁର ପୁଲିସ ଫେରାର ଅଭିଯୁକ୍ତ କିଶୋରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସ୍ୱତନ୍ତ୍ର ସରକାରୀ ଓକିଲ ପ୍ରମୋଦ କୁମାର ଦେବତା ମାମଲା ପରିଚାଳନା କରୁଥିଲେ ।

ଏବେ ପ୍ରଦୂଷଣ ମଧ୍ୟ ଅଣାୟତ୍ତ ହେଲାଣି ଆମ ରାଜ୍ୟରେ । ରାଜ୍ୟର ବିଭିନ୍ନ ସହରଗୁଡ଼ିକ ପ୍ରଦୂଷଣ ବଳୟ ଭିତରେ ରହୁଛି । ଦିଲ୍ଲୀଠାରୁ ମଧ୍ୟ ବଳିଗଲାଣି ଅନେକ ସହରର ପ୍ରଦୂଷଣ ମାତ୍ରା । ତେଣୁ କଂକ୍ରିଟ୍ ନିର୍ମାଣକୁ ଗୁରୁତ୍ୱ ନଦେଇ ସବୁଜିମା ଉପରେ ଗୁରୁତ୍ୱ ଦେଲେ ହିଁ ପ୍ରଦୂଷଣ କମିବ । ଶିଳ୍ପ ବିକାଶ ଯେତେ ଅଧିକ ହେବ ପ୍ରଦୂଷଣ ସେତେ ବଢ଼ିବ ଏଥିରେ ସନ୍ଦେହ ନାହିଁ । ତେଣୁ କୃଷି ଏବଂ ପର୍ଯ୍ୟଟନ ଶିଳ୍ପକୁ ଗୁରୁତ୍ୱ ଦେବାର ସମୟ ଆସିଛି । କୃଷି ଏବଂ ପର୍ଯ୍ୟଟନର ପର୍ଯ୍ୟାପ୍ତ ସୁଯୋଗ ରହିଛି ଆମ ରାଜ୍ୟରେ । ତେଣୁ ଏ ଦୁଇଟି ଦିଗର ବିକାଶ ହେଲେ ଏହା ପରିବେଶ ସୁରକ୍ଷା ସହିତ ରୋଜଗାର ମଧ୍ୟ ସୃଷ୍ଟି କରିପାରିବ । ଶିଳ୍ପର ବିକଳ୍ପ ହୋଇପାରିବ କୃଷି ଏବଂ ପର୍ଯ୍ୟଟନ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୨୨ ଫେବୃଆରୀ ୨୦୨୬ | ରବିବାର

ଓଡ଼ିଶା ଏକ୍ସପ୍ରେସ୍

# ବଜେଟ୍ ଏକ ବିନିଯୋଗ ସଂଚୟ ନୁହେଁ

ଏଥରର ରାଜ୍ୟ ବଜେଟ୍ ୩କୋଟି ୧୦ ଲକ୍ଷ ଟଙ୍କା ଛୁଇଁଛି । ପ୍ରତିଟି କ୍ଷେତ୍ର ପାଇଁ ବଜେଟ୍‌ରେ ଖର୍ଚ୍ଚ ଅଟକଳ ରହିଛି । କୌଣସି ଦିଗକୁ ଅଣଦେଖା କରାଯାଇନାହିଁ ।

ବଜେଟ୍ ଏକ ଧରାବନ୍ଧା ପ୍ରକ୍ରିୟା, ଯେଉଁ ସରକାର ଆସେ ସିଏ ବଜେଟ୍ କରେ । ଶାସକ ଦଳ କହନ୍ତି– ଏଥରର ବଜେଟ୍ ଏକ ଐତିହାସିକ ବଜେଟ୍ । ବିରୋଧୀ ଦଳ କହନ୍ତି– ଖୁବ୍ ନୈରାଶ୍ୟଜନକ । ବଜେଟ୍‌କୁ ନେଇ ସାଧାରଣ ଲୋକଙ୍କର ସେତେଟା ପ୍ରତିକ୍ରିୟା ଆଉ ଦେଖିବାକୁ ମିଳୁନି ଏଇ କାରଣରୁ ।

ହଁ, ଏକଥା ସତ ବଜେଟ୍ ଏକ ବିନିଯୋଗ । ଜନତାଙ୍କ ସମର୍ଥନ ଆଉ ସନ୍ତୁଷ୍ଟି ଏ ବିନିଯୋଗର ଲାଭ ହେବା ଉଚିତ୍ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ । କିନ୍ତୁ ଦେଖାଯାଉଛି ରାଜ୍ୟ ସରକାର ବଜେଟ୍‌କୁ ଏକ ସଂଚୟ ବୋଲି ବୋଧେ ଭାବୁଛନ୍ତି । କେତେ ଟଙ୍କା ସଂଚୟ ହେଲା ବଜେଟ୍‌ରୁ! ଏକଥା କହିବାର ଉଦ୍ଦେଶ୍ୟ ହେଲା–ଗତ ଫେବୃଆରୀ ମାସ ପର୍ଯ୍ୟନ୍ତ ବଜେଟ୍‌ର ୫୦ ପ୍ରତିଶତ ମଧ୍ୟ ଖର୍ଚ୍ଚ ହୋଇନଥିଲା ବୋଲି ଜଣାଯାଇଛି । ୯ ମାସ ଭିତରେ ଖର୍ଚ୍ଚ ହୋଇଛି ମାତ୍ର ୪୭ ପ୍ରତିଶତ । ବାକିତକ ଖର୍ଚ୍ଚ ହେବ କେବେ? ତେଣୁ ବଜେଟ୍‌ର ଆକାର ଯେତେ ବଡ଼ ହେଲେ ବି ଯଦି ଏହାର ପୂର୍ଣ୍ଣ ବିନିଯୋଗ ନହୋଇପାରିଲା ବଜେଟ୍‌ର ମୂଲ୍ୟ କ’ଣ?

କୃଷି, ସ୍ୱାସ୍ଥ୍ୟ ଏବଂ ଶିକ୍ଷାକୁ ଏଥର ବଜେଟ୍‌ରେ ଅଧିକ ଗୁରୁତ୍ୱ ଦିଆଯାଇଛି । ପ୍ରତିଟି ଖବରକାଗଜରେ ସବୁଠୁ ବଡ଼ ବଡ଼ ଅକ୍ଷରରେ ଏ ଖବର ପ୍ରକାଶ ପାଇଛି ।

କୃଷି ପାଇଁ ଯେଉଁ ତିନୋଟି ଦିଗକୁ ଗୁରୁତ୍ୱ ଦେବା ଉଚିତ୍ ତା’ହେଲା କ୍ଷେତକୁ ପାଣି, ବ୍ୟବସ୍ଥିତ ମଣ୍ଡି ବା ଧାନ କିଣା, ଏଥିସହିତ ପନିପରିବା ଗଚ୍ଛିତ ରଖିବା ପାଇଁ ଶୀତଳଭଣ୍ଡାର । ଏ ଦିଗଗୁଡ଼ିକର ବିକାଶ ହେଲେ ହିଁ କ୍ଷେତ ହସିବ ଏବଂ ଚାଷୀମାନେ ମଧ୍ୟ ହସିପାରିବେ ।

ଏଥରର ବଜେଟ୍‌ରେ ମୁଖ୍ୟମନ୍ତ୍ରୀ କହିଛନ୍ତି– କୃଷିକ୍ଷେତ୍ରକୁ ଗୁରୁତ୍ୱ ଦେଇ ଜଳ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ । କେନାଲ, ଡ୍ୟାମ୍ ଏସବୁଥିରେ ବିନିଯୋଗ କରିବା ପାଇଁ ଅର୍ଥ ବରାଦ ରହିଛି । କିନ୍ତୁ ପ୍ରଶ୍ନ ଉଠୁଛି ଜଳ ଆସିବ କେଉଁଠୁ? ଆମ ରାଜ୍ୟର ସବୁ ନଦୀ ତ ପ୍ରାୟ ଶୁଖିଆସିଲାଣି ଏବେଠୁ । ସହରୀ ଜଳଯୋଗାଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବାଲିବନ୍ଧ ପକାଇ କିଛି କିଛି ପାଣିକୁ ଅଟକାଇ ରଖି ସହରୀ ଜଳ ଯୋଗାଣକୁ ଅବ୍ୟାହତ ରଖାଯାଉଛି । ବର୍ଷାଦିନେ ମଧ୍ୟ ଦୁଇକୂଳ ଛୁଇଁନି ମହାନଦୀ କି କାଠଯୋଡ଼ି । ତେଣୁ ଛତିଶଗଡ଼ ସହ ଆପୋଷ ଆଲୋଚନା ଚାଲିବା ସହ ଆମେ ମଧ୍ୟ ଛତିଶଗଡ଼ ଭଳି ଏକାଧିକ ଡ୍ୟାମ୍ କରି ବର୍ଷା ଦିନରେ ସେ ପାଣିକୁ ସାଇତି ରଖିବାର ବ୍ୟବସ୍ଥା କରିବା ଦରକାର । ଏ ଦିଗରେ କେନ୍ଦ୍ର ସରକାରଙ୍କର ମଧ୍ୟ ସହଯୋଗ ରହିବା ଆବଶ୍ୟକ।

କିନ୍ତୁ ପ୍ରଶ୍ନ ଉଠୁଛି ବଜେଟ୍ ଟଙ୍କା ଖର୍ଚ୍ଚ ହୋଇପାରିବ ତ ବର୍ଷ ଶେଷବେଳକୁ ନା ବିଗତ ବର୍ଷ ଭଳି ବଜେଟ୍ ଟଙ୍କା ଅଧା ମଧ୍ୟ ଖର୍ଚ୍ଚ ହୋଇନପାରି ସଂଚୟ ଶ୍ରେୟ ମିଳିବ ସରକାରଙ୍କୁ?

ଏବେ ପ୍ରଦୂଷଣ ମଧ୍ୟ ଅଣାୟତ୍ତ ହେଲାଣି ଆମ ରାଜ୍ୟରେ । ରାଜ୍ୟର ବିଭିନ୍ନ ସହରଗୁଡ଼ିକ ପ୍ରଦୂଷଣ ବଳୟ ଭିତରେ ରହୁଛି । ଦିଲ୍ଲୀଠାରୁ ମଧ୍ୟ ବଳିଗଲାଣି ଅନେକ ସହରର ପ୍ରଦୂଷଣ ମାତ୍ରା । ତେଣୁ କଂକ୍ରିଟ୍ ନିର୍ମାଣକୁ ଗୁରୁତ୍ୱ ନଦେଇ ସବୁଜିମା ଉପରେ ଗୁରୁତ୍ୱ ଦେଲେ ହିଁ ପ୍ରଦୂଷଣ କମିବ । ଶିଳ୍ପ ବିକାଶ ଯେତେ ଅଧିକ ହେବ ପ୍ରଦୂଷଣ ସେତେ ବଢ଼ିବ ଏଥିରେ ସନ୍ଦେହ ନାହିଁ । ତେଣୁ କୃଷି ଏବଂ ପର୍ଯ୍ୟଟନ ଶିଳ୍ପକୁ ଗୁରୁତ୍ୱ ଦେବାର ସମୟ ଆସିଛି । କୃଷି ଏବଂ ପର୍ଯ୍ୟଟନର ପର୍ଯ୍ୟାପ୍ତ ସୁଯୋଗ ରହିଛି ଆମ ରାଜ୍ୟରେ । ତେଣୁ ଏ ଦୁଇଟି ଦିଗର ବିକାଶ ହେଲେ ଏହା ପରିବେଶ ସୁରକ୍ଷା ସହିତ ରୋଜଗାର ମଧ୍ୟ ସୃଷ୍ଟି କରିପାରିବ । ଶିଳ୍ପର ବିକଳ୍ପ ହୋଇପାରିବ କୃଷି ଏବଂ ପର୍ଯ୍ୟଟନ ।

# ସମ୍ଭାବ୍ୟ ମାନ୍ଦାବସ୍ଥା ଓ ପ୍ରଭାବିତ ଭାରତ

## ମୂଲ୍ୟବୋଧ



ଅରବିନ୍ଦ ରାଉତରାୟ

ସର୍ବୋଚ୍ଚ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଓ ବିଶ୍ୱ ବିଭବଶାଳୀ ତାଲିକାରେ ସ୍ଥାନିତ ପଡୋଶୀ ରାଷ୍ଟ୍ର ଚୀନ୍ ମଧ୍ୟରେ ଶୁଳ୍କ ଯୁଦ୍ଧ ଏତେ ତୀବ୍ର ରୂପ ନେଇଛି ଯେ ସମଗ୍ର ବିଶ୍ୱରେ ମାନ୍ଦାବସ୍ଥା ମାଡିଆସିବାର ଆଶଂକା ଉପୁଜିଛି । ଦୁଇରାଷ୍ଟ୍ରର ଏହି ରାଜସ୍ୱ ବୃଦ୍ଧି ମନୋଭାବ କେବଳ ସେମାନଙ୍କ ପାଇଁ ଅର୍ଥନୈତିକ ବାଧା ବନ୍ଧନ ସୃଷ୍ଟି କରୁଛି ତାହା ନୁହେଁ, ବିଶ୍ୱର ପଚାଶରୁ ଉର୍ଦ୍ଧ୍ୱ ଦେଶ ଅଳ୍ପ ବହୁତେ କ୍ଷତିଗ୍ରସ୍ତ ହେଉଛନ୍ତି । ନିଜକୁ ବୃହତ ଅର୍ଥନୈତିକ ଶକ୍ତିରୂପେ ପ୍ରତିପାଦିତ କରିବା ପାଇଁ ବେଇଜିଂର ଅହରହ ଉଦ୍ୟମକୁ ପ୍ରତିହତ କରିବା ହେଉଛି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୁଖ୍ୟ ଲକ୍ଷ୍ୟ । ଆମେରିକା ସମେତ ବିଶ୍ୱର ବହୁ ପ୍ରଭାବଶାଳୀ ରାଷ୍ଟ୍ରରେ ଚୀନ ଉତ୍ପାଦିତ ସାମଗ୍ରୀର ଚାହିଦା ଦିନକୁଦିନ ବଢିବାରେ ଲାଗିଛି ଓ ଆମଦାନୀକାରୀ ରାଜ୍ୟର ଉତ୍ପାଦନ ଶକ୍ତି ପ୍ରଭାବିତ ହୋଇଛି । କେବଳ ସେତିକି ନୁହେଁ ପ୍ରଭାବିତ ଦେଶମାନଙ୍କରେ ରପ୍ତାନି ବାଣିଜ୍ୟ ସଂକୁଚିତ ହେଉଥିବାରୁ ଚୀନରେ ବୈଦେଶିକ ପୁଂଜି ନିବେଶ ପ୍ରତି ନିବେଶକ ମନ ବଳାଇଛନ୍ତି । ଏହି ପରିବର୍ତ୍ତିତ ପ୍ରକ୍ରିୟାରେ ଚୀନର ଅର୍ଥନୀତି ଦିନକୁ ଦିନ ସୁଦୃଢ଼ ହେବାରେ ଲାଗିଛି ଓ ବେଇଜିଂ ସମଗ୍ର ବିଶ୍ୱରେ ନିଜର ବିସ୍ତାରବାଦୀ ଚିନ୍ତାଧାରା ଜାହିର କରିବା ଉଦ୍ୟମ ଜାରି ରଖିଛି । ଏପରିକି ସମଭାବାପନ୍ନ ରାଷ୍ଟ୍ର ଋଷ ସହ ପରୋକ୍ଷରେ ହାତ ମିଳାଇ ଆମେରିକାର ସାର୍ବଭୌମତ୍ୱ ପ୍ରତି ପରୋକ୍ଷରେ ପ୍ରତିବନ୍ଧକ ସୃଷ୍ଟି କରିବା ଭଳି ଦୁଃସାହସିକ ଚିନ୍ତାଧାରାରୁ ବେଇଜିଂ ନିବୃତ୍ତ ହେଉନାହିଁ । ଏ କ୍ଷେତ୍ରରେ ଚୀନକୁ ଶକ୍ତ ଲଗାମ ଦେବା ଲାଗି ରାଷ୍ଟ୍ରପତି ଟ୍ରମ୍ପ ଅସ୍ତ୍ରଯୁଦ୍ଧ ପରିବର୍ତ୍ତେ ଟିକସ ଯୁଦ୍ଧକୁ ଆପଣେଇଛନ୍ତି । ଦୃଢ ଅର୍ଥନୀତି ଜାତୀୟ ସଫଳତାର ମୂଳପିଣ୍ଡ ହୋଇଥିବାରୁ ଆମେରିକା ଆକ୍ରମଣାତ୍ମକ ପଦକ୍ଷେପକୁ ଠିକଣା ସମୟରେ ବିନିଯୋଗ କରିବାକୁ ପଛାଉ ନାହିଁ । ରାଷ୍ଟ୍ରପତି ଟ୍ରମ୍ପ ଦ୍ୱିତୀୟବାର ଶାସନକ୍ଷମତା ଗ୍ରହଣ କରିବା ପରେ ପରେ ଚୀନ, ଭାରତ ସମେତ ବହୁ ରାଷ୍ଟ୍ର ଉପରେ ଅତିରିକ୍ତ ଆମଦାନୀ ଶୁଳ୍କ ଲଗାଇଥିଲେ । ଏହାର ପ୍ରତିବାଦରେ ଚୀନ ମଧ୍ୟ ଆମେରିକୀୟ ଆମଦାନୀ ବାଣିଜ୍ୟ ଉପରେ ଅତିରିକ୍ତ ୮୪ ଶତାଂଶ ଟିକସ ଲଗାଇବାକୁ ଭୁଲି ନଥିଲା । ପରିସ୍ଥିତି ଏତେ ଜଟିଳ ହେଲା ଯେ, ବିଶ୍ୱ ମାନ୍ଦାବସ୍ଥା ଆଶଂକାରେ ଆମେରିକାର ପ୍ରତିଭୂତି ବଜାର ବହୁ କ୍ଷତି ସହିଲା । ଦେଶର ବଡ ବଡ ବହୁରାଷ୍ଟ୍ରୀୟ କମ୍ପାନୀର ସେୟାର ମୂଲ୍ୟ ଆଶାତୀତ କମିଗଲା । ରାଷ୍ଟ୍ରୀୟ ଅର୍ଥନୈତିକ ଅଧୋଗତି ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବାର ଆଶଙ୍କା ଉପୁଜିଲା ।

ଚୀନର ଆକ୍ରମଣାତ୍ମକ ଟିକସ ନୀତିକୁ ପ୍ରତିହତ କରିବା ଲାଗି ଟ୍ରମ୍ପ ଆଉ ପଚାଶ ପ୍ରତିଶତ ଟିକସ ବସାଇବାକୁ ଧମକ ଦେବାକୁ ପଛେଇଲେ ନାହିଁ । ଏହି ନୀତିରେ ୱାଶିଂଟନ ଚୀନ ସାମଗ୍ରୀ ଆମଦାନୀ ଉପରେ ୧୦୪ ପ୍ରତିଶତ ଟିକସ ଲାଗୁ କରିବାକୁ ବାର୍ତ୍ତା ଦେଇଦେଲା । ଚୀନ ମଧ୍ୟ ନଛୋଡ଼ବନ୍ଧା । ବେଇଜିଂ ପାଲଟା ଶୁଳ୍କ ଯୁଦ୍ଧ ଲାଗି ପ୍ରସ୍ତୁତ ବୋଲି ସୂଚନା ଦେବାକୁ ପଛାଇଲା ନାହିଁ । ଏହି ଟିକସ ଯୁଦ୍ଧରେ ଅଧିକ ପ୍ରଭାବିତ ହେଲା ଋଷ । ଅଶୋଧିତ ତୈଳ ଓ ଖଣିଜ ପଦାର୍ଥ ଉତ୍ପାଦନ ଉପରେ ମୁଖ୍ୟତଃ ନିର୍ଭରଶୀଳ ଋଷର ଅର୍ଥନୀତି ଦୁର୍ବଳ ହେବାର ଆଶଂକା ଉପୁଜିଲା । ୟୁକ୍ରେନ୍ ସହ ସର୍ବାଧିକ କାଳ ଯୁଦ୍ଧ କରିଆସୁଥିବା ଋଷକୁ ଦୁର୍ବଳ କରାଯିବା ପ୍ରୟାସରେ ଭାରତ ଭଳି ବହୁ ରାଷ୍ଟ୍ର ଫାଇଦା ଉଠାଇବା ସୁଯୋଗକୁ ହାତଛଡ଼ା କଲେ ନାହିଁ । ଏଣେ ଆମେରିକାର ଟିକସ ଯୁଦ୍ଧରୁ ଭାରତ ମଧ୍ୟ ନିସ୍ତାର ପାଇ ନାହିଁ । ନିକଟରେ ଭାରତୀୟ ପ୍ରତିଭୂତି ବଜାର ବିପୁଳ କ୍ଷତି ସହିବା ସହିତ ବୈଦେଶିକ ପୁଂଜି ବିନିଯୋଗ ସୁଯୋଗ ହାତଛଡ଼ା କରିବାକୁ ବାଧ ହୋଇଥିଲା । ଭାରତୀୟ ଅର୍ଥନୀତିରେ ଅସ୍ଥିରତା ଓ ଆଶାନୁରୂପ ଆର୍ଥିକ ସୁବିଧା ନ ପାଇବା ଆଶଙ୍କାରେ ବହୁ ବିଦେଶୀ ପୁଂଜି ନିବେଶକାରୀ ନିବେଶ ପ୍ରତ୍ୟାହାର କରିନେଲେ । ମାତ୍ର ସେସବୁର ଅଧିକ ଫାଇଦା ଉଠାଇଲା ବେଇଜିଂ । ଏହା ଅର୍ଥ ଭାରତରୁ ପ୍ରତ୍ୟାହୃତ ପୁଂଜି ବେଇଜିଂରେ ବିନିଯୁକ୍ତ ହେବାକୁ ଅଧିକ ସୁରକ୍ଷିତ ମଣିଲା ।

ଆମେରିକାର ସାଂପ୍ରତିକ ଶୁଳ୍କ ଯୁଦ୍ଧର କୁପ୍ରଭାବ ନିକଟରେ ଭାରତୀୟ ପ୍ରତିଭୂତି ବଜାରରେ ଗୋଟିଏ ଦିନରେ ଚଉଦଲକ୍ଷ କୋଟି ଟଙ୍କାର କ୍ଷତି ଘଟାଇ ଦେଲା । ବିନିଯୁକ୍ତ ପୁଂଜି ପ୍ରତି ବିନିଯୋଗକାରୀଙ୍କ ଅସୁରକ୍ଷିତ ଆଶଙ୍କା ବଢିବାରେ ଲାଗିବାରୁ ମୁମ୍ବାଇ ଷ୍ଟକ୍ ଏକ୍ସଚେଞ୍ଜକୁ ବିପୁଳ କ୍ଷତିର ସାମ୍ନା କରିବାକୁ ପଡିଲା । କେବଳ ଏତିକି ନୁହେଁ ଆମେରିକା ଠାରୁ ଆରମ୍ଭ କରି ବିଶ୍ୱର ଅନ୍ୟାନ୍ୟ ଷ୍ଟକ୍ ଏକ୍ସଚେଞ୍ଜ ଉପରେ ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧର କୁପ୍ରଭାବ ପଡିଛି । ଆମେରିକାରେ ରାଷ୍ଟ୍ରପତିଙ୍କ ଏହି ଶୁଳ୍କ ବିସ୍ତାର ମନୋଭାବରେ ନିଜ ଦେଶ ମଧ୍ୟ ଆଶ୍ଚର୍ଯ୍ୟ ଚକିତ ହୋଇଛି । ଆମେରିକୀୟ କେନ୍ଦ୍ରୀୟ ବ୍ୟାଙ୍କ ମୁଖ୍ୟ ମଧ୍ୟ ଏହି ଶୁଳ୍କ ଯୁଦ୍ଧ ଚିନ୍ତାଧାରାକୁ ନାପସନ୍ଦ କରିଛନ୍ତି ।

ଏଣେ ହ୍ୱାଇଟ୍ ହାଉସ୍‌ର ଶୁଳ୍କ ଯୁଦ୍ଧରେ ୟୁରୋପୀୟ ରାଷ୍ଟ୍ରସମୂହ ମଧ୍ୟ ପ୍ରଭାବିତ ହୋଇଛନ୍ତି । ୟୁରୋପୀୟ କମିଶନ ମୁଖ୍ୟଙ୍କ ସହ ପ୍ରତିକ୍ରିୟା ପ୍ରକାଶ କରି ଚୀନର ଦ୍ୱିତୀୟ ସର୍ବୋଚ୍ଚ କ୍ଷମତାରେ ଥିବା ଲି କ୍ୱାଙ୍ଗ ବେଇଜିଂ ଅର୍ଥନୀତି କ୍ଷତିଗ୍ରସ୍ତ ହେବ ନାହିଁ ବୋଲି ବାର୍ତ୍ତା ଦେଇଛନ୍ତି । ଦେଶର ସ୍ଥୁଳ ଅର୍ଥନୈତିକ ବ୍ୟବସ୍ଥା ଏତେ ଯୋଜନାଭିମୁଖୀ ଯେ ୧୦୪ ପ୍ରତିଶତ ଅତିରିକ୍ତ ଟିକସ ପ୍ରଭାବକୁ ହଜମ କରିବାର ଶକ୍ତି ରଖିଥିବା ସେ ଦର୍ଶାଇଛନ୍ତି । ତେବେ ଆମେରିକୀୟ ପ୍ରତିକୂଳ ପଦକ୍ଷେପ ସତ୍ତ୍ୱେ ଚୀନର ଅର୍ଥନୈତିକ ବିକାଶ ଧାରା ବାଧାପ୍ରାପ୍ତ ହେବ ନାହିଁ ବୋଲି ସେ ସମଗ୍ର ବିଶ୍ୱକୁ ବାର୍ତ୍ତା ଦେବାକୁ ମଧ୍ୟ ଭୁଲି ନାହାନ୍ତି।

ଅନ୍ୟପକ୍ଷରେ ଋଷର ଅର୍ଥନୀତି ପ୍ରଭାବିତ ହେବା ସହିତ ବିଶ୍ୱବଜାରରେ ଅଶୋଧିତ ତୈଳ ଦର ପଚାଶ ଡଲାର ତଳକୁ ଖସିଆସିଛି । ସ୍ୱଳ୍ପ ମୂଲ୍ୟରେ ତେଲ ବିକି ଅର୍ଥନୈତିକ ଆବଶ୍ୟକତା ପୂରଣ ସହିତ ଯୁଦ୍ଧଜନିତ ଅତିରିକ୍ତ ବ୍ୟୟଭାର ବହନ କରିବା ଋଷ ପାଇଁ ସମସ୍ୟା ସୃଷ୍ଟି କରିଛି ।

ଭାରତ କିନ୍ତୁ ବିଶ୍ୱବଜାରରୁ ସ୍ୱଳ୍ପ ମୂଲ୍ୟର ତୈଳ କିଣି ଆର୍ଥିକ ଫାଇଦା ଉଠାଇବା ସହ ଆମେରିକୀୟ ଶୁଳ୍କ ଯୁଦ୍ଧ ଜନିତ ପ୍ରଭାବକୁ ଭରଣା କରିବା ଲାଗି ପେଟ୍ରୋଲ ଓ ଡିଜେଲ ଉତ୍ପାଦ ଶୁଳ୍କ ଦୁଇଟଙ୍କା ବୃଦ୍ଧି କରିଛି । କେବଳ ସେତିକି ନୁହେଁ, ଦୈନନ୍ଦିନ ଖାଦ୍ୟ ରକ୍ଷା ପାଇଁ ଆବଶ୍ୟକ ଗ୍ୟାସ ଦର ମଧ୍ୟ ବଢାଇ ଅତିରିକ୍ତ ଆର୍ଥିକ ବୋଝ ସୃଷ୍ଟି କରିବାକୁ ନୂଆଦିଲ୍ଲୀ ପଛାଇ ନାହିଁ । ଏହି ବର୍ଦ୍ଧିତ ଦର ଲାଗୁ ହେବା ସହ କେନ୍ଦ୍ର ସରକାର ଅତିରିକ୍ତ ରାଜସ୍ୱ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଯୋଜନା ରଖିଛନ୍ତି । ପରିବର୍ତ୍ତିତ ବ୍ୟବସ୍ଥାରେ ପେଟ୍ରୋଲ ଲିଟର ପିଛା ୧୩ ଟଙ୍କା ଉତ୍ପାଦ ଶୁଳ୍କ ଓ ଡିଜେଲ ଉପରେ ଦଶଟଙ୍କା ଦେବାକୁ ପଡୁଛି । ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଉତ୍ପାଦନ ଶୁଳ୍କ ବୃଦ୍ଧି ବିଜ୍ଞପ୍ତି ପ୍ରକାଶ ପାଇଥିଲେ ସୁଦ୍ଧା ଗ୍ରାହକଙ୍କ ଉପରେ କି ପ୍ରଭାବ ପଡିବ ସେଥିପ୍ରତି ନୀରବ ରହିଛି ।

ସାଂପ୍ରତିକ ଅସ୍ଥିର ଅର୍ଥନୈତିକ ପରିବେଶରେ ଦରବୃଦ୍ଧିଜନିତ ପ୍ରଭାବ ଦେଶବାସୀଙ୍କୁ ଯେତିକି ପ୍ରଭାବିତ କରିଛି, ତତୋଧିକ ବୋଝ ସୃଷ୍ଟି କରିଛି ପ୍ରଚଳିତ ଜିଏସ୍‌ଟି ବ୍ୟବସ୍ଥା । ଖାଦ୍ୟପଦାର୍ଥ ଠାରୁ ଆରମ୍ଭ କରି ପନିପରିବା ଦର ମୁଣ୍ଡପିଛା ଆୟ ବୃଦ୍ଧି ତୁଳନାରେ ଅଧିକ ବୋଝ ସୃଷ୍ଟି କରୁଛି । ଏହି ଅସହ୍ୟ ପରିବେଶରେ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ପରିବହନ ବ୍ୟୟଭାର ବୃଦ୍ଧିକୁ ତେଜିବ ଓ ତା’ର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ପଡିବ ଦେଶବାସୀଙ୍କ ଉପରେ । ଅସ୍ଥିର ସ୍ଥିତାବସ୍ଥାରେ ମୁଣ୍ଡପିଛା ଆୟ ବୃଦ୍ଧି ଓ ଟିକସ ପରବର୍ତ୍ତୀ ଆୟ ବୃଦ୍ଧି କ୍ଷେତ୍ରରେ ସରକାର ସଫଳ ହୋଇନଥିବା ବେଳେ ଅତିରିକ୍ତ ଆର୍ଥିକ ବୋଝ ସୃଷ୍ଟି କେତେ ଯୁକ୍ତିସଂଗତ ତାହା ଭଲଦିନ ଆସିବାର ନାରା ଦେଉଥିବା କେନ୍ଦ୍ର ସରକାରଙ୍କୁ ହିଁ ଜଣା । ଦେଶରେ ବେକାରୀ ସମସ୍ୟା ଚରମ ସ୍ଥିତିରେ ପହଞ୍ଚିଛି । ଅତିରିକ୍ତ ରୋଜଗାର ସୃଷ୍ଟି ଯୋଜନା କେବଳ ଯୋଜନାରେ ହିଁ ରହିଯାଉଛି । ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୮ ଡଲାର ଥିବା ବେଳେ ବର୍ତ୍ତମାନର ପେଟ୍ରୋଲ ଓ ଡିଜେଲ ଦର ନିର୍ଦ୍ଧାରିତ ହୋଇଥିଲା । ମାତ୍ର ପରିବର୍ତ୍ତିତ ପରିବେଶରେ କେନ୍ଦ୍ର ସରକାର ୧୩ ଡଲାର କମ୍ ମୂଲ୍ୟରେ ଅଶୋଧିତ ତୈଳ କିଣି ଦର କମାଇବା ପରିବର୍ତ୍ତେ ଉତ୍ପାଦ ଶୁଳ୍କ ବାହାନାରେ ପେଟ୍ରୋଲ ଡିଜେଲ ଦର ବଢାଇ ଦେଉଛନ୍ତି । ଏହାର ମୂଳକାରଣ ହେଲା ଜାତୀୟ ଅର୍ଥନୀତିର ଅସ୍ଥିରତା ଓ ବିଦେଶୀ ପୁଂଜି ନିବେଶର ଅସୁରକ୍ଷିତ ଅବସ୍ଥା । ନିଜ ଅର୍ଥନୀତିକୁ ଠିକଣା ଭାବେ ସମ୍ଭାଳିବାରେ ଅସାମର୍ଥ ହେଉଥିବା କେନ୍ଦ୍ରସରକାର ବିଶ୍ୱଗୁରୁ ଓ ବିକଶିତ ଭାରତ ସ୍ୱପ୍ନ ଦେଖିବା କେତେ ବାସ୍ତବ ତାହା ଦେଶବାସୀଙ୍କୁ ହିଁ ବେଶ୍ ଜଣା । ଏଭଳି ଅସାକାର ସ୍ୱପ୍ନ ଆଜିର ରାଜନୀତି ପାଇଁ ଗ୍ରହଣୀୟ ହୋଇପାରେ ସିନା ସୁସ୍ଥ ଅର୍ଥନୀତି ପାଇଁ ଆଦୌ ସ୍ପୃହଣୀୟ ନୁହେଁ । କାରଣ ସ୍ୱପ୍ନକୁ ସାକାର କରିବା ପାଇଁ ଯୋଜନା ବଦ୍ଧ ପଦକ୍ଷେପ ଲୋଡା ଓ ଯୋଜନାର ସଫଳ କାର୍ଯ୍ୟକାରିତା ଲାଗି ଆବଶ୍ୟକ ଭିତ୍ତିଭୂମିର ପ୍ରସ୍ତୁତି ଅପରିହାର୍ଯ୍ୟ । ଯେଉଁ ଦେଶ ବିକଶିତ ମାର୍ଗ ପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତି ଶେଷ କରିବାରେ ସମର୍ଥ ହୋଇନାହିଁ, ସେ ଦେଶ ଅନ୍ୟ ପାଇଁ ଦୃଷ୍ଟାନ୍ତ ହେବ ବା କିପରି? ବିଭିନ୍ନ ଉପାୟରେ ଲୋକମତକୁ ନିଜ ସପକ୍ଷରେ ନେଇ ଲଗାତର ଶାସନ କ୍ଷମତା ଆହରଣ କରିଦେଲେ ଯେ ବିକଶିତ ରାଷ୍ଟ୍ର ମର୍ଯ୍ୟାଦା ଆପେ ଆପେ ହାତ ପାହାନ୍ତାରେ ମିଳିଯିବ, ତାହା ଭାବିବା ମଧ୍ୟ ଆଉ ଏକ ନିର୍ବୋଧତାର ପରିଚୟ । ବୃହତ ଓ ଶକ୍ତିଶାଳୀ ରାଷ୍ଟ୍ରମଧ୍ୟରେ ଶୁଳ୍କ ଯୁଦ୍ଧ ଯେ ନିକଟ ଭବିଷ୍ୟତରେ ବିଶ୍ୱମାନ୍ଦାବସ୍ଥା ନ ଆଣିବ ସେ ଗ୍ୟାରେଣ୍ଟି କିଏ ଦେଇପାରିବ? ସର୍ବୋଚ୍ଚ ସ୍ଥାନକୁ ଯିବା ଓ ରହିବାର ପ୍ରତିଯୋଗିତା ସମଗ୍ର ବିଶ୍ୱ ପାଇଁ ଦିନେ ସତର୍କ ଘଣ୍ଟି ଯେ ନ ହେବ ତାହା କହି ହେବ ନାହିଁ । କଥାରେ ଅଛି ବେଳହୁଁ ସାବଧାନ । ବିପଦ ଆସିବା ପୂର୍ବରୁ ଗ୍ରହଣୀୟ ପଥକୁ ଆବୋରୀ ନେବାହିଁ ଭାରତ ପାଇଁ ବୁଦ୍ଧିମତାର ପରିଚୟ ।

**ବରିଷ୍ଠ ସାମ୍ବାଦିକ, କଟକ**
**ମୋ– ୯୪୩୭୧୩୪୪୦୦**

# ନଦୀ ଫେରେ ସାଗରକୁ, ପକ୍ଷୀ ଫେରେ ନୀଡ଼େ...

■ ନାଟ୍ୟସାରଥି ଅଭୟ କୁମାର ଦାସ ■

‘ନଦୀ ଫେରେ ସାଗରକୁ, ପକ୍ଷୀ ଫେରେ ନୀଡ଼େ, ଫେରିବାର ବେଳ ହେଲେ ମୋର କିଆଁ ତୁମ କଥା ଏତେ ବେଶୀ ମନେପଡ଼େ...। ଓଡ଼ିଶା ସଂଗୀତର ଚିରସବୁଜ ଗାୟକ ଅକ୍ଷୟ ମହାନ୍ତିଙ୍କ ସହ ପଦରେ ପଦ ମିଶାଇ ବେଶ ରୋମାଣ୍ଟିକ ଢ଼ଙ୍ଗରେ କଣ୍ଠଦାନ କରିଥିବା ଓଡ଼ିଆ ସଂଗୀତ ଦୁନିଆର ଜଣେ ଉଜ୍ଜ୍ୱଳତମ ତାରକା ଗୀତା ପଟ୍ଟନାୟକ ଚିରଦିନ ଲାଗି ଉଭେଇ ଯାଇଛନ୍ତି। କହିବାକୁଗଲେ ଥମି ଯାଇଛି ତାଙ୍କ ହୃଦୟ ଛୁଆଁ ଅନ୍ତର ଭିତର ଭାବପ୍ରବଣ ମିଠା ସ୍ୱର। ସବୁବେଳେ ଫିଟ ଓ ସଂଗୀତକୁ ନିଜ ସାଧନା ଭାବେ ବିଚାର କରିଥିବା ଗୀତା ପଟ୍ଟନାୟକଙ୍କ ଅବର୍ତ୍ତମାନରେ ତାଙ୍କ ଅଗଣିତ ପ୍ରସଂଶକ ମନ ଭିତରେ ଅତି ଭାବ ପ୍ରବଣତାର ସହିତ ରୁନ୍ଧି ହେବା କୋହରେ ଗୁଣୁ ଗୁଣଉଛନ୍ତି ସତରେ ନଦୀ ଯେମିତି ସାଗରକୁ, ପକ୍ଷୀ ଯେମିତି ନୀଡ଼କୁ ଆଉ ବାସ୍ତବିକ ସମସ୍ତଙ୍କର ଗୀତା ପଟ୍ଟନାୟକ ଆରପାରିକୁ ଚାଲିଯାଇଛନ୍ତି। ଅଫେରା ବାଟକୁ ସଂଗୀତ ଦୁନିଆ ଏପରି ଏକ ବିଦାୟ ଦେଇଛି ସମ୍ଭବତଃ ଯାହା ଏ ସୃଷ୍ଟିର ଚିରାଚରିତ ନିୟମ ଭିତରେ ବନ୍ଧା ।

୧୯୫୪ ମସିହା ଡିସେମ୍ବର ୧୦ ତାରିଖରେ ସୁରେନ୍ଦ୍ର ଚନ୍ଦ୍ର ପଟ୍ଟନାୟକ ଓ ହେମଲତା ପଟ୍ଟନାୟକଙ୍କ କୋଳ ମଣ୍ଡନ କରିଥିବା ସୁକଣ୍ଠୀ ଗାୟିକା ଗୀତା ପିଲାବେଳୁ ସଂଗୀତ ପ୍ରତି ତାଙ୍କ ଦୁର୍ବଳତା ରଖିଥିଲେ। ତାଙ୍କ ମାଆ ଓ ମାଉସୀ ସଂଗୀତ ସାଧନା ପ୍ରତି ରୁଚି ରଖିଥିବାରୁ ପିଲା ଦିନରୁ ଏକ ସଂଗୀତମୟ ପରିବେଶରେ ସେ ତାଙ୍କ ସାଧନା ଆରମ୍ଭ କରିଥିଲେ। ମାତ୍ର ଛଅ ବର୍ଷ ବୟସରୁ କଳାବିକାଶ କେନ୍ଦ୍ରରେ ଗୀତ ଶିଖିବା ସହ ସଂଗୀତ ଭୂଷଣ କୃତୀତ୍ୱରେ ସେ ଉତ୍ତୀର୍ଣ୍ଣ ହୋଇଥିଲେ। ପରବର୍ତ୍ତୀ ସମୟରେ ଶିଶୁ ସଂସାର ଓ କିଶୋର ଚକ୍ରରେ କଣ୍ଠଦାନ କରି ଆକାଶବାଣୀର ଜଣେ ଲୋକପ୍ରିୟ ଗାୟିକା ଭାବେ ସ୍ୱୀକୃତି ପାଇଥିଲେ। ୧୯୭୧ ମସିହାରେ ଆକାଶବାଣୀରେ କଣ୍ଠଦାନ କରିଥିବା ତାଙ୍କ ପ୍ରଥମ ଗୀତଟି ଥିଲା ‘ଜଗବନ୍ଧୁ ପରି ଜଣେ ସାମନ୍ତ...’। ପରବର୍ତ୍ତୀ ସମୟରେ ସେ ତାଙ୍କ ସାଧନା ଆଗେଇ ନେଇଥିଲେ। ରାଜନୀତି ବିଜ୍ଞାନରେ ଏମ.ଏ. ପାସ କରିଥିବା ଗୀତାଙ୍କ ସଂଗୀତ ଯାତ୍ରା ବାସ୍ତବିକ ହୃଦୟ ଛୁଆଁ । ଅନେକ ମଞ୍ଚରେ ସେ କହିଛନ୍ତି ଯେ ଜୀବନର ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ମୁଁ ସଂଗୀତ ସାଧନାରେ ନିଜକୁ ନିୟୋଜିତ ରଖିଥିବି।



ତାଙ୍କ ସଂଗୀତ ସାଧନାମୟ ଜୀବନରେ ପ୍ରଥମେ ଗୁରୁଥିଲେ କ୍ଷୀତିଶ ଚନ୍ଦ୍ର ମୈତ୍ର। ପରବର୍ତ୍ତୀ ସମୟରେ ବାଳକୃଷ୍ଣ ଦାସ ଓ ରାଖାଲ ଚନ୍ଦ୍ର ମହାନ୍ତିଙ୍କ ଠାରୁ ବିଧିବଦ୍ଧ ଭାବେ ଗୀତ ଶିଖିଥିଲେ। ଅନେକ ହୁଏତ ଜାଣି ନଥିବେ ମାତ୍ର ପନ୍ଦର ବର୍ଷ ବୟସରେ ଓଡ଼ିଆ ଚଳଚ୍ଚିତ୍ର ‘ଅଧୀନ ମେଘରେ’ କଣ୍ଠଦାନ କରି ସେ ସମସ୍ତଙ୍କୁ ଚମକାଇ ଦେଇଥିଲେ। ‘ସଂସାର’, ‘ନାଗଫାଶ’, ‘ଯାଜପୁର’, ‘ଆହୁତି’, ‘ତଅପୋଇ’, ‘ଅଶାନ୍ତ ଗ୍ରହ’, ‘ମାଂସର ବିଳାପ’ ପରି ପନ୍ଦରରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ସେ ତାଙ୍କ ସୁମଧୁର କଣ୍ଠର ଛାପ ଛାଡ଼ି ଯାଇଛନ୍ତି । ତାଙ୍କ ସର୍ବକାଳୀନ ସୁପରହିଟ ଗୀତଗୁଡ଼ିକ ହେଉଛି ‘ଫୁରକିନା ଉଡିଗଲା ବଣି’, ‘ଯାରେ ଭାସି ଭାସି ଯା’, ‘ନଦୀ ଫେରେ ସାଗରକୁ’ ପ୍ରମୁଖ । ଅନେକ ହୁଏତ ଜାଣିନଥିବେ ଏକଦା ଟିସିରିଜ ବ୍ୟାନରରେ କଣ୍ଠଦାନ ପାଇଁ ଗୁଲସନ କୁମାର ଅଫର ଦେଇଥିଲେ କିନ୍ତୁ କିଛି ଜରୁରୀ କାର୍ଯ୍ୟକ୍ରମ ପାଇଁ ଏ ସୁଯୋଗକୁ ହାତ ଛଡ଼ା କରିଥିଲେ। ନିଜ କ୍ୟାରିୟରକୁ ଛାଡ଼ି ସୁଦୂର ଦିଲ୍ଲୀରୁ ସେ ଓଡ଼ିଶା ଆସି ଏହିଠାରେ ହିଁ ନିଜ ସଂଗୀତମୟ ଜୀବନ ଆଗେଇ ନେଇଥିଲେ । ୧୯୮୪ ମସିହାରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇବା ପୂର୍ବରୁ ସେ ଅକ୍ଷୟ ମହାନ୍ତି, ବାଳକୃଷ୍ଣ ଦାସ, ରାଖାଲ ଚନ୍ଦ୍ର ମହାନ୍ତିଙ୍କ ପରି ଖ୍ୟାତନାମା ସଂଗୀତ ନିର୍ଦ୍ଦେଶକଙ୍କ ସହିତ ସେ କାର୍ଯ୍ୟ କରିଥିଲେ। ୨୦୧୨ରେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସମ୍ମାନ ପାଇବା ସହ ଓଡ଼ିଶା ଓ ଓଡ଼ିଶା ବାହାରର ଅନେକ ସଂଗଠନ ଠାରୁ ସେ ସମ୍ବର୍ଦ୍ଧିତ ହୋଇଥିଲେ ।

ସଂଗୀତ ସାଧନାରେ ରୁଚି ରଖିଥିବା ଗୀତା ପଟ୍ଟନାୟକଙ୍କ ପରିବାରରେ କେବଳ ସଂଗୀତ ପ୍ରେରଣା ସେ ପାଇନଥିଲେ । ତାଙ୍କ ଜେଜେ ଜଣେ ପ୍ରଖ୍ୟାତ ଫୁଟବଲ ଖେଳାଳି ଥିଲେ ଯାହାଙ୍କ ନାମରେ ସତ୍ୟବ୍ରତ ଷ୍ଟାଡିୟମ ହୋଇଛି । ତାଙ୍କ ବାପା ମଧ୍ୟ ଜଣେ ଫୁଟବଲ ଖେଳାଳି ଯେ କି ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ସହପାଠୀ ଥିଲେ । ଅନେକ ଶ୍ରୋତା ଓ ସଂଗୀତରେ ରୁଚି ରଖିଥିବା ବ୍ୟକ୍ତିତ୍ୱଙ୍କ ପାଇଁ ଏକ ଅଜଣା କଥା ହୋଇପାରେ ଯେ ଖ୍ୟାତନାମା ସଂଗୀତ କିମ୍ବଦନ୍ତୀ ଖୋକା ଭାଇ ଗୀତା ପଟ୍ଟନାୟକଙ୍କ ବିବାହ ପ୍ରସ୍ତାବ ବୁଝିଥିଲେ। ଅକ୍ଷୟ ମହାନ୍ତିଙ୍କ ଭଉଣୀ ଦିଲ୍ଲୀରେ କାର୍ଯ୍ୟ କରୁଥିବାରୁ ଇଞ୍ଜିନିୟର କ୍ରୀଷ୍ଣଗୋପାଳଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କରି ସହିତ ସମ୍ପର୍କ ଆଗେଇ ନେଇ ପ୍ରସ୍ତାବ ଓ ପରେ ବିବାହ ହୋଇଥିଲା ଗୀତା ପଟ୍ଟନାୟକଙ୍କର । ଗୀତା ପଟ୍ଟନାୟକଙ୍କର ପରଲୋକ କହିବାକୁଗଲେ ଓଡ଼ିଶା ସଂଗୀତ ଜଗତର ଏକ ଅପୂରଣୀୟ କ୍ଷତି। ଫକୀରମୋହନଙ୍କ ଗଳ୍ପ ଉପରେ ପ୍ରସ୍ତୁତ ଗୀତିନାଟ୍ୟ ‘ଶ୍ରୀମତୀ ସମାର୍ଜନୀ’ ପାଇଁ ମଧ୍ୟ ସେ କଣ୍ଠଦାନ କରିଥିଲେ। ଦିଲ୍ଲୀ ଦୂରଦର୍ଶନର ଜାତୀୟ କାର୍ଯ୍ୟକ୍ରମ ଠାରୁ ରାଜ୍ୟ ସରକାରଙ୍କ ଚଳଚ୍ଚିତ୍ର ଜୁରି କମିଟି, ଆକାଶବାଣୀ ଅଡ଼ିସନ ବୋର୍ଡ଼ ଠାରୁ ତରଙ୍ଗ ଚଳଚ୍ଚିତ୍ର ଜୁରି କମିଟି ସଦସ୍ୟା ପରି ଅନେକ ଗୁରୁତ୍ୱପୂର୍ଣ୍ଣ ସଂଗୀତ ସାଧନାମୟ କାର୍ଯ୍ୟରେ ସେ ସବୁବେଳେ ବ୍ୟସ୍ତ ରହୁଥିଲେ। ଓଡ଼ିଆ ସଂଗୀତ ଜଗତର ଗୋଟିଏ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହେଲା। ତାଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ସେ ଗାଇଥିବା ଲୋକପ୍ରିୟ ସଂଗୀତ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ ନିଶ୍ଚୟ । ତାଙ୍କ ଦିବଂଗତ ଆତ୍ମାର ସଦଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ କାମନା କରୁଛି ।

**ଗୋତରା, ମାହାଙ୍ଗା, କଟକ,**
**ମୋ. ୯୪୩୭୧୪୨୭୧୭**

# ବିଗାଡୁଛି ପ୍ରଦୂଷଣ ଓ ଯାଞ୍ଚ ସାର୍ଟିଫିକେଟ ପ୍ରହସନ!

ନାରାୟଣ ଚନ୍ଦ୍ର ବିଶ୍ୱାଳ

ପ୍ରଦୂଷଣ ବଢୁଛି । ପରିବେଶକୁ କ୍ଷତି ପହଞ୍ଚୁଛି । ଗାଡ଼ିସଂଖ୍ୟା ବଢ଼ିବା କାରଣରୁ ଏଥିରୁ ନିର୍ଗତ ଧୂଆଁ ପରିବେଶ ନଷ୍ଟ କରୁଛି । ତେଣୁ ଯେଉଁ ଗାଡ଼ି ଅଧିକ ପ୍ରଦୂଷଣ ସୃଷ୍ଟି କରୁଛନ୍ତି ସେମାନଙ୍କ ଉପରେ କଟକଣା ଲଗାଇବା ଏବଂ ଯେଉଁ ଗାଡ଼ି ଗୁଡ଼ିକ ପରିବେଶ ଅନୁକୂଳ ସେମାନେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ବା ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ ହାସଲ କଲେ ଯାଇ ଗାଡ଼ିରେ ତେଲ ପକାଇ ପାରିବେ ବୋଲି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି । ଏଥିପାଇଁ ସାରା ରାଜ୍ୟରେ ଗାଡ଼ି ଟେଷ୍ଟିଂ କେନ୍ଦ୍ର ଆଗରେ ନାହିଁ ନଥିବା ଭିଡ଼ । ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଯେତେ ଗାଡ଼ି ଟେଷ୍ଟିଂ କେନ୍ଦ୍ରକୁ ଯାଉଛି ସମସ୍ତଙ୍କୁ ମିଳୁଛି ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ । ବିଶେଷକରି କୌଣସି ଦୁଇ ଚକିଆ ଗାଡ଼ି ଏଥିରେ ଫେଲ ହେଉନାହାନ୍ତ । ଫଳରେ ସାର୍ଟିଫିକେଟ ଦେବା ନାଁରେ କେବଳ ପ୍ରହସନ ଚାଲିଥିବା ଆଲୋଚନା ହେଉଛି ।

ରାସ୍ତାର ଏବେ ବିଭିନ୍ନ ସ୍ଥାନରେ ଭ୍ରାମ୍ୟମାଣ ପ୍ରଦୂଷଣ ଟେଷ୍ଟିଂ ଗାଡ଼ି ଛିଡ଼ା ହୋଇଛ । ଆଜି କେଉଁଠି ସ୍ଥାୟୀ କେନ୍ଦ୍ର ରହିଛି । ଏହିସବୁ କେନ୍ଦ୍ରରେ ପ୍ରଦୂଷଣ ଯାଞ୍ଚ କରାଯାଇ ଏଥିରେ ସଫଳ ଗାଡ଼ିକୁ ସାର୍ଟିଫିକେଟ ପ୍ରଦାନ କରାଯାଉଛି । ଅର୍ଥାତ୍ ଯେଉଁ ଗାଡ଼ି ଏହି ସାର୍ଟିଫିକେଟ ପାଇଲା ସଂପୃକ୍ତ ଗାଡ଼ି ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ । ସବୁଗାଡ଼ି ଯାଞ୍ଚରେ ପାସ କରୁଥିବାରୁ ଏହାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ପରିବହନ ବିଭାଗର ସୂଚନା ଅନୁଯାୟୀ, ଓଡ଼ିଶାର ଅଧିକାଂଶ ଦୁଇଚକିଆ ଯାନ କେବଳ କିଣା ହେବା ସମୟରେ ପ୍ରଦୂଷଣ ସେମାନେ ଚେତାବନୀ ଦେଇ କହିଛନ୍ତି ଯଦି ତତ୍କାଳ ପଦକ୍ଷେପ ନିଆ ନଯିବ ତେବେ ଏହି ସମସ୍ୟା ପ୍ରତିବର୍ଷ ବଢ଼ିବ । ସବୁଠାରୁ ବଡ଼ କଥା ହେଲା ଗତ ୧୦ ବର୍ଷ ହେଲା ହୃଦରୋଗ ସହ ମେଦ ବହୁଳତା ଯୋଡ଼ି ହୋଇଯାଇଛି । ଏଥିରେ ଯାନବାହାନ ଓ ବିମାନରୁ ନିର୍ଗତ ବିଷାକ୍ତ ଦ୍ରବ ବଡ଼ ଭୂମିକା ରହିଛି । ବାୟୁ ପ୍ରଦୂଷଣ ଉପରେ ଭାରତ ସରକାର ନୂଆ ଫୋକସ ଅବଶ୍ୟ କରିଛନ୍ତି । କିନ୍ତୁ ଏହା ବହୁ ବିଳମ୍ବ ହୋଇଯାଇଛି ।

ଭାରତରେ ବାୟୁ ପ୍ରଦୂଷଣ ଯୋଗୁଁ ସୃଷ୍ଟି ହେଉଥିବା ହୃତପିଣ୍ଡ, ଶ୍ୱାସ ପ୍ରଶ୍ୱାସ, ସ୍ନାୟୁ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ପର୍ଯ୍ୟାପ୍ତ ବୈଜ୍ଞାନିକ ପ୍ରମାଣ ରହିଛି । ପ୍ରଦୂଷଣକୁ ରୋକିବା ଲାଗି ପଦକ୍ଷେପ ନେବାରେ ବିଳମ୍ବ ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଆର୍ଥିକ ବୋଝ ବଢ଼ିବ । ମୁଣ୍ଡବିନ୍ଧା, ହାଲିଆ ଲାଗିବା, ହାଲକା କାଶ, ଗଳା ଦରଜ, ପାଚନ ସମସ୍ୟା, ଆଖି ଶୁଷ୍କ ହୋଇଯିବା, ଚର୍ମରେ ଲାଲ ଚିହ୍ନ ଓ କ୍ରମାଗତ ସଂକ୍ରମଣ ଭଳି ସମସ୍ୟାକୁ ଛୋଟମୋଟ କହି ସବୁବେଳେ ଲୋକମାନେ ଅଣଦେଖା କରୁଛନ୍ତି । କିନ୍ତୁ ବାସ୍ତବରେ ଏହା କୌଣସି ଗମ୍ଭୀର ରୋଗର ସଙ୍କେତ ହୋଇଥାଏ । ପ୍ରଦୂଷିତ ସହରରେ ବାୟୁ ଆଖିକୁ ପରିଷ୍କାର ଦେଖାଯାଉଥିଲେ ମଧ୍ୟ ସେଥିରେ ଅନେକ ଛୋଟ ଛୋଟ କଣିକା (ପିଏମ୨.୫ ପ୍ରଦୂଷଣ) ରହିଛି। ଯାହା ହୃଦରୋଗ ପ୍ରତି ବିପଦ ସୃଷ୍ଟି କରିପାରେ । ହୃଦରୋଗ ଏକ ମନ୍ଥର ପ୍ରକ୍ରିୟା, କିନ୍ତୁ ଏଥିରେ ହଠାତ୍ ସ୍ଥିତି ବିଗିଡ଼ି ଯାଏ । ପିଏମ୍୨.୫ ପ୍ରଦୂଷଣ ଆଖିକୁ ଦେଖାଯାଏ ନାହ । ରକ୍ତଚାପ କିମ୍ବା କୋଲେଷ୍ଟ୍ରୋଲ ଭଳି ଏହାକୁ ସହଜରେ ମପାଯାଇ ପାରିବ ନାହିଁ । ଫଳରେ ଲୋକମାନେ ଏହାର ଗମ୍ଭୀର ବିପଦକୁ ଜାଣିପାରନ୍ତି ନାହିଁ ।

ସଦ୍ୟ ସମାପ୍ତ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନରେ କେନ୍ଦ୍ର ସରକାର କହିଥିଲେ ଯେ ପ୍ରଦୂଷଣ ଓ ତାର ସିଧାସଳଖ ପ୍ରଭାବ ହୃତପିଣ୍ଡ ଉପରେ ପଡ଼ିବା ସମ୍ପର୍କରେ କୌଣସି ଠୋସ ତଥ୍ୟ ତାଙ୍କ ପାଖରେ ନାହିଁ । କିନ୍ତୁ ସରକାର ମାନିଥିଲେ ଯେ ବାୟୁ ପ୍ରଦୂଷଣ ଶ୍ୱାସପ୍ରଶ୍ୱାସ ଜନିତ ରୋଗ ବୃଦ୍ଧିର ଏକ କାରଣ ପାଲଟିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସଂସଦରେ ଆଗତ କରାଯାଇଥିବା ରିପୋର୍ଟ ଅନୁସାରେ ଗତ ୩ ବର୍ଷରେ ଦିଲ୍ଲୀରେ ଶ୍ୱାସପ୍ରଶ୍ୱାସ ଜନିତ ସମସ୍ୟାରେ ପୀଡ଼ିତ ହୋଇ ୨ ଲକ୍ଷରୁ ଅଧିକ ଲୋକ ହସ୍ପିଟାଲ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ୩୦ ହଜାରରୁ ଅଧିକ ରୋଗୀଙ୍କୁ ହସ୍ପିଟାଲରେ ଚିକିତ୍ସିତ ହେବାକୁ ପଡୁଛି ।

ଲାନସେଟ ଫାଉଣ୍ଡେସନ ଅଫ ହେଲଥ ଆଣ୍ଡ କ୍ଲାଇମେଟ ଚେଞ୍ଜ ୨୦୨୫ ରିପୋର୍ଟ ଅନୁସାରେ ୨୦୨୨ରେ ଭାରତରେ ପିଏମ ୨.୫ ପ୍ରଦୂଣେ ଯୋଗୁ ୧୭ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେଥିରେ ୨.୬୯ ଲକ୍ଷ ମୃତ୍ୟୁ ସଡ଼କ ପରିବହନ ସହ ଜଡ଼ିତ ପେଟ୍ରୋଲ ଓ ଡିଜେଲରୁ ସୃଷ୍ଟି ପ୍ରଦୂଷଣ ଯୋଗୁ ହୋଇଥିଲା । ଗତ ମେ’ରେ ଇରନ୍ୟାସନାଲ କାଉନସିଲ ଅନ କ୍ଲିନ ଟ୍ରାନ୍ସପୋର୍ଟେସନ ପକ୍ଷରୁ କରାଯାଇଥିବା ଏକ ବୈଶ୍ୱିକ ଅଧ୍ୟୟନରେ କୁହାଯାଇଥିଲା ଗାଡ଼ିରୁ ବାହାରୁଥିବା ବିଷାକ୍ତ ଗ୍ୟାସକୁ ନିୟନ୍ତ୍ରଣ କରିବା ଲାଗି ନୀତି ଅଣାଗଲେ ୨୦୪୦ ବେଳକୁ ୧୯ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ବଞ୍ଚିପାରିବ । ଏଥିସହ ୧୪ ଲକ୍ଷ ପିଲାଙ୍କୁ ଶ୍ୱାସ ରୋଗରୁ ରକ୍ଷା କରାଯାଇପାରିବ। ପ୍ରଦୂଷଣ ଯାଞ୍ଚ ବାସ୍ତବାଭିମୁଖୀ ହେଉ ଏବଂ ସବୁଠାରୁ ବଡ଼କଥା ହେଉଛି ଭାରତରେ ବାୟୁ ପ୍ରଦୂଷଣ, କୋଭିଡ୍– ୧୯ ମହାମାରୀ ପରେ ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସଙ୍କଟ ପରି ଉଭା ହୋଇଛି । ଆଗାମୀ ଦିନରେ ଏହି ପ୍ରଦୂଷଣ ଲୋକଙ୍କ ସ୍ୱାସ୍ଥ୍ୟ ଓ ଦେଶର ଅର୍ଥ ବ୍ୟବସ୍ଥା ଉପରେ ଦୀର୍ଘକାଳୀନ ପ୍ରଭାବ ପକାଇବ। ଏବେ ଶୀତ ଯଦିଓ କମୁଛି କିନ୍ତୁ ପ୍ରଦୂଷଣର ବିଷ ସେତିକି ବଢୁଛି । ଓଡ଼ିଶା କଥା ବିଚାର କଲେ ଓଡ଼ିଶାର ସାତଟି ସହରରେ ବାୟୁର ମାନ ବିଗିଡ଼ି ଚାଲିଛି । ଯେଉଁ ହାରରେ ଓଡ଼ିଶାରେ ବାୟୁ ପ୍ରଦୂଷଣ ବଢୁଛି ତାହା ଅନେକଙ୍କୁ ଚକିତ କରିଛି । ଶୀତ ଦିନେ ଭୂପୃଷ୍ଠରେ ତାପମାତ୍ରା ଉପର ବାୟୁ ଅପେକ୍ଷା କମ ଥାଏ । ଏହାକୁ ଇନଭର୍ସନ କୁହାଯାଏ । ତେଣୁ ଭୂପୃଷ୍ଠର ଧୂଳିକଣା ଉପରକୁ ଯାଇପାରେନି କିମ୍ବା ବିସ୍ତାରିତ ନହୋଇ ଗୋଟିଏ ନିର୍ଦ୍ଦିଷ୍ଟ ବାୟୁମଣ୍ଡଳରେ ଜମାଟ ବାନ୍ଧେ ଏହି କାରଣରୁ ବର୍ତ୍ତମାନ ବାୟୁ ପ୍ରଦୂଷଣ ଅଧିକ ରହୁଛି । ସେହିପରି ଆଉ ଗୋଟିଏ କଥା ହେଉଛି ଏଯାବତ୍ ରାଜ୍ୟରେ ମୋଟ ୧୪୪୦୧୧ଟି ଗାଡ଼ିକୁ ପ୍ରଦୂଷଣ ଯାଞ୍ଚ ସାର୍ଟିଫିକେଟ ମିଳିସାରିଲାଣି । ଗାଡ଼ିର ପ୍ରଦୂଷଣ ଯାଞ୍ଚ ପାଇଁ ଏକ ମେସିନ ରହିଛି। ଏହି ମେସିନରେ ଗାଡ଼ିରୁ ଅଙ୍ଗାରକାମ୍ଳ କେତେ ନିର୍ଗତ ହେଉଛି ତାହାକୁ ଆଧାର କରି ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ପ୍ରଦାନ କରାଯାଇଥାଏ। ଦୁଇଚକିଆ ଯାନର ନିର୍ଗତ ଧୂଆଁରୁ କେଉଁ ଉପାଦାନ କେତେ ଥିଲେ ଏହା ପ୍ରଦୂଷଣ ସୃଷ୍ଟି କରୁଛି ବୋଲି ଧରାଯିବ ତାହାର ଏକ ମାନକ ଧାର୍ଯ୍ୟ କରାଯାଇଛି । ଦୁଇଚକିଆ ଯାନରୁ କାର୍ବନ ଡାଇଅକ୍ସାଇଡ଼ ୩.୫% ରହିବା ଦରକାର । ଏହାଠାରୁ ଅଧିକ ନିର୍ଗତ ହେଲେ ତାହା ପ୍ରଦୂଷଣ କରୁଛି ବୋଲି ଧରାଯିବ । ସେହିପରି ହାଇଡ୍ରୋକାର୍ବନ ପରିମାଣ ୪୫୦୦ ପିପିଏମ ରହିବା ଦରକାର। ଏଥିପାଇଁ ଗାଡ଼ିର ସାଇଲେନ୍ସରରେ ଏକ ପାଇପ ଭର୍ତ୍ତି କରାଯାଏ । ଏହି ପାଇପ ଜରିଆରେ ଉପରୋକ୍ତ ଉପାଦାନ ନିର୍ଗତର ପରିମାଣ କେତେ ତାହା ଜଣାପଡ଼ିଥାଏ। ଏହି ଆଧାରରେ ଗାଡ଼ିକୁ ପ୍ରଦୂଷଣ ଯାଞ୍ଚ ସାର୍ଟିଫିକେଟ ଦିଆଯାଏ। ଏବେ କେତେକ କେନ୍ଦ୍ରରେ ଯଦିଓ ଏହି ପାଇପ ଭର୍ତ୍ତି କରାଯାଇ ପ୍ରଦୂଷଣ ଯାଞ୍ଚ କରାଯାଉଛି କିନ୍ତୁ ଏହାର ସତ୍ୟତାକୁ ନେଇ ପ୍ରଶ୍ନ ଉଠୁଛି । କାରଣ ସବୁ ଗାଡ଼ି ଏହି ପରୀକ୍ଷାରେ ପାସ ହେଉଛନ୍ତି । ଆଉ କେତେକ କେନ୍ଦ୍ରରେ ସାଇଲନ୍ସେରେ ପାଇପ ମଧ୍ୟ ଭର୍ତ୍ତି କରାଯାଉନାହିଁ। କେବଳ ଗାଡ଼ି ପଞ୍ଜୀକରଣ ସମୟରେ ଦିଆଯାଇଥିବା ମୋବାଇଲ ନମ୍ବର ମଗାଯାଉଛି। ଉକ୍ତ ମୋବାଇଲରେ ଏକ ଓଟିପି ଯାଉଛି । ଓଟିପି କହିଦେବା ପରେ ଗାଡ଼ିକୁ ସାର୍ଟିଫିକେଟ ମିଳିଯାଉଛି ବୋଲି କୁହାଯାଉଛି ।

ଯଦି ଏଭଳି ଭାବେ ଗାଡ଼ିକୁ ସାର୍ଟିଫିକେଟ ଦିଆଯିବ ତାହାହେଲେ ଗାଡ଼ି ଯାଞ୍ଚ କେବଳ ଏକ ପ୍ରହସନ ବୋଲି ପରିବେଶ ବିଶେଷଜ୍ଞ ମତ ରଖନ୍ତି, ସେମାନଙ୍କ କହିବା ଅନୁଯାୟୀ, ଯଦି ଏମାନେ ଠିକ ଭାବେ ଯାଞ୍ଚ କରୁଥାନ୍ତେ ତାହାହେଲେ ସବୁ ଗାଡ଼ି ପ୍ରଦୂଷଣ ପରୀକ୍ଷାରେ ପାସ କରିପାରିବେ ନାହିଁ । ଏହି ପ୍ରସଙ୍ଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବର୍ତ୍ତମାନ ବିଏସ–୪ ବା ବିଏସ–୬ ଇଞ୍ଜିନ ବିଶିଷ୍ଟ ଦୁଇଚକିଆ ଗାଡ଼ି ବିକ୍ରି ହେଉଛି । ଏହି ଗାଡ଼ି ଗୁଡ଼ିକ ଦ୍ୱାରା ପ୍ରଦୂଷଣ ଆଦୌ ହେବନାହିଁ କହିଲେ ଚଳେ। କାରଣ ଏହିସବୁ ଗାଡ଼ି ଗୁଡ଼ିକରେ କାଟାଲିଟିକ କନଭର୍ଟର ବ୍ୟବହାର କରାଯାଉଛି। ଏହାଦ୍ୱାରା ଗାଡ଼ିରୁ ଅଧିକ ଅଙ୍ଗାରକାମ୍ଳ ନିର୍ଗତ ହେବନାହିଁ। ଦ୍ୱିତୀୟରେ ବର୍ତ୍ତମାନ ସମୟରେ ଯେଉଁ ପେଟ୍ରୋଲ ଆସୁଛି ସେସବୁ ସଲଫରର ପରିମାଣ ବହୁତ କମ ରହୁଛି । ପେଟ୍ରୋଲରେ ସଲଫର ଅଧିକ ଥିଲେ ଏହା ଅଧିକ ପ୍ରଦୂଷଣ ସୃଷ୍ଟି କରିଥାଏ । କିନ୍ତୁ ପେଟ୍ରୋଲରେ ସଲଫର ପରିମାଣ କମିଯିବାରୁ ପ୍ରଦୂଷଣ ମାତ୍ରା ମଧ୍ୟ କମିଯାଉଛି। ତେଣୁ ଏଭଳି ସ୍ଥିତିରେ ଦୁଇ ଚକିଆ ଯାନକୁ ସମ୍ପୂର୍ଣ୍ଣ ପ୍ରଦୂଷଣ ସାର୍ଟିଫିକେଟ ମୁକ୍ତ କରିବା ଆବଶ୍ୟକ । ନଚେତ ଏହି ସାର୍ଟିଫିକେଟ ବାହାନାରେ କେବଳ ଲୋକଙ୍କ ଠାରୁ ଜରିମାନା ଆଦାୟ ହିଁ ସାର ହେଉଛି । ଉଦାହରଣ ବଶତଃ ଗତ ପାଞ୍ଚ ଦିନ ପରିବହନ ବିଭାଗ ୱେବସାଇଟରେ କେବଳ କେତେ ଗାଡ଼ିକୁ ସାର୍ଟିଫିକେଟ ଦିଆଯାଉଛି ତାହାର ସୂଚନା ରହିଥିଲାବେଳେ କେତେଜଣଙ୍କର ବାତିଲ ହେଉଛି ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ଏହି କଥା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ପ୍ରଦୂଷଣ ଯାଞ୍ଚ ହେଉ କିନ୍ତୁ ପ୍ରଦୂଷଣକୁ ନେଇ ଲୋକମାନଙ୍କର ଯେଉଁ ସ୍ୱାସ୍ଥ୍ୟ ସମସ୍ୟା ହେଉଛି ଏହାପାଇଁ କିଏ ଉତ୍ତରଦାୟୀ ରହିବ?

**କାଠଗୋଲା ରୋଡ଼, କଟକ,**
**ମୋ. ୯୪୩୮୨୭୬୭୬୦**






# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୨ ଫେବୃଆରୀ ୨୦୨୬ ରବିବାର ପୃଷ୍ଠା ୫


ଆଧୁନିକ ମଣିଷର ବ୍ୟସ୍ତତା ବଢ଼ିଛି । ଅନେକ ସମସ୍ୟାକୁ ଅଳ୍ପ ସମୟ ଭିତରେ ତାକୁ ସମାଧାନ କରିବାକୁ ହେଉଛି । ଏହି କାରଣରୁ ମସ୍ତିଷ୍କ ସବୁବେଳେ ଭାରାକ୍ରାନ୍ତ । ଆବଶ୍ୟକତା ଠାରୁ ଅଧିକ ତଥ୍ୟ ସାଇତି ରଖିଲାବେଳକୁ ସିଏ ଅଣନିଃଶ୍ୱାସୀ । ଏମିତି ଏକ ପରିସ୍ଥିତିରେ ଗଭୀର ଚିନ୍ତନ ଏବଂ ସୃଜନଶୀଳ ଅନୁଶୀଳନ ପାଇଁ ଆଉ ଜାଗା ରହୁନି ମସ୍ତିଷ୍କରେ ।

# ଭାରାକ୍ରାନ୍ତ ହେଉଛି ମସ୍ତିଷ୍କ

ଆମେ ପ୍ରତିଦିନ ଯେତିକି ତଥ୍ୟ ଗ୍ରହଣ କରୁଛେ ତା'ର ପରିମାଣ ୩୪ ଗିଗାବାଇଟ୍ । ଏତିକି ତଥ୍ୟ ଯଦି ଗୋଟେ 'ଲ୍ୟାପ୍‌ଟପ୍' କମ୍ପ୍ୟୁଟର ଗ୍ରହଣ କରେ ସିଏ ଗୋଟିଏ ସପ୍ତାହ ମଧ୍ୟରେ ଭାରାକ୍ରାନ୍ତ ହୋଇ ଆଉ ତଥ୍ୟ ଗ୍ରହଣ କରିପାରିବ ନାହିଁ ।



ମଣିଷ ମସ୍ତିଷ୍କ ଏବେ ଦିନକୁ ୩୪ ଗିଗାବାଇଟ୍ ତଥ୍ୟ ମହଜୁଦ ରଖୁଛି । ମଣିଷ ମସ୍ତିଷ୍କ ଠିକ୍ ଏକ କମ୍ପ୍ୟୁଟର ଭଳି ହୋଇଥିଲେ ମଧ୍ୟ ତଥ୍ୟକୁ ନିମିଷକେ 'ଡିଲିଟ୍' ମାରି ଉଡ଼େଇ ଦେବାର ସୁବିଧା ଏବଂ ସୁଯୋଗ ନାହିଁ ମଣିଷ ମସ୍ତିଷ୍କରେ । ଭୁଲିବାକୁ ସମୟ ଲାଗେ ମଣିଷକୁ । ଭୁଲିବାକୁ ଚାହୁଁଥିବା ତଥ୍ୟ ବେଳେ ବେଳେ ଗାଦି ମାଡି ବସିଯାଏ ମସ୍ତିଷ୍କରେ । ଏଇ କାରଣରୁ ମଣିଷ ମସ୍ତିଷ୍କ ଭାରାକ୍ରାନ୍ତ ହୋଇ ଗଭୀର ଭାବେ ଚିନ୍ତାକରିବାର କ୍ଷମତା ହରାଇ ବସୁଛି । ଏହା ଗବେଷକମାନଙ୍କୁ ଚିନ୍ତାରେ ପକାଇଛି । ସୃଜନଶୀଳତା କମିଆସୁଛି ।

ତଥ୍ୟ, ଯୋଗାଯୋଗ, ଇମେଲ ଏବଂ ଇଣ୍ଟରନେଟ୍ ଭଳି ମାଧ୍ୟମକୁ ଆପଣାଇବା ବେଳେ ପ୍ରତିଦିନ ୧ ଲକ୍ଷ ଶବ୍ଦ ମଣିଷ ମସ୍ତିଷ୍କରେ ଗଚ୍ଛିତ ହେଉଛି । ପ୍ରତି ସେକେଣ୍ଡରେ ୨୩ଟି ଶବ୍ଦ ମସ୍ତିଷ୍କ ଗ୍ରହଣ କରି ତାକୁ ଲିପିବଦ୍ଧ କରି ରଖୁଛି ।

ମଣିଷ ମସ୍ତିଷ୍କର ତଥ୍ୟ ଗ୍ରହଣ କ୍ଷମତା ଉପରେ ଗବେଷଣାରତ, 'ୟୁନିଭରର୍ସିଟି ଅଫ ସାନ୍ ଡିଏଗୋ'ର ଜନୈକ ବିଜ୍ଞାନୀଙ୍କ 'ସନ୍‌ଡେ ଟାଇମ୍ସ'ରେ ପ୍ରକାଶିତ ଏକ ନିବନ୍ଧରୁ ଜଣାଯାଇଛି- ଆବଶ୍ୟକତା ଠାରୁ ଅଧିକ ତଥ୍ୟ ମଣିଷ ମସ୍ତିଷ୍କକୁ କ୍ଷତିଗ୍ରସ୍ତ କରିଥାଏ ।

ବିଜ୍ଞାନୀ- ରୋଜର ବନ୍‌ଙ୍କ ଗବେଷଣା 'ହାଓ ମଚ୍ ଇନ୍‌ଫର୍‌ମେସନ୍'ରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି- ଗଭୀର ଚିନ୍ତନ ଏବଂ ସୃଜନଶୀଳ ଚିନ୍ତନରେ ମଝିରେ ମଝିରେ ବ୍ୟାଘାତ ହେବା ସୃଜନାତ୍ମକ ଚିନ୍ତାକୁ ଲକ୍ଷ୍ୟଚ୍ୟୁତ କରିଥାଏ ।






ନ୍ୟୁୟର୍କର ଜନୈକ ମନୋବିଜ୍ଞାନୀ ଏଡ୍‌ୱାର୍ଡ଼ ହାଲୋୱେଲ୍, ମସ୍ତିଷ୍କର ତଥ୍ୟ ଗ୍ରହଣ କରିବାର କ୍ଷମତା ଉପରେ ଗବେଷଣା କରି ଜାଣିପାରିଛନ୍ତି- ଆଜିକାଲି ମଣିଷ ମସ୍ତିଷ୍କକୁ ଯେତେ ଅଧିକ ପରିମାଣର ତଥ୍ୟକୁ ପରୀକ୍ଷା ନିରୀକ୍ଷା କରି ମହଜୁଦ୍ ରଖିବାକୁ ପଡୁଛି ଅତୀତରେ କେବେ ବି ମଣିଷ ମସ୍ତିଷ୍କ ଏତେ ତଥ୍ୟକୁ ନେଇ ଭାରାକ୍ରାନ୍ତ ହେବାକୁ ପଡୁନଥିଲା ।

ଏବେ ଏମିତି ଏକ ସମୟ ଆସିଛି- ପ୍ରତିଟି ମଣିଷ ଗୋଟିଏ ଦିନର ଅଧିକାଂଶ ସମୟ ବିତାଉଛି । କମ୍ପ୍ୟୁଟର ଆଗରେ ବସି ଇଣ୍ଟରନେଟ୍‌କୁ ଖୋଳିତାଡ଼ି ଦେଖିବାରେ ଅବା ମୋବାଇଲ ଫୋନ୍‌ରେ ଗପିବାରେ । ମଣିଷ କେବଳ ବିଭିନ୍ନ ତଥ୍ୟ ଆହରଣ କରିଚାଲିଛି । ତାକୁ ପରଖି ଦେଖିବା ଏବଂ ତା' ବିଷୟରେ ଚିନ୍ତାକରିବାକୁ ତା'ପାଖରେ ଏବେ ସମୟ ଅଭାବ ।

ଆମେ ପ୍ରତିଦିନ ଯେତିକି ତଥ୍ୟ ଗ୍ରହଣ କରୁଛେ ତା'ର ପରିମାଣ ୩୪ ଗିଗାବାଇଟ୍ । ଏତିକି ତଥ୍ୟ ଯଦି ଗୋଟେ 'ଲ୍ୟାପ୍‌ଟପ୍' କମ୍ପ୍ୟୁଟର ଗ୍ରହଣ କରେ ସିଏ ଗୋଟିଏ ସପ୍ତାହ ମଧ୍ୟରେ ଭାରାକ୍ରାନ୍ତ ହୋଇ ଆଉ ତଥ୍ୟ ଗ୍ରହଣ କରିପାରିବ ନାହିଁ ।

ଆମେରିକାରେ ୨୦୦୮ରେ କରାଯାଇଥିବା ଏକ ସମୀକ୍ଷାରୁ ଜଣାଯାଇଛି- ଟେଲିଭିଜନ, କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଗଣମାଧ୍ୟମରୁ ମିଳୁଥିବା ତଥ୍ୟର ପରିମାଣ ୩.୬ ଜିଟାବାଇଟ୍ (୩.୬ ଏମ୍‌ଏନ୍ ମିଲିୟନ୍ ଗିଗାବାଇଟ୍) ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ସ୍ନାୟୁବିଜ୍ଞାନୀ କଲିନ୍ ବ୍ଲାକ୍‌ମୋର 'ସଣ୍ଡେ ଟାଇମ୍ସ'କୁ ଏକ ସାକ୍ଷାତକାରରେ କହିଛନ୍ତି, ୨୦ ବର୍ଷର ଗବେଷଣାରୁ ଆମେ ଜାଣିବାକୁ ପାଇଛୁ- ମସ୍ତିଷ୍କର କ୍ଷମତା ରହିଛି ନିଜ ତଥ୍ୟ ଆହରଣ କ୍ଷମତାକୁ ବଢାଇବାର, ତଥ୍ୟ ଗଚ୍ଛିତ ରହୁଥିବା ସ୍ମୃତି ଭଣ୍ଡାରର ଆୟତନକୁ ବୃଦ୍ଧି କରିବାର, କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବେ ନିର୍ଭର କରେ ଆମେ କିଭଳି ମସ୍ତିଷ୍କର ଉପଯୋଗ କରୁଛେ । ସେ ତାଙ୍କ ଗବେଷଣାରୁ ଜାଣିପାରିଛନ୍ତି ନୂଆ ନୂଆ ସ୍ନାୟୁ କୋଷ ତିଆରି ହୁଏ ଏବଂ ଏମାନଙ୍କ ଭିତରେ ନୂଆ ନୂଆ ଯୋଗସୂତ୍ର ତିଆରି ହେଉଥାଏ ସବୁବେଳେ । ମସ୍ତିଷ୍କର କାର୍ଯ୍ୟକାରିତା ବଢିବା ନିର୍ଭର କରେ ଆମେ ମସ୍ତିଷ୍କକୁ ବ୍ୟବହାର କରିବା ଶୈଳୀ ଉପରେ ।

---

ନିକଟରେ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାଯାଇଛି ଭାରତୀୟମାନଙ୍କ ଭିତରେ ନିଦ୍ରାହୀନତା ବଢ଼ିବାରେ ଲାଗିଛି । ଏଇ କାରଣରୁ ସେମାନେ ଶାରୀରିକ ଏବଂ ମାନସିକ ଅସୁସ୍ଥତାର ଶିକାର ହୋଇପଡୁଛନ୍ତି । ସେମାନଙ୍କଠାରେ ସ୍ମୃତି ବିଭ୍ରମତା ଦେଖାଦେଉଛି । ଖୁବ୍ କମ୍ ସମୟ ଶୋଉଥିବାରୁ ମାନସିକ ଚାପ ଏବଂ ଉଚ୍ଚ ରକ୍ତଚାପ ଦେଖାଦେଉଛି ଅଧିକାଂଶ ସହରୀ ମଣିଷମାନଙ୍କ ପାଖରେ ।





# ନିଦ କମୁଛି ଆଖିରୁ



ସମଗ୍ର ପୃଥିବୀରେ ନିଦ୍ରା ଅଭ୍ୟାସ (ସ୍ଲିପ୍ ହାବିଟ୍) ଉପରେ 'ଏସି ନିଏଲ୍‌ସନ୍' ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାଯାଇଛି- ଭାରତୀୟମାନେ ହିଁ ସବୁଠୁ ବେଶୀ ନିଦ୍ରାହୀନତାର ଶିକାର ହୋଇଥାନ୍ତି । ଏସିଆ ମହାଦେଶର ଦେଶମାନଙ୍କ ଭିତରେ ଭାରତ ଆଗରେ ଅଛି ।

ଅଧିକାଂଶ ଭାରତୀୟ ଛଅ ଘଣ୍ଟାରୁ କମ୍ ଶୋଇଥାନ୍ତି । ଏମାନଙ୍କ ଭିତରୁ ୪୫ ପ୍ରତିଶତ କହନ୍ତି- ଲଗାତାର ଦୀର୍ଘ ସମୟ ଧରି କାମ କରିବା ଫଳରେ ସେମାନେ ଶୋଇବାକୁ ସମୟ ପାଇନଥାନ୍ତି । ଏଇ ସମସ୍ୟା ଲାଗି ରହିଲେ ନିଦ୍ରାହୀନତା ଏକ ଅଭ୍ୟାସରେ ପରିଣତ ହୋଇଯାଏ । ଚାହିଁଲେ ବି ନିଦ ସହଜେ ଆସେ ନାହିଁ ।

ଭାରତୀୟମାନଙ୍କ ତୁଳନାରେ ଅନ୍ୟାନ୍ୟ ପ୍ରଗତିଶୀଳ ରାଷ୍ଟ୍ରମାନେ ନିଦ୍ରାହୀନତାରେ ଅନେକ ପଛରେ ଅଛନ୍ତି- ୩୪ ପ୍ରତିଶତ ଆମେରିକୀୟ, ୩୨ ପ୍ରତିଶତ ୟୁରୋପୀୟ ଏବଂ ୨୭ ପ୍ରତିଶତ ଜାପାନୀମାନେ ନିଦ୍ରାହୀନତା ଭୋଗନ୍ତି ।

ଟଙ୍କା ରୋଜଗାର କରିବା ଏବଂ ସଞ୍ଚୟ କରିବାର ପ୍ରବଳ ଆକାଂକ୍ଷା ହିଁ ଏହାର ଏକମାତ୍ର କାରଣ ବୋଲି ମନୋବିଜ୍ଞାନୀମାନେ କହନ୍ତି । ଅର୍ଥ ଏବଂ ପ୍ରାଚୁର୍ଯ୍ୟ ପଛରେ ଅନ୍ଧଭଳି ଦୌଡ଼ିବା ଫଳରେ ଭାରତୀୟମାନେ କ୍ଳାନ୍ତି ମେଣ୍ଟାଇବା ପାଇଁ ସମୟ ପାଉନାହାନ୍ତି ବଡ଼ ବଡ଼ ସହରମାନଙ୍କରେ ।

ବଡ଼ ବଡ଼ କମ୍ପାନୀ ଏବଂ ଅନ୍ତର୍ଦେଶୀୟ ସଂସ୍ଥାରେ କାମ କରୁଥିବା ପଦସ୍ଥ ଅଫିସରମାନେ ବ୍ୟକ୍ତିଙ୍କ ନାଁ ଭୁଲିଯାଉଥିବା ବେଳେ କେଉଁ ଜିନିଷ କେଉଁଠି ରଖିଛନ୍ତି ତାହା ମଧ୍ୟ ମନେପକେଇ ପାରନ୍ତି ନାହିଁ । ବଜାରକୁ ଗଲେ କ'ଣ କିଣିବେ ଠିକ୍‌ସେ ମନେପକେଇ ପାରୁନଥିବା କଥା ପ୍ରକାଶ କରନ୍ତି ମାନସିକ ରୋଗର ଡାକ୍ତରମାନେ । ଗୋଟିଏ ଦିନର ନିଦ୍ରାହୀନତା ମସ୍ତିଷ୍କର ସ୍ମୃତିଶକ୍ତିକୁ ଅନେକ କ୍ଷତି ପହଞ୍ଚାଇ ଥାଏ । ବଡ଼ ବଡ଼ ସହରର ଡାକ୍ତରମାନଙ୍କ ମତରେ ଏବେ ସେମାନଙ୍କ ପାଖକୁ ପ୍ରତିମାସରେ ୧୫ରୁ ୨୦ ଜଣ ଏହିଭଳି ରୋଗୀ ଆସିଥାନ୍ତି ଚିକିତ୍ସା ପାଇଁ । ପାଞ୍ଚବର୍ଷ ପୂର୍ବେ ଏ ସଂଖ୍ୟା ଖୁବ୍ ସୀମିତ ଥିଲା ।

ଏବେ ଦିନର ବାରଘଣ୍ଟା ଏବଂ ରାତିର ବାରଘଣ୍ଟା ମଧ୍ୟ ଆଧୁନିକ ମଣିଷଙ୍କୁ ନିଅଣ୍ଟ ହେଉଛି । ସମ୍ପୂର୍ଣ୍ଣ ରାତିଟା ବିତିଯାଉଛି ଟିଭି, ନାଇଟ୍ ପାର୍ଟି ଏବଂ ଇଣ୍ଟରନେଟ୍ ସର୍ଫିଙ୍ଗ୍‌ରେ ।

ନିଦ୍ରାହୀନତା ମସ୍ତିଷ୍କକୁ ମାନ୍ଦା କରିଦେବା ସହିତ ସମଗ୍ର ସ୍ନାୟୁ ବିଭାଗକୁ କ୍ଷତିଗ୍ରସ୍ତ କରିଥାଏ । ବିଶେଷଜ୍ଞମାନେ କହନ୍ତି- ଏହା ହେଉଛି ବର୍ତ୍ତମାନର ସହରୀ ମଣିଷମାନଙ୍କ ସବୁଠୁ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ।

ଡାକ୍ତର ଭାଟିଆ କହନ୍ତି- ନିଦ୍ରାହୀନତା ଶରୀରର ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦେଇଥାଏ । ଏଥିପାଇଁ ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଏବଂ ଡାୟାବିଟିସ୍ ଭଳି ରୋଗ ଦେଖାଦେଇଥାଏ । ନିଦ୍ରାହୀନତା ପାଇଁ ମଣିଷ ଚିଡ୍‌ଚିଡ଼ା ହୋଇଯାଏ । ତା'ର ପ୍ରକୃତି ବଦଳିଯାଏ, ସିଏ ଅସାମାଜିକ ହୋଇଯାଏ ଆସ୍ତେ ଆସ୍ତେ ।

ଯୁବାବସ୍ଥାରେ ନିଦ୍ରାହୀନତା ଦେଖାଦେଲେ ଶରୀରର ଅଭିବୃଦ୍ଧି ବାଧାପ୍ରାପ୍ତ ହୋଇଥାଏ । ଶରୀରର ବୃଦ୍ଧି ପାଇଁ ଯେଉଁ ହରମୋନର ଆବଶ୍ୟକତା ଥାଏ ତାହା ନିଦ୍ରା ସମୟରେ ହିଁ ଅଧିକ କ୍ଷରିତ ହୋଇଥାଏ । ନିଦ୍ରା ସ୍ମୃତିଶକ୍ତି ଏବଂ ବିଦ୍ୟା ଆରୋହଣ ଶକ୍ତି ବଢ଼ାଇଥାଏ ।

ଆଜିକାଲି ଦେଖାଯାଉଛି ବିଦ୍ୟାର୍ଥୀମାନେ ଦିନ ଅପେକ୍ଷା ରାତିରେ ହିଁ ପଢ଼ାପଢ଼ି ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ତରୁଣ-ତରୁଣୀମାନଙ୍କ ପାଇଁ ୯.୨ ଘଣ୍ଟା ନିଦ୍ରା ଶରୀର ଏବଂ ମସ୍ତିଷ୍କ ପାଇଁ ଖୁବ୍ ଭଲ । ପ୍ରାତଃକାଳରେ ପାଠପଢ଼ିବା ସବୁଠୁ ଲାଭଦାୟକ ବୋଲି ଡାକ୍ତରମାନେ ମତ ଦିଅନ୍ତି । ଏବେ ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ ଏବଂ ଡାକ୍ତରୀ ଛାତ୍ରମାନେ ଖୁବ୍ କମ୍ ନିଦ୍ରାଯାଉଥିବା ଏବଂ ଏଇ ବୟସରେ



ବିଭିନ୍ନ ଶାରୀରିକ ସମସ୍ୟାରେ ଭୋଗୁଥିବାର ପ୍ରମାଣ ମିଳୁଛି ।

ପିଲାଙ୍କ ସହିତ ବେଶୀ ସମୟ ଗପି ସେମାନଙ୍କ ନିଦ୍ରାକୁ ବ୍ୟାଘାତ କରିବା ଉଚିତ୍ ନୁହେଁ । ବାପା-ମା'ଙ୍କ ଡେରିରେ ଶୋଇବାର କୁପ୍ରଭାବ ସେମାନଙ୍କ ଉପରେ ମଧ୍ୟ ପଡ଼ିଥାଏ ।

---

# ଭୁଲାରୋଗ ଆଲ୍‌ଜାଇମର୍

ଆପଣଙ୍କ ସବୁଠୁ ପ୍ରିୟ ସିନେମା ହିରୋଇନଙ୍କ ନାଁ ଆପଣଙ୍କର ମନେପଡୁନି କି ? ଆପଣଙ୍କ ସ୍କୁଲ ସାଥୀଙ୍କ ଭିତରୁ ଅନେକଙ୍କ ନାଁ ଆଉ ମନେପଡୁନି ଏବେ । ଗପ ଆରମ୍ଭ କରି ଶେଷଆଡ଼କୁ ମନେପଡୁନି ଯେଉଁ ବିଷୟରେ ଆପଣ ଆଲୋଚନା ଆରମ୍ଭ କରିଥିଲେ । ଖୁବ୍ ଚିହ୍ନା ଆତ୍ମୀୟଙ୍କ ନାଁ ଅନେକ ଚେଷ୍ଟା କରି ମଧ୍ୟ ମନେପଡୁନି- ଏମିତି ଯଦି ହେଉଥାଏ, ତା'ହେଲେ ଏହାକୁ ହେଳା କରନ୍ତୁ ନାହିଁ । ଆପଣ ବୋଧେ 'ଆଲ୍‌ଜାଇମର୍'ର ଶିକାର ହୋଇଛନ୍ତି ।

ଜୀବନଶୈଳୀର ପରିବର୍ତ୍ତନ ଏବଂ ଚାପଗ୍ରସ୍ତ ଜୀବନ ଏହାର ଏକମାତ୍ର କାରଣ ।

ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି- ଯେଉଁ ମହିଳାମାନେ ଅଳ୍ପ ବୟସରୁ ସମସ୍ୟା ଏବଂ ମାନସିକ ଚାପରେ ରହୁଛନ୍ତି, ସେମାନେ ମଧ୍ୟବୟସରେ ପହଞ୍ଚିବା ସମୟରେ 'ଆଲ୍‌ଜାଇମ୍‌ର'ର ଶିକାର ହେଉଛନ୍ତି । ସାଧାରଣ ମହିଳାଙ୍କ ଠାରୁ ଚାପଗ୍ରସ୍ତ ବ୍ୟସ୍ତ ମହିଳାଙ୍କ କ୍ଷେତ୍ରରେ ଏ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଦି'ଗୁଣ ଅଧିକ । ସାଧାରଣ ହସଖୁସିରେ ରହୁଥିବା ମହିଳାମାନଙ୍କ କ୍ଷେତ୍ରରେ ଏ







ସମସ୍ୟାର ଭୟ ମାତ୍ର ୨୦ ପ୍ରତିଶତ ।

ନିକଟରେ ଆମେରିକାର ୱାଶିଂଟନ ଠାରେ 'ଓମ୍ୟାନ ହେଲ୍‌ଥ ଅର୍ଗାନାଇଜେସ୍‌ନ' ତରଫରୁ ଆୟୋଜିତ ଏକ ଆଲୋଚନାଚକ୍ର ଏବଂ କର୍ମଶାଳାରେ ଦେଶବିଦେଶର ବହୁ ବିଜ୍ଞ ବିଶେଷଜ୍ଞ ଏକାଠି ହୋଇ ସେମାନଙ୍କ ମତବ୍ୟକ୍ତ କରିଥିଲେ । ସେମାନଙ୍କ ମତ ଥିଲା- ମହିଳାମାନଙ୍କର ଯେତେ ସମସ୍ୟା ରହିଛି, ତା' ଭିତରୁ ମାନସିକ ଚାପ ଏବଂ ଚିନ୍ତା ମୁଖ୍ୟ ସ୍ଥାନ ଅଧିକାର କରିଛି । ଏଇସବୁ ମାନସିକ ଚାପ ଅନ୍ୟାନ୍ୟ ରୋଗକୁ ଡାକିଆଣୁଛି ।

ଏ ରୋଗ ହେଲେ ମସ୍ତିଷ୍କରେ 'ଏମିଲାୟଡ୍ ଫ୍ଲେକ୍ସ' ନାମକ ଅନେକ ଛୋଟ ଛୋଟ ସଂରଚନାର ନିର୍ମାଣ ହୋଇଥାଏ ମନକୁ ମନ । ଯେଉଁଗୁଡ଼ିକ ମସ୍ତିଷ୍କର କୋଷିକାକୁ ଚାରିପଟୁ ଘେରିଯାନ୍ତି । ଫଳରେ ସ୍ମୃତିଶକ୍ତି କମିଯାଏ ।

**ଷ୍ଟ୍ରେସ୍ :** କ୍ରମାଗତ ବ୍ୟସ୍ତତା, ଚିଡ୍‌ଚିଡାପଣ, ଭୟ, ଅସହାୟତା, ନିଦ୍ରାହୀନତା ଏସବୁ ଆଲ୍‌ଜାଇମର୍‌କୁ ଡାକି ଆଣିଥାଏ ।

ଡିମେନ୍‌ସିୟାର ଅନ୍ୟ ଏକ ରୂପ ହେଲା 'ଆଲ୍‌ଜାଇମର୍' । ଏ ଅବସ୍ଥାରେ ମସ୍ତିଷ୍କର କାର୍ଯ୍ୟପ୍ରଣାଳୀରେ ବାଧା ଉପୁଜିଥାଏ । ଏଭଳି ଷ୍ଟ୍ରେସ୍ ବା ମାନସିକ ଚାପ ଅଧିକ ଦିନ ବଜାୟ ରହିଲେ ମସ୍ତିଷ୍କ ଦୁର୍ବଳ ହୋଇପଡେ । ଫଳରେ ସେ ବ୍ୟକ୍ତିର ଶିଖିବା କ୍ଷମତା ବା ତଥ୍ୟ ଆହରଣର କ୍ଷମତା ଏବଂ ଭାବବିନିମୟ କ୍ଷମତା ମଧ୍ୟ କମିଆସେ । କେଉଁ ଜିନିଷ କେଉଁଠି ରହିଛି ମନେପଡ଼େନି । ଅନେକ ଜରୁରୀ କଥା ମନେପଡ଼େନି । କଥାବାର୍ତ୍ତା କରିବା ସମୟରେ ବିଷୟବସ୍ତୁ ଭୁଲିଯିବା ଏ ରୋଗର ପ୍ରଧାନ ଲକ୍ଷଣ ।

ମନୋବିଜ୍ଞାନୀ ଡାକ୍ତର ଅଜୟ ଶୁକ୍ଳା କହନ୍ତି- କ୍ରମାଗତ ସମସ୍ୟା ଏବଂ ଦୁଃଶ୍ଚିନ୍ତାରେ ରହିଲେ ମସ୍ତିଷ୍କ ଶୁଷ୍କ ହୋଇ ଛୋଟ ହୋଇଯାଏ । ଫଳରେ ଚିନ୍ତା ଶକ୍ତି ଏବଂ ମନେ ରଖିବାର କ୍ଷମତା ବିଶେଷକରି (ସର୍ଟ ଟର୍ମ ମେମୋରି) କମିଯାଏ । ଫଳରେ କିଛି ମନେପଡ଼େନି ।

**ଦାୟିତ୍ୱ ବୃଦ୍ଧି :** ମହିଳାମାନଙ୍କ ଠାରେ ଏ ସମସ୍ୟା ଅଧିକ ଦେଖାଯିବାର କାରଣ ହେଲା- ମହିଳାମାନଙ୍କୁ ଏକାଠି ଅନେକ କାମ କରିବାକୁ ପଡିଥାଏ ।

ମନୋବିଜ୍ଞାନୀ ସୁନୀଲ ଅଗ୍ରୱାଲ କହନ୍ତି- ଚାକିରି, ସଂସାର, ପିଲାଙ୍କ ପାଠପଢା, ସପିଂ ଏସବୁ ଏକାଠି ସମ୍ଭାଳିବାକୁ ପଡେ ମହିଳାମାନଙ୍କୁ । ଏଥିରୁ ଗୋଟେ ଯଦି ଅଟକିଯାଏ ଏବଂ ହୋଇନପାରେ ତା'ହେଲେ ମାନସିକ ଚାପ ବଢିଯାଏ ।

ଏବେ ଏ ରୋଗ ବାର୍ଦ୍ଧକ୍ୟର ରୋଗ ବୋଲି କହୁଛନ୍ତି ବିଜ୍ଞାନୀମାନେ । ବାର୍ଦ୍ଧକ୍ୟରେ ପହଞ୍ଚିଲେ ମନକୁ ମନ ମସ୍ତିଷ୍କ ଶୁଷ୍କ ହୋଇପଡେ । ତେଣୁ ଏ ସମସ୍ୟା ଦେଖାଦିଏ । କିନ୍ତୁ ବିଭିନ୍ନ ଚାପ ଯୋଗୁଁ ମଧ୍ୟ ମସ୍ତିଷ୍କ ଶୁଖିଯାଇପାରେ ।

ଏ ରୋଗ ହେଲେ ମସ୍ତିଷ୍କରେ 'ଏମିଲାୟଡ୍ ଫ୍ଲେକ୍ସ' ନାମକ ଅନେକ ଛୋଟ ଛୋଟ ସଂରଚନାର ନିର୍ମାଣ ହୋଇଥାଏ ମନକୁ ମନ । ଯେଉଁଗୁଡ଼ିକ ମସ୍ତିଷ୍କର କୋଷିକାକୁ ଚାରିପଟୁ ଘେରିଯାନ୍ତି । ଫଳରେ ସ୍ମୃତିଶକ୍ତି କମିଯାଏ ।

ବିଶ୍ୱରେ ୧ କୋଟି ୬୦ ଲକ୍ଷ ଲୋକ ଏ ସମସ୍ୟାରେ ଏବେ ଘାଣ୍ଟି ହେଉଛନ୍ତି । ୨୦୧୫ ମସିହା ବେଳକୁ ଏ ରୋଗ ଦୁଇଗୁଣ ହୋଇଯିବ ବୋଲି ଗବେଷଣାରୁ ଜଣାଯାଇଛି । ମହିଳାମାନେ ଏ ରୋଗରେ ଅଧିକ ଘାଣ୍ଟି ହେଉଛନ୍ତି ବୋଲି ଜଣାଯାଇଛି ।

**ପ୍ରତିକାର :** ମସ୍ତିଷ୍କକୁ ଭାରାକ୍ରାନ୍ତ ନକରି ଖୁସି ରହିଲେ ଏ ରୋଗ ଦୂରେଇଯିବ ।



ଡିମେନ୍‌ସିୟାର ଅନ୍ୟ ଏକ ରୂପ ହେଲା 'ଆଲ୍‌ଜାଇମର୍' । ଏ ଅବସ୍ଥାରେ ମସ୍ତିଷ୍କର କାର୍ଯ୍ୟପ୍ରଣାଳୀରେ ବାଧା ଉପୁଜିଥାଏ । ଏଭଳି ଷ୍ଟ୍ରେସ୍ ବା ମାନସିକ ଚାପ ଅଧିକ ଦିନ ବଜାୟ ରହିଲେ ମସ୍ତିଷ୍କ ଦୁର୍ବଳ ହୋଇପଡେ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୨ ଫେବୃଆରୀ ୨୦୨୬ । ରବିବାର


## ୨୫ରୁ ନିଆଳି ମହୋତ୍ସବ

**ନିଆଳି,୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ମହୋତ୍ସବ ଚଳିତ ମାସ ୨୫ ତାରିଖରୁ ଆରମ୍ଭ ହୋଇ ୫ ଦିନ ଧରି ଚାଲିବ ବୋଲି ମହୋତ୍ସବ କମିଟି ପକ୍ଷରୁ ଏକ ସମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ମହୋତ୍ସବ କମିଟିର ସଭାପତି ରାଜେନ୍ଦ୍ର ପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି ଯେ ମହୋତ୍ସବ କମିଟିର ଉପଦେଷ୍ଟା ବିଧାୟକ ଛବି ମଲ୍ଲିକଙ୍କ ମାର୍ଗ ଦର୍ଶନରେ ପ୍ରତିଷ୍ଠାତା ସଭାପତି ପୂର୍ବତନ ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ପ୍ରମୁଖଙ୍କ ମାର୍ଗଦର୍ଶନ, ସାହାଯ୍ୟ ସହଯୋଗରେ ଚଳିତ ମାସ ୨୫ ତାରିଖରୁ ମାର୍ଚ୍ଚ ମାସ ଏକ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଅନୁଷ୍ଠିତ ହେବ। ମହୋତ୍ସବର ବିଭିନ୍ନ ଦିବସରେ ରାଜ୍ୟ ମନ୍ତ୍ରୀ, ବିଧାୟକ, ପୂର୍ବତନ ବିଧାୟକ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ବିଭିନ୍ନ ଦିବସରେ ବିଶିଷ୍ଟ ରାଜନେତା, ସମାଜସେବୀ, ସାହିତ୍ୟିକ, ଜୈବଚାଷୀମାନଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା ନିମନ୍ତେ ସ୍ଥିର କରାଯାଇଛି। ମହୋତ୍ସବ ମଞ୍ଚରେ ଓଡ଼ିଶାର ଖ୍ୟାତନାମା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ରାଜ୍ୟ ସରକାରଙ୍କ ଓରମାସ ଓ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଆଜିର ସମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଗୋବିନ୍ଦ ସ୍ୱାଇଁ, ନିଆଳି ସରପଞ୍ଚ ପ୍ରତିନିଧି ପ୍ରମୋଦ କୁମାର ବେହେରା, ପ୍ରଦୀପ ଦାସ ଓ ବିଷ୍ଣୁ ଚରଣ ସ୍ୱାଇଁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଦିବାକର ବିଶ୍ୱାଳଙ୍କ ଜୟନ୍ତୀ

**ପଟ୍ଟାମୁଣ୍ଡାଇ,୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବରିଷ୍ଠ ସାହିତ୍ୟିକ, ସାମ୍ବାଦିକ, ବ୍ୟଙ୍ଗକବି, ନାଟ୍ୟକାର, ନିର୍ଦ୍ଦେଶକ ଏବଂ ସଂସ୍କୃତ ପୁରୁଷ ଓ ଓଡିଆ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଦିବଂଗତ ଦିବାକର ବିଶ୍ୱାଳଙ୍କ ୯୬ତମ ଜୟନ୍ତୀ ସ୍ଥାନୀୟ କସ୍ତୁରୀ କଳା ନିକେତନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘର ଶିକ୍ଷକ ବିଜୟ ସାହୁ ସମ୍ମାନିତ ଅତିଥି, କବି ସଚ୍ଚିତ୍ର ବେହୁରା, କସ୍ତୁରୀ କଳା ନିକେତନ ଉପସଭାପତି ସଭାପତି ଶିକ୍ଷାବିତ ସୁରେଶ ଚନ୍ଦ୍ର ଜେନା ସମ୍ପାଦକ ତଥା ସଂଗୀତକାର କୃପା ନାୟକ, ଆମ୍ବେଦକର ସ୍ମୃତି ସମ୍ପଦର ବରିଷ୍ଠ ସଦସ୍ୟ ପୂର୍ବତନ କାଉନସିଲର ଗୋପୀ ବଲ୍ଲଭ ନାୟକ, ଆଡଭୋକେଟ ପ୍ରମୋଦ ସାହୁ, ଅନ୍ୟତମ ଅତିଥି ଭାବେ ଯୋଗ ଦେଥିଲେ। ବରିଷ୍ଠ ସଦସ୍ୟ ନବ କିଶୋର ପଣ୍ଡା, ବିକାଶ ପରିଷ ସଦସ୍ୟ ଶରତ ବିଶ୍ୱାଳ, ଚନ୍ଦନ ପାତ୍ର, ନରେଶ ଜେନା, ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଇଂ. ତପନ କୁମାର ପାତ୍ର, ଆଡଭୋକେଟ ଗୋପୀନାଥ ତ୍ରିପାଠୀ, ଅଲେଖ ଶର୍ମା, ଅନିଲ ଚୌଧୁରୀ, ପଟ୍ଟାମୁଣ୍ଡାଇ କଲେଜ ଆଲୁମ୍‌ନି ଆସୋସିଏସନ୍ ଉପସଭାପତି ରାଜେନ୍ଦ୍ର ଦାସ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନରେ ବିଳମ୍ବ

**ଖଣ୍ଡପଡ଼ା,୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପକ୍ଷରୁ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ଆଶାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନଏସି କର୍ତ୍ତୃପକ୍ଷ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ ନିମନ୍ତେ ମାସ ପରେ ମାସ ଘତ ଏକ ବର୍ଷ ଧରି ଗଡେଇ ଚାଲିଥିବାରୁ ଆଶାୟୀଙ୍କ ମଧ୍ୟରେ ନୈରାଶ୍ୟ ଭାବ ସୃଷ୍ଟି ହୋଇଛି। ତେଣୁ ଏଥିପ୍ରତି ଖଣ୍ଡପଡ଼ା ଏନଏସି ଅଧକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି। ନୟାଗଡ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କୁ ଏ ସଂର୍ପକରେ ପଚାରିବାରେ ଖୁବଶୀଘ୍ର ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ ସହ କାର୍ଯ୍ୟାଦେଶପତ୍ର ବଣ୍ଟନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଗ୍ରୀଷ୍ମ ପ୍ରବାହ ପରିଚାଳନା ପ୍ରସ୍ତୁତି

**କେନ୍ଦ୍ରାପଡ଼ା,୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଗ୍ରୀଷ୍ମପ୍ରବାହ ପରିଚାଳନା ସମ୍ପର୍କିତ ପ୍ରାକ-ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଜିଲ୍ଲା ଜରୁରୀ କାଳୀନ ଆଧିକାରୀ ନିତ୍ୟାନନ୍ଦ ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼.ମନୋରଞ୍ଜନ ରାଉତଙ୍କ ସମେତ ସମସ୍ତ ବିଡ଼ିଓ ଏବଂ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ପାନୀୟଜଳ ସମସ୍ୟାର ସମାଧାନକୁ ପ୍ରାଥମିକତା ଦିଆଯାଇଥିଲା। ସୁବ୍ୟବସ୍ଥିତ ଜଳଛତ୍ର, ପଶୁପକ୍ଷୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା, ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଅଂଶୁଘାତ ମୁକାବିଲା ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥା, ଛାତ୍ରଛାତ୍ରୀମାନଙ୍କୁ ନିୟମିତ ବ୍ୟବଧାନରେ ପାନୀୟ ଜଳ ପିଇବାକୁ ପରାମର୍ଶ, ଶିକ୍ଷାନୁଷ୍ଠାନମାନଙ୍କରେ ପାଣି ପିଇବା ପାଇଁ ସ୍ୱତନ୍ତ୍ର ପାଣି ବେଲ, ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ଓଆରଏସ ଯୋଗାଣ ବ୍ୟବସ୍ଥା, ସରକାରୀ ସମୟ ସାରଣୀ ଅନୁଯାୟୀ ଶ୍ରମିକମାନଙ୍କ କାର୍ଯ୍ୟ ସୁନିଶ୍ଚିତ କରିବା, ଅଙ୍ଗନବାଡିମାନଙ୍କରେ ପଙ୍ଖା, ପାନୀୟଜଳ ସୁନିଶ୍ଚିତ, ସମସ୍ତ ଯାତ୍ରୀବାହୀ ବସମାନଙ୍କରେ ପାନୀୟଜଳ ଓ ଓଆରଏସ ମହଜୁଦ ରଖିବା ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବା ସହିତ ବ୍ୟାପକ ସଚେତନତା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ନିଜ ନିଜ କାର୍ଯ୍ୟାଳୟର ପୁରୁଣା ପାଣି ଟାଙ୍କି ସଫେଇ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଷ୍ଟେଟବ୍ୟାଙ୍କ ପେନସନର୍ସ ସମସ୍ୟା ସମାଧାନ ବୈଠକ

**କେନ୍ଦ୍ରାପଡ଼ା,୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପାରାଦୀପସ୍ଥିତ ଷ୍ଟେଟବ୍ୟାଙ୍କ ଆଞ୍ଚଳିକ ବାଣିଜ୍ୟ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ସମ୍ମିଳନୀ କକ୍ଷରେ ଷ୍ଟେଟବ୍ୟାଙ୍କ ପେନସନର୍ସ ସମସ୍ୟା ସମାଧାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ଆଞ୍ଚଳିକ ମହାପରିଚାଳକ ପିୟୁଷରଞ୍ଜନ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆଞ୍ଚଳିକ କାର୍ଯ୍ୟାଳୟର ମାନବସମ୍ବଳ ପରିଚାଳକ ସୁଶାନ୍ତ କୁମାର ଦାସ, କେନ୍ଦ୍ରାପଡା ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖାର ମୁଖ୍ୟ ପରିଚାଳକ ଅର୍କଜ୍ୟୋତି ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଷ୍ଟେଟବ୍ୟାଙ୍କ ପେନସନର୍ସ ସଂଘ ଓଡିଶା ସର୍କଲର ଆଞ୍ଚଳିକ ସମ୍ପାଦକ ଗଣେଶ୍ୱର ମେକାପ ପେନସନର୍ସମାନଙ୍କ ବିଭିନ୍ନ ସମସ୍ୟା ବୈଠକରେ ଉପସ୍ଥାପନ କରିଥିଲେ। କେନ୍ଦ୍ରାପଡାରେ ଷ୍ଟେଟବ୍ୟାଙ୍କ ଡିସପେନସରୀ (ଚିକିତ୍ସା କେନ୍ଦ୍ର) ସହ ଏକ ଡାଇଗ୍ନୋଷ୍ଟିକ ସେଣ୍ଟର ଖୋଲାଯିବା ପାଇଁ ଆଞ୍ଚଳିକ କାର୍ଯ୍ୟାଳୟ ସୁପାରିଶ କରିବାକୁ ଆଞ୍ଚଳିକ ସମ୍ପାଦକ ଶ୍ରୀ ମେକାପ ଦାବି ଉପସ୍ଥାପନ କରିଥିଲେ। କେନ୍ଦ୍ରାପଡାରେ ଏହା ଖୋଲାଗଲେ ପେନସନର୍ସଙ୍କ ସମେତ ଷ୍ଟେଟବ୍ୟାଙ୍କ କର୍ମଚାରୀମାନେ ମଧ ଉପକୃତ ହୋଇପାରିବେ ବୋଲି ଶ୍ରୀ ମେକାପ କହିଥିଲେ। ମୁଖ୍ୟ ଆଞ୍ଚଳିକ ମହାପରିଚାଳକ ଶ୍ରୀ ସ୍ୱାଇଁ ଓ କେନ୍ଦ୍ରାପଡା ମୁଖ୍ୟ ଶାଖାର ମୁଖ୍ୟ ପରିଚାଳକ ଶ୍ରୀ ଭଟ୍ଟାଚାର୍ଯ୍ୟ ତୁରନ୍ତ କେନ୍ଦ୍ରାପଡାରେ ଏକ ଡାଇଗ୍ନୋଷ୍ଟିକ ସେଣ୍ଟର ଖୋଲାଯିବା ପାଇଁ ସୁପାରିଶ କରାଯିବ ବୋଲି ଦୃଢ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ପେନସନର୍ସ ସଂଘ ପକ୍ଷରୁ ମାଧବାନନ୍ଦ ମହାପାତ୍ର, ଶରତ କୁମାର ମୁଦୁଲି, ରବିନ ଗୋଛାୟତ, ସେକ ଏସାନ ମହମ୍ମଦ, ଶୁକଦେବ ଦାସ, ଦୁର୍ଯ୍ୟୋଧନ ସେଠୀ, ବିଜୟ ନାୟକ, ନିତ୍ୟାନନ୍ଦ ସେଠୀ, ରାମଚନ୍ଦ୍ର ସେଠୀ, ଅତୁଳ ଚନ୍ଦ୍ର ଗିରି, ସୁନାକର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଆଞ୍ଚଳିକ ସମ୍ପାଦକ ଶ୍ରୀ ମେକାପ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଗ୍ନିକାଣ୍ଡରେ ପୋଡିଗଲା ଜିନିଷପୋଡି

**ଢେଙ୍କାନାଳ,୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

'କଥାରେ ଅଛି ଘୋଡାଚଢା ଠାରୁ ସମ୍ପତି ନାହିଁ, ଘରପୋଡି ଠାରୁ ବିପତି ନାହିଁ' 'ଘରପୋଡି' ଏମିତି ଏକ ଶବ୍ଦ ଯାହାକୁ ଶୁଣିଲେ ମନରେ ଏକ ଅଜଣା ଭୟ ସଂଚାର ହୁଏ । ନିଆଁର ଭୟାନକ କରାଳ ଗର୍ଭରେ ସବୁକିଛି ଭସ୍ମୀଭୂତ ହୋଇଯାଏ। ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ଦେଓଗାଁ ଗ୍ରାମପଞ୍ଚାୟତ ଗୋପାଳପୁର ଗ୍ରାମର ସମର ନାୟକ, ସୁଧୀର ନାୟକ ପିତା ରବି ନାରାୟଣ ନାୟକ ଘର ସର୍ଟ ସର୍କିଟ ଅଗ୍ନିକାଣ୍ଡ ଯୋଗୁଁ ତାଙ୍କର ସମ୍ପୂର୍ଣ୍ଣ ଜିନିଷପୋଡି ଯିବା ସହ ସମସ୍ତ ଦରକାରୀ କାଗଜପତ୍ର ପୋଡି ନଷ୍ଟ ହୋଇଯାଇଛି। ନିଆଁକୁ ଲିଭାଇବା ପାଇଁ ଦମକଳ ଗାଡି ପହଞ୍ଚି ଲିଭାଇ ଥିଲା। ସ୍ଥାନୀୟ ଚନ୍ଦ୍ରଶେଖର ଜୀଉ ୟୁଥ କ୍ଲବ ସଭାପତି ପ୍ରହଲ୍ଲାଦ ମହାନ୍ତି ଖବର ପାଇ ତାଙ୍କ ବାସଭବନରେ ପହଞ୍ଚି ସମବେଦନା ଜଣାଇବା ସହ ସରକାରୀ ତରଫରୁ ତୁରନ୍ତ ତାଙ୍କୁ ସହାୟତା ଯୋଗାଇ ଦେବା ସହ ସମସ୍ତ ପ୍ରକାର ସରକାରୀ ସୁବିଧା ଦେବାପାଇଁ ପ୍ରଶାସନକୁ ଜଣାଇଥିଲେ। ଘଟଣାସ୍ଥଳରେ କପିଳାସ ଆରଆଇ ଜୀବନ ଜ୍ୟୋତି ଦଳାଇ ପହଞ୍ଚି ପ୍ରାଥମିକ ରିପୋର୍ଟ କରି ତହସିଲକୁ ଅବଗତ କରାଇଥିଲେ।

## ଯାତ୍ରୀବାହୀ ଟ୍ରେନ ଚାଲିବା ଦାବିରେ ରେଲରୋକ

**ଭଦ୍ରକ,୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ- ଧାମରା ରେଳପଥରେ ସରକାରୀ ଯାତ୍ରୀବାହୀ ରେଳଗାଡି ଚଳାଇବା, ଭଦ୍ରକ- ଧାମରା ରେଳପଥର ଶତପ୍ରତିଶତ ଅଂଶ ସରକାରୀ ମାଲିକାନାକୁ ଫେରାଇଆଣିବା, ଧାମରା ବନ୍ଦରର ମାଲିକାନା ଆଦାନୀ କଂପାନୀ ହାତରୁ ବାହାରକରି ସରକାରଙ୍କ ହାତକୁ ଆଣିବା, ଧାମରା ବନ୍ଦରରେ ଭଦ୍ରକ ଜିଲ୍ଲାର ଯୁବକ ଯୁବତୀଙ୍କୁ ସରକାର ନିଯୁକ୍ତି ଦେବା ଦାବିରେ ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତି ପକ୍ଷରୁ ଭଦ୍ରକ-ଧାମରା ରେଳପଥର ଜନ୍ତୁଆଳି ଛକଠାରେ ୮ ଘଣ୍ଟିଆ ରେଳରୋକ ଆନ୍ଦୋଳନ ସଂଗଠିତ କରାଯାଇଛି। ୨୦୦୫ ମସିହାରୁ ଭଦ୍ରକ-ଧାମରା ରେଳପଥ ପାଇଁ ତତ୍କାଳୀନ ରାଜ୍ୟ ସରକାର ଜମିଅଧିଗ୍ରହଣ କରି ଡିପିସିଏଲକୁ ରେଳପଥ ନିର୍ମାଣ ପାଇଁ ଓ ରେଳପଥରେ ମାଲପରିବହନ ପାଇଁ ସୁଯୋଗ ଦେଇଥିଲେ। ବନ୍ଦର ଉଦଘାଟନ ଉତ୍ସବରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧାମରା- ଭଦ୍ରକ ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ କରିବା ପ୍ରତିଶ୍ରୁତି ଦେଇଥିବା ବେଳେ ୨୦୨୫ ପରେ ଧାମରା ବନ୍ଦରର ଶତପ୍ରତିଶତ ମାଲିକାନା ରାଜ୍ୟସରକାରଙ୍କ ହାତକୁ ଫେରିଆସିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଧାମରା ବନ୍ଦରକୁ ୨୦୨୫ ପର୍ଯ୍ୟନ୍ତ ଲିଜ୍ ସୂତ୍ରରେ ନେଇଥିବା ଗୌତମ ଆଦାନୀ ୨୦୨୪ ମସିହାରେ ରାଜ୍ୟର ସରକାର ପରିବର୍ତ୍ତନ ପରେ 'ଧାମରା ବନ୍ଦରର' ନାମକୁ ଲିଭାଇ କାଗଜପତ୍ରରେ ଚଞ୍ଚକତା କରି 'ଆଦାନୀ ବନ୍ଦର' ବୋଲି ଲେଖି ମାଲିକାନାକୁ ଶତପ୍ରତିଶତ ନେଇଯିବାକୁ ଅପଚେଷ୍ଟା କରିବା ଘଟଣାକୁ ଭଦ୍ରକ- ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ଧାମରା ବନ୍ଦରର ମାଲିକାନା, ଭଦ୍ରକ-ଧାମରା ରେଳପଥର ମାଲିକାନା ସଂପର୍କରେ ରାଜ୍ୟ ଓ କେନ୍ଦ୍ର ସରକାର ସ୍ପଷ୍ଟ କରିବା ସହ ଭଦ୍ରକ- ଧାମରା ରେଳପଥର ବିଭିନ୍ନ ଷ୍ଟେସନରେ ଆଦାନୀ ନାମକୁ ଲିଭାଇ ଧାମରା ନାମ ଲେଖିବାକୁ ସଂଗ୍ରାମ ସମିତି ଦାବି କରିବା ସହ ଧାମରା ବନ୍ଦରକୁ ସଂପୂର୍ଣ୍ଣ ସରକାରୀ କରଣ କରିବାକୁ ସଂଗ୍ରାମ ସମିତି ଦାବିକରିଛି। ଧାମରା ବନ୍ଦରରେ ପଣ୍ୟକାରବାରର କୌଣସି ସରକାରୀ ହିସାବ ରହୁନଥିବାରୁ ସଂଗ୍ରାମ ସମିତି ପକ୍ଷରୁ ଉଦବେଗ ପ୍ରକାଶ କରାଯିବା ସହ ଧାମରା ବନ୍ଦର ମଧଦେଇ ବିଦେଶକୁ ରପ୍ତାନି ହେଉଥିବା ଓ ବିଦେଶରୁ ଆମଦାନୀ ହେଉଥିବା ସମସ୍ତ ଖଣିଜ ପଦାର୍ଥ ଓ ପଣ୍ୟର ହିସାବର ତଦନ୍ତ ସିଏଜି କରିବାକୁ ସଂଗ୍ରାମ ସମିତି ଦାବି କରିଛି। ଧାମରା ବନ୍ଦର ଓ ଭଦ୍ରକ-ଧାମରା ରେଳପଥରେ ଆଦାନୀ କଂପାନୀର ଏକଚାଟିଆ ଆଧିପତ୍ୟକୁ ବିରୋଧ କରି ସଂଗ୍ରାମ ସମିତି ପକ୍ଷରୁ ୮ ଘଣ୍ଟିଆ ରେଳରୋକ ଆନ୍ଦୋଳନର ଡାକରା ଦିଆଯିବା ଫଳରେ ଆଦାନୀ କଂପାନୀର ବହୁ ସଂଖ୍ୟକ ମାଲବାହୀ ଟ୍ରେନ ଅଟକ ହୋଇ ରହିଥିଲା। ଏହି ଆନ୍ଦୋଳନରେ ଭଦ୍ରକ- ଧାମରା ରେଳ ସଂଗ୍ରାମ ସମିତିର ସଭାପତି ଯୁବ ଆଇନଜୀବି ବିକାଶ ନାଥ, ସଂଗ୍ରାମ ସମିତିର ସଂପାଦକ ଯୁବନେତା ହାକିମ ଦାସ, ସଂଗ୍ରାମ ସମିତିର ଉପଦେଷ୍ଟା ଆଇନଜୀବି ଦିବ୍ୟସିଂହ ନାୟକ, ସଂଗ୍ରାମ ସମିତିର ଅନ୍ୟତମ ଉପଦେଷ୍ଟା ଯାଯପୁର ଜିଲ୍ଲା ପରିଷଦ ୬ ନଂ ଜୋନର ସଭ୍ୟା ବିଜେଡି ନେତ୍ରୀ ମାମିନା ମଲ୍ଲିକ୍, କୃଷକ ନେତା ଆଇନଜୀବି ଗିରିଧାରୀ ନାଥ, ଆଇନଜୀବି ମଳୟଭୋଇ, ଆଇନଜୀବି ବିଷ୍ଣୁ ଦାଶ, କୃଷକ ନେତା ଗୌରାଙ୍ଗ ଯେନା, ଅନ୍ୟତମ ଉପଦେଷ୍ଟା ଦିଗମ୍ବର ଦାସ, ଅନ୍ୟତମ ଉପଦେଷ୍ଟା ଅଞ୍ଜନ ଦାସ, ଅନ୍ୟତମ ଉପଦେଷ୍ଟା ଇଂ କାହ୍ନୁକିଶୋର ସାହୁ, ଅବସରପ୍ରାପ୍ତ ସେନାଧିକାରୀ ନରହରି ସାମଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାମଦେବ ମଲ୍ଲିକ୍, ଯୁବନେତା କାର୍ତ୍ତିକ ନାଥ, ଯୁବନେତା ପ୍ରତାପ ସାମଲ, ଯୁବନେତା ଆଲୋକ ନାଥ, ଚାଷୀନେତା ଅଜୟ ଦାସ, ଚାଷୀନେତା ଶଙ୍କର୍ଷଣ ବିଶ୍ୱାଳ, ଚାଷୀନେତା ଶରତ ମଲ୍ଲିକ୍, ଚାଷୀନେତା ପଦ୍ମନାଭ ସେଠୀ ପ୍ରମୁଖ ଯୋଗଦେଇ ସଂଗ୍ରାମ ସମିତିର ଦାବିକୁ ସରକାର ଯଥାଶୀଘ୍ର ପୂରଣ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ ।

## କେନ୍ଦୁପତ୍ର କର୍ମଚାରୀ ସଂଘର ବିକ୍ଷୋଭ



**ମାଲକାନଗିରି,୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

୧୭ ଦଫା ଦାବି ନେଇ କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର ମାଲକାନଗିରି କେନ୍ଦୁପତ୍ର ରେଞ୍ଜ ଅଫିସ ସମ୍ମୁଖରେ ବିକ୍ଷୋଭ କରିବା ସହ ୨ଦିନିଆ ଧାରଣାରେ ବସିଛନ୍ତି। ରେଞ୍ଜରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଓଡ଼ିଶା କେନ୍ଦୁପତ୍ର ସଭାପତି ବିଜୟ କୁମାର ମହାନ୍ତି ଏବଂ ଜୟପୁର ରେଞ୍ଜ ଡିଭିଜନ ସମ୍ପାଦକ ରାମା ମାଡ଼ିଙ୍କ ନେତୃତ୍ୱରେ ୧୭ଦଫା ଦାବି ନେଇ ମାଲକାନଗିରି ଜିଲ୍ଲାର କେନ୍ଦୁପତ୍ର ସଂଘ ମାଲକାନଗିରି ରେଞ୍ଜ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ଦିନ ଧାରଣାରେ ବସିଛନ୍ତି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଗଣ ଧାରଣା ପ୍ରତ୍ୟେକ କେନ୍ଦୁପତ୍ର ବନାଞ୍ଚଳରେ ଚାଲିଥିବା ବେଳେ ମାଲକାନଗିରି ଜିଲ୍ଲାରେ ଥିବା ୬ଟି କେନ୍ଦୁପତ୍ର ବନାଞ୍ଚଳରେ ମଧ କେନ୍ଦୁପତ୍ର କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏହି ଧାରଣା ଦୁଇ ଦିନ ବ୍ୟାପି ଚାଲିବ ବୋଲି ସଂଘର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

ଆଜିର ବିଭିନ୍ନ ଦାବି ନେଇ ଧାରଣାରେ ବସିଥିବା ମାଲକାନଗିରି ଜିଲ୍ଲାର ୬ଟି କେନ୍ଦୁପତ୍ର ବନାଞ୍ଚଳ ଗୁଡ଼ିକ ମଧ୍ୟରେ ମାଲକାନଗିରି, କାଲିମେଳା, ଏମଭି-୭୯, କଟାମେଟା, ମାଥିଲି, ବାଲିମେଳା କେନ୍ଦୁପତ୍ର କର୍ମଚାରୀ ସଂଘର ଦାବି ହେଲା, କେନ୍ଦୁପତ୍ର କେରି ଦର ବୃଦ୍ଧି, ଋତୁକାଳୀନ କର୍ମଚାରୀଙ୍କ ମାସିକ ମଜୁରୀ ବୃଦ୍ଧି, ବୋନସ ପରିମାଣ ବୃଦ୍ଧି, ବନ୍ଧେଇ କର୍ମଚାରୀମାନଙ୍କ କେନ୍ଦୁପତ୍ର ବିଡ଼ା ପ୍ରତି ଦର ବୃଦ୍ଧି, ପଡି ଉଚ୍ଛେଦ, ୬ଟି ଡାଇଭିଜନରେ ଘରୋଇକରଣ ବନ୍ଦ, କଲ୍ୟାଣ ଟ୍ରଷ୍ଟ ବୋର୍ଡ଼ର ବୈଠକ ଆହ୍ୱାନ, ମୃତ୍ୟୁକାଳୀନ ସହାୟତା ରାଶି ୨ଲକ୍ଷରୁ ୪ଲକ୍ଷକୁ ବୃଦ୍ଧି, ଋତୁ କାଳୀନ କର୍ମଚାରୀଙ୍କ ରୋଗରେ ପୀଡ଼ିତ ଛୁଟି, ଜୟପୁର, ନବରଙ୍ଗପୁର ଓ ଖଡ଼ିଆଲ ଡିଭିଜନର ଫାଲ ଏରିଆକୁ ପ୍ରୋସେସିଙ୍ଗ ଏରିଆରେ ପରିଣତ, ବିଭିନ୍ନ ଡିଭିଜନର ଖାଲି ପଡ଼ିଥିବା ଋତୁକାଳୀନ କର୍ମଚାରୀଙ୍କ ପଦବୀ ପ୍ରମୋଶନ ମାଧ୍ୟମରେ ପୂରଣ କରାଯାଉ, କେନ୍ଦୁପତ୍ର ବଜେଟରେ ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ସହାୟତା ପାଇଁ ୨୦୦କୋଟି ଟଙ୍କାର ବ୍ୟବସ୍ଥା କରାଯାଉ ଆଦି ଦାବିରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ଗୁଡ଼ିକ ବିଭିନ୍ନ ରେଞ୍ଜରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ପ୍ରଦାନ କରାଯାଇଛି।

## ମହିମାସ୍ୱାମୀଙ୍କ ଶୂନ୍ୟ ଦିବସ ମହୋତ୍ସବ



**କଟକ,୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମଧୁପଟଣା ଥାନା ଅନ୍ତର୍ଗତ ଓ କଟକ ମହାନଗର ନିଗମ ୫୧ନଂ ୱାର୍ଡ ଅଧୀନ ତିନିଘରିଆସ୍ଥିତ ସିଦ୍ଧ ବଡ଼ କୃପାସିନ୍ଧୁ ବାବାଙ୍କ ପ୍ରତିଷ୍ଠିତ ଅଲେଖ ମହିମା ଟୁଙ୍ଗିରେ ମହିମା ଧର୍ମର ପ୍ରତିଷ୍ଠାତା ତଥା ବିଶ୍ୱବନ୍ଦ୍ୟ ପ୍ରବୁଦ୍ଧ ଗୁରୁ ଯୋଗେଶ୍ୱର ମହିମା ସ୍ୱାମୀଙ୍କ ୧୫୦ତମ ଶୂନ୍ୟ ଦିବସ ମହୋତ୍ସବ ପ୍ରତିବର୍ଷ ଭଳି ଚଳିତ ବର୍ଷ ଫାଲଗୁନ ଶୁକ୍ଳ ୪ର୍ଥୀ ତିଥିରେ ଏହି ଉତ୍ସବ ପାଳିତ ହୋଇଯାଇଅଛି ଅଲେଖ ଟୁଙ୍ଗୀର ମୁଖ୍ୟ ତଥା ଜୋରନ୍ଦା ଗାଦୀର ସଭାପତି ବାବା ରଘୁନାଥ ଦାସ ନୈଷ୍ଠିକ ମହିମା ସାଧୁ ଭକ୍ତମାନଙ୍କ ସୁଦୂର ପ୍ରସାରୀ କରିଥିବାବେଳେ, ରବୀନ୍ଦ୍ର ବେହେରା ଓ ଆଲୋକ ବସ୍ତିଆଙ୍କ ପରିଚାଳନାରେ ଅନୁଷ୍ଠିତ ମହିମା ଧର୍ମ ପରମ୍ପରା ଅନୁଯାୟୀ ଅଖଣ୍ଡ ବତୀ, ଅଖଣ୍ଡ ଧ୍ୱନି, ନାମ ଭଜନ, ପ୍ରବଚନ, ବାଲ୍ୟଲୀଳା ଅର୍ପଣ ଓ ଗ୍ରାମ ପରିକ୍ରମା ଆଦି ଅନୁଷ୍ଠିତ ହୋଇଥିଲା। ଏହି ଧାର୍ମିକ କାର୍ଯ୍ୟରେ ଅତିଥି ଭାବରେ କଂଗ୍ରେସର ବରିଷ୍ଠ ନେତା ସୁରେଶ ଚନ୍ଦ୍ର ମହାପାତ୍ର, ସମାଜସେବୀ ସୁକାନ୍ତ ସେଠୀ, ବାବା ରଘୁନାଥ ଦାସ, ବାବା କରୁଣାକର ଦାସ, ବାବା ବିଜୟ ଦାସ, ବାବା ନିରାକାର ଦାସ, ସାମ୍ବାଦିକ ପ୍ରତାପ ଚନ୍ଦ୍ର ସେନାପତି, କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟାତ, ବାବା ସଦାନନ୍ଦ ଦାସ, ବାବା କନ୍ଦର୍ପ ଦାସ, ବାବା ଜ୍ଞାନୀ ଦାସ ମହିମା ଧର୍ମ ଉପରେ ଆଲୋକପାତ କରିଥିବାବେଳେ ମାନସ ବସ୍ତିଆ, ସଞ୍ଜୟ ବେଉରା, ବିପିନ ପଚ୍ଛାୟତ, ଆର୍ତ୍ତ ଚନ୍ଦ୍ର ବିଶ୍ୱାଳ, ନିର୍ମଳ ସ୍ୱାଇଁ, ରଞ୍ଜିତ ମହାନ୍ତି, ବାବି ବିଶ୍ୱାଳ, ମାନସ ପରିଡ଼ା ସାଧୁସନ୍ଥ ଓ ତିନିଘରିଆ ଗ୍ରାମ ମୁରବି, ଯୁବକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ଶେଷରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ

**ରାୟଗଡା,୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଇନ୍ଦିରା ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଗମ୍ଭୀର ଓ ସାହିତ୍ୟିକ ପରିବେଶ ମଧ୍ୟରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସିଆରସିସି ସଦାନନ୍ଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମାତୃଭାଷାର ଗୁରୁତ୍ୱ, ଏହାର ସଂରକ୍ଷଣ ଓ ଦୈନିକ ଜୀବନରେ ମାତୃଭାଷା ବ୍ୟବହାରର ଆବଶ୍ୟକତା ବିଷୟରେ ଉଦବୋଧନ ରଖିଥିଲେ। ସେ କହିଥିଲେ ଯେ ମାତୃଭାଷା ହେଉଛି ମାନବର ପରିଚୟ, ସଂସ୍କୃତି ଓ ପାରମ୍ପରିକ ମୂଲ୍ୟବୋଧର ଭିତ୍ତି, ଯାହାକୁ ରକ୍ଷା କରିବା ପ୍ରତ୍ୟେକଙ୍କର ଦାୟିତ୍ୱ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିବନ୍ଧ ଲେଖନ, କବିତା ପାଠ, ବକ୍ତୃତା ଓ ଭାଷାଭିତ୍ତିକ ସୃଜନଶୀଳ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପିଲାମାନେ ନିଜ ମାତୃଭାଷା ଓଡ଼ିଆ ପ୍ରତି ଭଲପାଇବା, ତାହାର ଐତିହ୍ୟ ଓ ଗୌରବକୁ ସ୍ପଷ୍ଟ କରି ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଶ୍ରେଷ୍ଠ ଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ପଣ୍ଡା ଅଧକ୍ଷତା କରି କହିଥିଲେ ଯେ ଶିଶୁଦଶାରୁ ମାତୃଭାଷାରେ ଶିକ୍ଷା ଦେବା ଦ୍ୱାରା ଜ୍ଞାନାର୍ଜନ ସହଜ ହୁଏ ଏବଂ ଚିନ୍ତନଶକ୍ତିର ବିକାଶ ଘଟେ। ସେ ଅଭିଭାବକମାନଙ୍କୁ ଘରେ ମଧ ପିଲାଙ୍କ ସହ ମାତୃଭାଷାରେ କଥାହେବାକୁ ଆହ୍ୱାନ କରିଥିଲେ। ଶିକ୍ଷୟିତ୍ରୀ ବାସନ୍ତୀ ମିଶ୍ର, ନୀଳାଞ୍ଜଳ ମିଶ୍ର, ମନୋରମା ସାହୁ ଓ ମଧୁସ୍ମିତା ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ରହି କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିଲେ।

## ସ୍ନାୟୁରୋଗ ଡାକ୍ତରଙ୍କ ଅଭାବକୁ ନେଇ ଉଦବେଗ

**ଭୁବନେଶ୍ୱର,୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**



ବିଭିନ୍ନ କାରଣରୁ ଏବେ ଭାରତ ବା ସମଗ୍ର ରାଜ୍ୟମାନଙ୍କରେ ସ୍ନାୟୁ ଜନିତ ରୋଗ କ୍ରମଶଃ ବଢ଼ିବାରେ ଲାଗିଛି। ଓଡିଶାରେ ମଧ ଅନୁରୂପ ସ୍ଥିତ ରହିଛି। ଏଭଳି ରୋଗ ବଢୁଥିବାବେଳେ ସେହି ତୁଳନାରେ ସ୍ନାୟୁରୋଗ ବିଭାଗ ଡାକ୍ତରଙ୍କ ସଂଖ୍ୟା କିନ୍ତୁ କମିବାରେ ଲାଗିଛି। ନିର୍ଦ୍ଦିଷ୍ଟ କେତେକ କାରଣ ବା କଟକଣା ସ୍ନାୟୁରୋଗ ଡାକ୍ତର ସୃଷ୍ଟି କରିବାରେ ପ୍ରତିବନ୍ଧକ ସାଜୁଛି। ଭୁବନେଶ୍ୱରରେ ନିୟୁରୋଲୋଜିକାଲ ସର୍ଜନ ସୋସାଇଟି ଅଫ ଇଣ୍ଡିଆ (ନାସିକନ)ର ତିନି ଦିନିଆ ସମ୍ମିଳନୀର ଉଦଘାଟନୀ ଉତ୍ସବରେ ସାମିଲ ହୋଇ ବହୁ ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ଏହି ମତ ଉପସ୍ଥାପନ କରିଛନ୍ତି। ଏହି ସମ୍ମିଳନୀରେ ମୁଖ୍ୟଅତିଥିଭାବେ ଡାକ୍ତର ସୁକାନ୍ତ ମହାପାତ୍ର (ନିଷ୍ଠ କଲେଜ ମୁଖ୍ୟ) ଯୋଗଦେଇଥିବା ବେଳେ, ଅନ୍ୟତମ ଅତିଥିଭାବେ ଡାକ୍ତର ଥୋମାପ ହେଗେଡେ, ଡାକ୍ତର ଶକ୍ତିମୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ସ୍ନାୟୁ ରୋଗ ବିଶେଷଜ୍ଞ ତଥା ଡାକ୍ତର ବ୍ରିଗେଡ଼ିଅର ପିକେ ସାହୁ ଏବଂ ଡାକ୍ତର ରିତେଶ ଭୋଟଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସମ୍ମିଳନୀରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସିଥିବା ପ୍ରାୟ ୩୫୦ ସ୍ନାୟୁ ରୋଗ ବିଭାଗ ଡାକ୍ତର ସାମିଲ ହେବାର କାର୍ଯ୍ୟକ୍ରମ ରହିଛି।

## ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ

**ବ୍ରହ୍ମପୁର,୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**



ବିଶ୍ୱ ସାମାଜିକ ନ୍ୟାୟ ଦିବସ-୨୦୨୬ ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାରେ ଫେବୃଆରୀ ମାସ ୧୩ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଇ ଉଦ୍‌ଯାପନ ଦିବସ ଜିଲ୍ଲା ପରିଷଦ ସ୍ଥିତ ଜଉଗଡ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି କିର୍ତ୍ତୀ ଭାସନଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି। ପିଢ଼ି ପିଢ଼ି ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ପାଇଁ ଜିଲ୍ଲାରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କର ଜୀବନବ୍ୟାପୀ ଅନବଦ୍ୟ ଅବଦାନ, ଅନୁଭବ ଓ ପ୍ରଗାଢ ଜ୍ଞାନକୁ ସମ୍ମାନ ଜଣାଇବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଭଞ୍ଜନଗର ଠାରେ କବିତା ପାଠୋତ୍ସବ, ବ୍ରହ୍ମପୁର ଠାରେ ସେମିନାର ଓ ଇଣ୍ଟର ଫେସ୍ ସେସନ୍ ଏବଂ ଛତ୍ରପୁର ଠାରେ ସୃଜନଶୀଳ ସାହିତ୍ୟ ପ୍ରତିଯୋଗିତା ନିମନ୍ତେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା, ମନୋରଞ୍ଜନାତ୍ମକ କ୍ରୀଡା ଓ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ଏହାର ଶୁଭାରମ୍ଭ କରାଯାଇଥିଲା। ଏକ ସହାନୁଭୂତିଶୀଳ, ସମ୍ବେଦନଶୀଳ ଓ ସୁନ୍ଦର ସମାଜ ଗଠନ ପାଇଁ ବରିଷ୍ଠ ନାଗରିକଙ୍କ ପ୍ରତି ଅନ୍ୟାୟ କିମ୍ବା ଅବହେଳାକୁ ଆମେ ସହ୍ୟ କରିବା ନାହିଁ ବୋଲି ଜିଲ୍ଲାପାଳ ଶ୍ରୀ କୀର୍ତ୍ତି ୱାସନ କହିଥିଲେ। ବରିଷ୍ଠ ନାଗରିକମାନେ ଆମକୁ ଦିଗ୍‌ଦର୍ଶନ ଦେଉଛନ୍ତି, ତେଣୁ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ନିମନ୍ତେ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ପ୍ରତି ଗୁରୁବାର ସକାଳ ୮ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ଆମ ଗୁରୁଜନମାନଙ୍କ ଚିକିତ୍ସା ନିମନ୍ତେ ପ୍ରାଧାନ୍ୟ ଦିଆଯିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିବା ସହ ସେମାନଙ୍କ ପାଇଁ ଥିବା ସରକାରଙ୍କ ସମସ୍ତ ଯୋଜନାର ପ୍ରଚାର ପ୍ରସାର କରି ଯେପରି ସେମାନେ ସେଥିରୁ ଲାଭାନ୍ୱିତ ହୋଇ ପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ସମସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ କବିତା ପାଠୋତ୍ସବ, ସେମିନାର ଓ ଇଣ୍ଟର ଫେସ୍ ସେସନ୍, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା, ମନୋରଞ୍ଜନାତ୍ମକ କ୍ରୀଡା ଓ ଯୋଗ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ମାନୀତ କରାଯାଇଥିଲା। ଛତ୍ରପୁରର ବରିଷ୍ଠ ନାଗରିକ ପ୍ରଶାନ୍ତ କୁମାର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ବରିଷ୍ଠ ନାଗରିକ ସଚେତନତା ସମାବେଶରେ ଜିଲ୍ଲାର ବହୁ ବରିଷ୍ଠ ନାଗରିକ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ସାମ୍ବାଦିକ ବନ୍ଧୁଗଣ ଯୋଗଦେଇଥିଲେ।

## ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନର ସମ୍ମିଳନୀ

**କେନ୍ଦୁଝର,୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନର ୫୧ତମ ରାଜ୍ୟସ୍ତରୀୟ ବାର୍ଷିକ ସମ୍ମିଳନୀ କେନ୍ଦୁଝରଗଡ଼ ଅଡ଼ିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନର ୫୧ତମ ରାଜ୍ୟସ୍ତରୀୟ ବାର୍ଷିକ ସମ୍ମିଳନୀର ଅଭ୍ୟର୍ଥନା କମିଟିର ସଭାପତି ତଥା କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ ମଞ୍ଚାସିନ ହୋଇ ସାରା ଓଡ଼ିଶାରୁ ଆସିଥିବା ସଂଘର ସଦସ୍ୟଙ୍କୁ ପ୍ରଥମେ ଅଭିଭାଷଣ ମାଧ୍ୟମରେ ସ୍ୱାଗତ କରିଥିଲେ। ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନ ଅନ୍ତର୍ଗତ ଓଡ଼ିଶାର ଟ୍ରାନ୍ସମିସନ୍, ଡିଷ୍ଟ୍ରିବ୍ୟୁସନ ଓ ଜେନେରେଶନର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଉକ୍ତ ସମ୍ମିଳନୀରେ ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡ଼େରେସନର ଅଧ୍ୟକ୍ଷ ରାମକୃଷ୍ଣ ପଣ୍ଡା ଲାଲ ପତାକା ଉତ୍ତୋଳନ କରି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ମୋହନ ଶର୍ମା ସାଧାରଣ ସମ୍ପାଦକ, ଆଞ୍ଚଳିକ ଭାରତୀୟ ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନ (ନାଗପୁର), ଯୋଗଦାନ କରିଥିଲେ।ସମ୍ମାନିତ ଅତିଥି ଭାବେ ବୈଦନାଥ ସିଂହ ଆଞ୍ଚଳିକ ସମ୍ପାଦକ, ଅରୁଣ ଚୋଟରାଜ ଉର୍ଦ୍ଦୁର ପୂର୍ବାଞ୍ଚଳ ଉପସମ୍ପାଦକ, ମହେଶ୍ୱର ରାଉତ କାର୍ଯ୍ୟକାରୀ ସଭାପତି ଏଆଇଟିଉସି ଓଡ଼ିଶା ରାଜ୍ୟ କମିଟି ଯୋଗଦାନ କରିଥିଲେ। ଏତଦ୍ ସହିତ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନର ଉପାଧକ୍ଷ ଆବନ୍ଧୁ ବିଶ୍ୱାଳ, ଶ୍ରୀକୃଷ୍ଣ ପଟ୍ଟନାୟକ, ନିରଞ୍ଜନ ପାଣିଗ୍ରାହୀ, ନୃସିଂହ ଚରଣ ପଣ୍ଡା ମଞ୍ଚାସିନ ଥିଲେ।

## ମହିଳା ନିର୍ଯାତନା ବିରୋଧରେ ସଚେତନତା

**କେନ୍ଦୁଝର,୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**



ସମାଜରୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର କରିବା ସହ ଡାହାଣୀ ସନ୍ଦେହରେ ହେଉଥିବା ଅମାନୁଷିକ ନିର୍ଯାତନାକୁ ରୋକିବା ପାଇଁ ଶୁକ୍ରବାର କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାରହଲ୍‌ଠାରେ ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗଦେଇ ମହିଳାମାନଙ୍କ ସୁରକ୍ଷା ଓ ଆଇନଗତ ଅଧିକାର ଉପରେ ଗୁରୁତ୍ୱାରୋପ କରିଥିଲେ। ଡାହାଣୀ ସନ୍ଦେହ କରି ଜଣେ ମହିଳାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଏକ ଗୁରୁତର ଅପରାଧ। ଅନେକ ସମୟରେ କେବଳ ସନ୍ଦେହ ଆଧାରରେ ନିରୀହ ମହିଳାମାନଙ୍କୁ ସମାଜରୁ ବାସନ୍ଦ କରାଯାଇଥାଏ, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସଚେତନତା ଓ ଶିକ୍ଷା ହିଁ ସମାଧାନ ଶ୍ରୀମତୀ ତ୍ରିପାଠୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଏହି କୁପ୍ରଥାକୁ କେବଳ ପୋଲିସ ବା ଆଇନ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଦୂର କରାଯାଇପାରିବ ନାହିଁ। ଏଥିପାଇଁ ସମ୍ବେଦନଶୀଳତା ଗ୍ରାମାଞ୍ଚଳରେ ଲୋକଙ୍କୁ ଏହି ଅନ୍ଧବିଶ୍ୱାସ ବିଷୟରେ ସଚେତନ କରାଇବା ଆବଶ୍ୟକ। ଶିକ୍ଷାର ପ୍ରସାର ଦ୍ୱାରା ହିଁ ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର ହୋଇପାରିବ। ସେହିପରି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭା ସ୍ୱାଇଁ କହିଥିଲେ ଏହି ସମସ୍ୟା କେବଳ ଗାଁରେ ସୀମିତ ନାହିଁ, ବରଂ ସହରାଞ୍ଚଳରେ ମଧ ଦେଖିବାକୁ ମିଳୁଛି। ଲୋକଙ୍କ ମାନସିକ ଅବସ୍ଥାକୁ ଲକ୍ଷ୍ୟ କରି ସେମାନଙ୍କୁ ଗୁଣିଗାରେଡି ଉପରେ ବିଶ୍ୱାସ କରିବାକୁ ବାଧ କରାଯାଏ। ଯେତେବେଳେ ଜଣେ ବ୍ୟକ୍ତି ମନରେ ଡରର ବସା ବାନ୍ଧିଯାଏ, ସେତେବେଳେ ତା'ର ଅନ୍ଧବିଶ୍ୱାସ ପ୍ରତି ଭରସା ଆହୁରି ବଢ଼ିଯାଏ। ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ରୋଜଗାରର ଘୋର ଅଭାବ ଯୋଗୁଁ ନିରୀହ ଲୋକମାନେ ସହଜରେ ଏହି ଭ୍ରାନ୍ତ ଧାରଣାର ଶିକାର ହେଉଛନ୍ତି। ଯଦି ଆମେ ମନରୁ ଅନ୍ଧବିଶ୍ୱାସର ଡର ଦୂର କରିପାରିବା, ତେବେ ଯାଇ ସମାଜରୁ ଏହି ବ୍ୟାଧିକୁ ସମ୍ପୂର୍ଣ୍ଣ ରୂପେ ଦୂର କରାଯାଇପାରିବ। ଏହି କର୍ମଶାଳାରେ ଆଇନଜୀବୀ ସୁନୀଲ କୁମାର ମହାନ୍ତ ଯୋଗଦେଇ ଓଡ଼ିଶା ଡାହାଣୀ ନିର୍ଯାତନା ନିରୋଧ ଆଇନ-୨୦୧୩ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଆଶା ଓ ଅଙ୍ଗନବାଡ଼ି କର୍ମୀ, ଜିଲ୍ଲାର ବିଭିନ୍ନ ବ୍ଲକରୁ ସିଡିପିଓ, ସୁପରଭାଇଜର ଏବଂ ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାସମାଜ ମଙ୍ଗଳ ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିରିଡି ସାଇ ମନ୍ଦିର ପ୍ରତିଷ୍ଠା

**ମାଲକାନଗିରି,୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲା ସଦର ମହକୁମାରେ ପ୍ରଥମ ଶିରିଡି ସାଇଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ତିନି ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁଥିବା ଏହି କାର୍ଯ୍ୟକ୍ରମ ବହୁ ସଂଖ୍ୟାରେ ଭକ୍ତ ବୃନ୍ଦ ସାମିଲ ହୋଇଛନ୍ତି। ସ୍ଥାନୀୟ ପାତ୍ରଗୁଡାରେ ନିର୍ମାଣ ହୋଇଥିବା ଏହି ମନ୍ଦିରରେ ସାଇ ବାବାଙ୍କ ବିଗ୍ରହ ସମେତ ଗଣେଶ ଓ ଦତ୍ତାତ୍ରେୟଙ୍କ ବିଗ୍ରହ ମଧ ପ୍ରତିଷ୍ଠା ପାଇବେ। ମାଲକାନଗିରି ଶିରିଡି ସାଇ ସେବା ସମିତି ପକ୍ଷରୁ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ବେଳେ ଗଞ୍ଜାମ ଜିଲ୍ଲା ଚିକିଟି ଗ୍ରାମରୁ ପୁରହିତମାନଙ୍କ ଦ୍ୱାରା ପୂଜାବିଧି ଅନୁଷ୍ଠିତ ଜାରି ରହିଛି। ଆଜିର ପ୍ରଥମ ଦିନର କାର୍ଯ୍ୟକ୍ରମରେ କଳଶ ଯାତ୍ରା ଅନୁଷ୍ଠିତ ହୋଇଥିଲା ଓ ଏଥିରେ ସାମିଲ ହୋଇଥିଲେ ଶତାଧିକ ମହିଳା ଭକ୍ତ। ଏହାପରେ ଅଙ୍କୁରା ରପୋନ ଓ ବିଧିବଦ୍ଧ ପୂଜାନୀତି ଆରମ୍ଭ ହୋଇଥିଲା।

## ୪୦ତମ କୋଣାର୍କ ନୃତ୍ୟ ଉତ୍ସବ

**କୋଣାର୍କ,୨୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରତିବର୍ଷ ପରି ଚଳିତବର୍ଷ ଫେବୃଆରୀ ୧୯ ଗୁରୁବାର ସନ୍ଧ୍ୟାରେ ସ୍ୱର୍ଗତ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ନାଟ୍ୟମଣ୍ଡପରେ ଆୟୋଜିତ ହୋଇଯାଉଛି ୪୦ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ। ନୃତ୍ୟ ଗୁରୁ ସ୍ୱର୍ଗତ ଗଙ୍ଗା ଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ନାଟ୍ୟମଣ୍ଡପରେ ପ୍ରତିବର୍ଷ ଫେବୃଆରୀରେ ୩ ଦିନ ଧରି ଏହି ଉତ୍ସବ ପାଳନ ହେଉଆସୁଥିଲା ବେଳେ ଚଳିତ ବର୍ଷ କେତେକ ଅସୁବିଧା କାରଣକୁ ନେଇ ଗୋଟିଏ ଦିନ ପାଇଁ ଏହି ଉତ୍ସବ ଆୟୋଜିତ ହୋଇଛି। ଅତିଥି ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ବିଜୟ ଜେନା, ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର, ଗୁରୁ ନିମାକାନ୍ତ ରାଉତରାୟ, ଗୁରୁ ରମଣୀ ରଞ୍ଜନ ଜେନା, ନିମାପଡା ପ୍ରେସ କ୍ଲବ ସଭାପତି ଅକ୍ଷୟ ବେହେରା, ନାଟ୍ୟମଣ୍ଡପ ସମ୍ପାଦକ ଶିବାଶିଷ ପ୍ରଧାନ, ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଧର୍ମପତ୍ନୀ ସୁଲଚନା ପ୍ରଧାନ ପ୍ରମୁଖ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ପ୍ରଥମେ ଘଣ୍ଟ ମର୍ଦ୍ଦଳ ଗ୍ରୁପର କଳାକାରମାନଙ୍କ ଦ୍ୱାରା ଘଣ୍ଟ ଓ ମର୍ଦ୍ଦଳରେ ତାଳରେ ଚିତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଜାତୀୟ ଅନ୍ତର୍ଜାତୀୟ କ୍ଷେତ୍ରରେ ପ୍ରତିଷ୍ଠିତ ବରିଷ୍ଠ ବଂଶୀ ବାଦକ ସ୍ୱର୍ଗତ ରବିଶଙ୍କର ପ୍ରଧାନଙ୍କ ଅକାଳ ବିୟୋଗରେ ଅତିଥିଙ୍କ ସମେତ ସମସ୍ତ ଦର୍ଶକଙ୍କ ଛିଡା ହୋଇ ଏକ ମିନିଟ ନୀରବ ପ୍ରାଥନା କରିଥିଲେ। ପରେ କୋଣାର୍କ ନାଟ୍ୟ ମଣ୍ଡପ ଏବଂ ନୃତ୍ୟ ଗୁରୁ ବିଷ୍ଣୁ ସାସମଲଙ୍କ ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀ, ନିମାପଡ଼ାର କଳାକାରମାନଙ୍କ ଦ୍ୱାରା ସ୍ୱର୍ଗତ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପରିକଳ୍ପିତ ଓ ଦର୍ଶକଙ୍କ ପ୍ରିୟ ନୃତ୍ୟ ଯାହା ଦେଶ ବିଦେଶ ଦର୍ଶକଙ୍କୁ ଖୁବ ଆନନ୍ଦ ଭରି ଦେଇଥାଏ ସେଇ ପଞ୍ଚ ଦେବତାଙ୍କୁ ଯଥା, ଗଣେଶ, ନାରାୟଣ, ଶିବ, ପାର୍ବତୀ ଓ ସୂର୍ଯ୍ୟ ଙ୍କୁ ପଞ୍ଚଦେବସ୍ତୁତୀରେ ଆହ୍ୱାନ ନୃତ୍ୟ ଅତି ସୁନ୍ଦର ଭାବେ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୋଣାର୍କ ନାଟ୍ୟ ମଣ୍ଡପର ବରିଷ୍ଠ ଗୋଟିପୁଅ ଗୁରୁ ଜୟକୃଷ୍ଣ ନାୟକ, ଗୁରୁ ବିଷ୍ଣୁ ସାସମଲ, ସୁଲୋଚନା ପ୍ରଧାନ, ଯୋଗଗୁରୁ ବାମଦେବ ଆଲୁକ, ନାଟ୍ୟ ମଣ୍ଡପର ସଂପାଦକ ଶିବାଶିଷ ପ୍ରଧାନ, ସଂଜୀବନି ପ୍ରଧାନ, ସୁଦେଶନ ସାସମଲ, ସସ୍ମିତା ଖଣ୍ଡାୟତରାୟ, ଲକି ଭରଦ୍ୱାଜଙ୍କ ସମେତ ନାଟ୍ୟ ମଣ୍ଡପର ସମସ୍ତ କର୍ମକର୍ତ୍ତାମାନେ ପରିଚାଳନା କରିଥିଲା ବେଳେ ମଞ୍ଚ ପରିଚାଳନା କରି ଥିଲେ ହୃଷୀକେଶ ପାଣିଗ୍ରାହୀ, ସୁଦିପ୍ତା ପାଣିଗ୍ରାହୀ।

## ୨୪ରୁ ଶ୍ରୀ ହନୁମତ୍ ମହୋତ୍ସବ




**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଚିନ୍ମୟ ମିଶନ ଓଡ଼ିଶା ତରଫରୁ ଏକ ରାଜ୍ୟସ୍ତରୀୟ ବୃହତ ଆଧ୍ୟାତ୍ମିକ ତଥା ବୌଦ୍ଧିକ ବିକାଶ କାର୍ଯ୍ୟକ୍ରମ "ଶ୍ରୀ ହନୁମତ୍ ମହୋତ୍ସବ ଓ ଶ୍ରୀ ହନୁମାନ ଚାଳିଶା ମହାଯଜ୍ଞ" ଫେବୃଆରୀ ୨୪ ତାରିଖରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ୬ଟା ୩୦ ମିନିଟରୁ ରାତି ୮ଟା ୩୦ ମିନିଟ ପର୍ଯ୍ୟନ୍ତ ସ୍ଥାନୀୟ ଉପର ବାଲିଯାତ୍ରା ପଡ଼ିଆରେ ଆୟୋଜନ ପାଇଁ ସ୍ଥିର ହୋଇଛି । ଚିନ୍ମୟ ମିଶନର ୭୫ବର୍ଷ ପୂର୍ତ୍ତି ପାଇଁ ଏହା କରାଯାଉଛି । ଚିନ୍ମୟ ମିଶନର ଆନ୍ତର୍ଜାତୀୟ ପ୍ରଶାସନିକ ମୁଖ୍ୟ ପୂଜ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ "ସଙ୍କଟ ମୋଚନ" ଉପରେ ପ୍ରବଚନ ପ୍ରଦାନ କରିବେ । ଫେବୃଆରୀ ୨୫ ତାରିଖ ସକାଳ ୭ଟା ରୁ ୮ଟା ପର୍ଯ୍ୟନ୍ତ "ଗୀତା ପଞ୍ଚାମୃତ" ଉପରେ ଚିନ୍ମୟ ମିଶନ ଓଡ଼ିଶା ଆଂଚଳିକ ମୁଖ୍ୟ ପୂଜ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଓଡ଼ିଆ ଭାଷାରେ ପ୍ରବଚନ ଦେବେ । ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ମାର୍ଗଦର୍ଶନରେ ପ୍ରତିଦିନ ବିଭିନ୍ନ ଧର୍ମାନୁଷ୍ଠାନର ବିଶିଷ୍ଟ ସନ୍ଥମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏହି ବିଶାଳ କାର୍ଯ୍ୟକ୍ରମ ସକାଳ ଓ ସନ୍ଧ୍ୟା ସମୟରେ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଅପରାହ୍ନରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀମାନଙ୍କ ବୌଦ୍ଧିକ ବିକାଶ କରାଇ ସେମାନଙ୍କୁ ସୁନାଗରିକ କରିବା ଲକ୍ଷ୍ୟରେ ଚିନ୍ମୟ ମିଶନର ଅଭିଜ୍ଞ ଆଚାର୍ଯ୍ୟ ଓ ବିଶିଷ୍ଟ ବକ୍ତାମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ସ୍ୱାମୀ ଓଁକାରନନ୍ଦ ସରସ୍ୱତୀ, ସ୍ୱାମୀ ସଦାନନ୍ଦ ସରସ୍ୱତୀ, ଡ କିଶନ ଲାଲ ଅଗ୍ରୱାଲ, ଡାକ୍ତର ଚିତ୍ତ ରଂଜନ ଷଡ଼ଙ୍ଗୀ, ସୁବାସ ଚନ୍ଦ୍ର ଦ୍ୱିବେଦୀ, ନିହାର ରଂଜନ ରାୟ ପ୍ରମୁଖ ଉଦବୋଧନ ଦେଇଥିଲେ । ମହୋତ୍ସବର ସଂପାଦକ ସଂଗ୍ରାମ କେଶରୀ କରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜିଲ୍ଲାସ୍ତରୀୟ କୌଶଳ ତାଲିମ

**ମାଲକାନଗିରି:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଏଫଏଲସି ସଭା ଗୃହ ଠାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ଆନୁକୂଲ୍ୟରେ କିଶୋରୀ ବାଳିକାଙ୍କୁ ଆଦ୍ୱିକା କାର୍ଯ୍ୟକ୍ରମ ଅଧିନରେ ଜିଲ୍ଲା ସ୍ତରୀୟ କୌଶଳ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଗୌରି ନାୟକ ଓ ସୁରକ୍ଷା ଅଧିକାରୀ ଟି. ଜୟା ଲକ୍ଷ୍ମୀ ଉପସ୍ଥିତ ରହି ଏହି କର୍ମଶାଳାର ଶୁଭାରମ୍ଭ କରିଥିଲେ । କିଶୋରକିଶୋରୀଙ୍କ ସଶକ୍ତୀକରଣ ନିମିତ୍ତ ବିଭିନ୍ନ କୌଶଳ ତାଲିମ ଯଥା ବିତ୍ତିୟ ସାକ୍ଷରତା,ସାଇବର ସୁରକ୍ଷା, ଯୋଗାଯୋଗ ଉପରେ ଜିଲ୍ଲା ସଂଯୋଜିକା ମୀନାକ୍ଷୀ ପ୍ରଧାନ ତାଲିମ ପ୍ରଦାନ କରିଥିଲେ । ସୂକ୍ଷ୍ମ କୌଶଳ, କମ୍ପ୍ୟୁଟର ସମ୍ବନ୍ଧିତ ଉପରେ ଶିକ୍ଷା ବିଭାଗର ମାନସ ରଞ୍ଜନ ସେନାପତି ଓ ଶୁଦ୍ଧି ରଞ୍ଜନ ସିକଦାର ଜ୍ଞାନ ପ୍ରଦାନ କରିଥିଲେ । ଧନ୍ଦାମୂଳକ ନିଯୁକ୍ତିର ସୁଯୋଗ ସମ୍ବନ୍ଧରେ ଡିପିସି ମିଶନ ଶକ୍ତି ହର୍ଷାନନ୍ଦ ପ୍ରଧାନ ତାଲିମ ପ୍ରଦାନ କରିଥିଲେ । ଆଶିଷ ପଣ୍ଡା ସଂଚୟ ଓ ନିବେଶ ତଥା ବିଭିନ୍ନ ଇନ୍ସୁରାନ୍ସ ବିଷୟରେ କିଶୋର କିଶୋରୀମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିଶୁ ବିକାଶ ଯୋଜନାର ମୋଟ ୮୦ ଜଣ କିଶୋରୀ କିଶୋର, ଅଙ୍ଗନବାଡି କର୍ମୀ, ସୁପରଭାଇଜର ଉପସ୍ଥିତ ଥାଇ ତାଲିମ ଗ୍ରହଣ କରିଥିଲେ । ପରିଶେଷରେ ସମସ୍ତ ଅଂଶଗ୍ରହଣକରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମହିଳା ସଶକ୍ତୀକରଣ ହବ୍‌ର କର୍ମକର୍ତ୍ତାମାନେ ଆୟୋଜନ କରିଥିଲେ । ଜିଲ୍ଲା ସଂଯୋଜିକା ଶ୍ରୀମତୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସୁରକ୍ଷା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଳମଣି ବିଜେଡି ବ୍ଲକ ସଭାପତି

**ପୁରୁଷୋତ୍ତମପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ପାଇଁ ବିଜୁ ଜନତା ଦଳର ସଭାପତି ଭାବେ ନିଳମଣି ପଣ୍ଡାଙ୍କୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ମନୋନୀତ କରିଛନ୍ତି । ଯାହାକୁ ନେଇ ଦଳୀୟ କର୍ମୀ ଓ ଶୁଭେଚ୍ଛୁଙ୍କ ମହଲରେ ଖୁସିର ଲହରୀ ଖେଳି ଯାଇଛି । ଶ୍ରୀ ପଣ୍ଡାଙ୍କ ନେତୃତ୍ୱରେ ଆଗାମୀ ଦିନରେ ଦଳୀୟ ସଙ୍ଗଠନ ସୁଦୃଢ଼ ହେବ ବୋଲି ଦଳୀୟ କର୍ମୀ ଓ ନେତୃବୃନ୍ଦ ଆଶା କରିଛନ୍ତି । ଶ୍ରୀ ପଣ୍ଡା ଦଳର ସଭାପତି ନବୀନ ପଟ୍ଟନାୟକ, ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ବାଲ୍ୟ ବିବାହ ସଚେତନତା

**ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ରଙ୍ଗଣୀ ଓ କେରୁଆଁପାଳ ପଚାଂୟତରେ ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରଙ୍ଗଣୀ ପଚାଂୟତ କାର୍ଯ୍ୟାଳୟରେ ସରଂପଚ ଲୋପାମୁଦ୍ରା ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ସମିତି ସଭ୍ୟ ତପନକୁମାର ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କ କାର୍ଯ୍ୟାଳୟର କର୍ମଚାରୀ ସୁଶାନ୍ତକୁମାର ବାରିକ ଏହାକୁ ସଂଯୋଜନା କରିଥିଲେ । ତାଙ୍କ ସହିତ ଆସିଥିବା ଚନ୍ଦ୍ରଶେଖର ସ୍ୱାଇଁ, ସାଇନ୍ ପରିଡା, ବିସ୍ମୟ ପ୍ରଧାନ, ସୁପରଭାଇଜର ରଜନୀ ରାଉଳ, ମିନତୀ ମିଶ୍ର ଯୋଗଦେଇ ନାବାଳିକା ବିବାହର କୁପରିଣାମ ସଂପର୍କରେ ସଚେତନ କରିଥିଲେ । ଏନେଇ ଥିବା ବିଭିନ୍ନ ଆଇନ କାନୁନ ସଂପର୍କରେ ଅବଗତ କରାଇଥିଲେ । ଏହି ପଚାଂୟତର ଅଙ୍ଗନବାଡି କର୍ମୀ, ୱାର୍ଡ ସଭ୍ୟ ସଭ୍ୟା, କିଶୋରୀ ବାଳିକା ଓ ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ । ସେହିପରି କେରୁଆଁପାଳ ପଚାଂୟତ କାର୍ଯ୍ୟାଳୟରେ ସଚେତନତା କାର୍ଯ୍ୟାକ୍ରମ ଅନୁଷ୍ଠିତ ହୋଇଥିଲା । ସୁଶାନ୍ତ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ସମିତି ସଭ୍ୟ ମଧୁସୂଦନ ପ୍ରଧାନ, ଅଙ୍ଗନବାଡି କର୍ମୀ ପଚଂମୀ ସିଂଙ୍କ ସହ ସମସ୍ତ କର୍ମୀମାନେ ଯୋଗ ଦେଇଥିଲେ । କିଶୋରୀ ବାଳିକାଙ୍କ ସହ ଅଭିଭାବକମାନେ ସାମିଲ ହୋଇଥିଲେ ।

## ଖଣିର ପରିବେଶ ସମ୍ବନ୍ଧୀୟ ଜନଶୁଣାଣି

**କୋଇଡା:ଏକ୍ସପ୍ରେସ୍ ନ୍ୟୁଜ୍**

ମେସର୍ସ ଶ୍ରୀ ରୁଦ୍ର ସିନ୍ଧୁ ଅଧିନସ୍ଥ ଭଞ୍ଜପାଲି, କୋଇଡ଼ା ଏବଂ ତେହେରାଇ ମାଙ୍ଗାନିଜ ଖଣିର ବାର୍ଷିକ ଉତ୍ପାଦନ କ୍ଷମତାକୁ ୬୦୦୦ ମେଟ୍ରିକ୍ ଟନ୍‌ରୁ ୭୦୦୬୩ ଟନ୍‌କୁ ବୃଦ୍ଧି କରିବା ପାଇଁ ଆବଶ୍ୟକ ପଡୁଥିବା ପରିବେଶ ସମ୍ବନ୍ଧୀୟ ଜନଶୁଣାଣୀ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡଂ ଅନୁପ ମଲ୍ଲିକ ଅଧ୍ୟକ୍ଷତାରେ ଏହି ଜନଶୁଣାଣି କରାଯାଇ ଜନସାଧାରଣଙ୍କ ମତାମତ ଲୋଡିଥିଲେ । ଏହି ସଭାରେ ସ୍ଥାନୀୟ ଅଞ୍ଚଳର ପରିବେଶ ଉପରେ ଏହାର କିପରି ପ୍ରଭାବ ଏବଂ ଅଞ୍ଚଳର ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବଣାଇଁ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ଭୀମସେନ ଚୌଧୁରୀ, ଜିଲ୍ଲା ପରିଷଦ ସଦସ୍ୟ ଅଶୋକ କୁମାର ନାଏକ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପରମେଶ୍ୱର ନାଏକ, କୋଇଡା ସରପଞ୍ଚ ହୃଷିକେଶ ଦେହୁରୀ, କାଶିରା ଗ୍ରାମପଞ୍ଚାୟତ ସରପଞ୍ଚ ରାଣୀ ଲୋହାର, ସମିତି ସଭ୍ୟ ସିଲବ୍ରୁଶ ମୁଣ୍ଡା, ବିଜୟାନନ୍ଦ ଜେନା, ପୁର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଦିବାକର ନାୟକ, ଆନନ୍ଦ ବାରିକ ଏବଂ ଦୁଇଟି ଗ୍ରାମପଞ୍ଚାୟତ ଗ୍ରାମବାସୀ ପାରିପାର୍ଶ୍ୱିକ ଉନ୍ନତି ଦାବୀ ସହ ଏହି ମାଙ୍ଗାନିଜ ଖଣିର ବାର୍ଷିକ କ୍ଷମତା ବୃଦ୍ଧି ପ୍ରତି ନିଜର ସକରାତ୍ମକ ମନୋଭାବ ପ୍ରକାଶ କରିଥିଲେ ।

## ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ରାସ୍ତାକୁ ଓହ୍ଲାଇଲେ ଛାତ୍ରୀ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଗତକାଲି ରାଜ୍ୟ ବଜେଟରେ ରାଜ୍ୟର ୪ଟି ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ପ୍ରଥମ ମହିଳା ମହାବିଦ୍ୟାଳୟ କଟକର ଶୈଳବାଳା କଲେଜକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତାରୁ ବଂଚିତ ରଖାଯାଇଛି । ଯାହାକୁ ନେଇ କଟକ ବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ୧୧୩ବର୍ଷର ଏହି ପୁରାତନ ଐତିହାସିକ କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ବର୍ଷବର୍ଷ ଧରି ବୁଦ୍ଧିଜୀବି ଓ ଛାତ୍ରୀମାନେ ଦାବି କରି ଆସୁଛନ୍ତି । ଯାହାକୁ ନେଇ ଶନିବାର ଛାତ୍ରୀମାନେ କଲେଜ ଗେଟରେ ତାଲା ପକାଇବା ସହ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଛନ୍ତି । ଦାବି ପୂରଣ ନହେଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଛାତ୍ରୀମାନେ ଚେତାବନୀ ଦେଇଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ସବକଲେକ୍ଟର ଘଟଣା ସ୍ଥଳରେ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାସୁଝା କରିବା ସହିତ ସୋମବାର ଦିନ ଆଲୋଚନା ପାଇଁ ଆଶ୍ୱସନା ଦେଇଥିବା ଜଣାପଡ଼ିଛି । ତେବେ ସନ୍ଧ୍ୟାସୁଦ୍ଧା ଛାତ୍ରୀମାନେ ଆନ୍ଦୋଳନରୁ ହଟି ନଥିବା ଖବର ମିଳିଛି ।

## ଏଆଇ ସମ୍ମିଳନୀରେ ପ୍ରତିବାଦ ବେକାର ଯୁବବର୍ଗଙ୍କ ଆକ୍ରୋଶର ପ୍ରତିଫଳନ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ଆୟୋଜିତ ଏଆଇ. ସମ୍ମିଳନୀରେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଯେଉଁଭଳି ଭାବରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏହା ଦେଶର କୋଟି କୋଟି ବେକାର ଯୁବକ ଯୁବତୀମାନଙ୍କର ଆକ୍ରୋଶର ପ୍ରତିଫଳନ ବୋଲି କହିଛନ୍ତି ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର । ଆଜି ସନ୍ଧ୍ୟାରେ କଂଗ୍ରେସ ଭବନରୁ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଏକ ରାଲି କରାଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅମୀତ ଶାହାଙ୍କ କୁଶପୁତ୍ତଳିକା ମାଷ୍ଟରକ୍ୟାଣ୍ଟିନ ଛକ ଠାରେ ଦାହ କରାଯାଇଥିଲା । ଏହି ବିକ୍ଷୋଭ ସମୟରେ ଶ୍ରୀ ପାତ୍ର ତାଙ୍କ ମନ୍ତବ୍ୟରେ କହିଛନ୍ତି ଯେ, ଏଆଇ ସମ୍ମିଳନୀ ଚାଲିଥିବା ସମୟରେ ଯୁବ କଂଗ୍ରେସର କାର୍ଯ୍ୟକର୍ତ୍ତାମାନେ ଯେଉଁ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିଲେ ତାହା ସଂପୂର୍ଣ୍ଣ ଗଣତାନ୍ତ୍ରିକ ପଦ୍ଧତିରେ ଥିଲା । କିନ୍ତୁ ଦିଲ୍ଲୀ ପୁଲିସ ବିଜେପି ସରକାରର ଗୁଣ୍ଡା ସାଜି ଯେଉଁଭଳି ଭାବେ ଯୁବ କଂଗ୍ରେସର କର୍ମକର୍ତ୍ତାମାନଙ୍କୁ ଗିରଫ କଲା ଏହା ସଂପୂର୍ଣ୍ଣ ନିନ୍ଦନୀୟ । ଗଣତନ୍ତ୍ର ରାଷ୍ଟ୍ରରେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିବାର




ଅଧିକାର ସମସ୍ତଙ୍କର ଅଛି । ଯୁବ କଂଗ୍ରେସ ଭାରତ ବର୍ଷର ଯୁବକମାନଙ୍କ ହକ୍ ପାଇଁ ଲଢ଼ିଆସୁଛି କେନ୍ଦ୍ରରେ ଥିବା ବିଜେପି ସରକାର ବିରୁଦ୍ଧରେ । ଦେଶର କୃଷକମାନଙ୍କର ଅଧିକାର ଛଡେଇ ନିଆଯାଉଥିବାବେଳେ ଭାରତ ବର୍ଷର ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଭାରତ ବିରୋଧ ବିଲ୍‌କୁ ମୋଦୀ ସରକାର ପ୍ରୋତ୍ସାହନ ଦେଇଆସୁଛନ୍ତି । ଯୁବକମାନଙ୍କୁ ରୋଜଗାର ଦେବା ପ୍ରତିବଦଳରେ ଘୃଣାର ରାଜନୀତିରେ ସେମାନଙ୍କୁ ବିଜେପି ସରକାର ଜଡିତ କରି ଦେଶର ଭାଇଚାରାରେ ବିପଦ ସୃଷ୍ଟି କରୁଛି । ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ମିଛ କହି ପ୍ରତାରଣା କରିଆସୁଛନ୍ତି । ଏପଷ୍ଟିନ୍ ଫାଇଲରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନାମ ଆସିବା ପରେ ସଂସଦରେ ଆଲୋଚନା ପାଇଁ ଦେଶ ପାଇଁ ଲଜ୍ୟାକର ଘଟଣା । ସାରା ଦେଶବାସୀ ଜାଣିଗଲାଣି ଏ ପ୍ରଧାନମନ୍ତ୍ରୀ ହେଉଛନ୍ତି ସାଲିସ୍ ଏବଂ ପୁଞ୍ଜିପତିମାନଙ୍କ ପ୍ରଧାନମନ୍ତ୍ରୀ । ଦେଶବାସୀ କେବେ ବି ଆଉ ଚୁପ୍ ବସିବେ ନାହିଁ । ଯୁବ କଂଗ୍ରେସର ଶାନ୍ତିପୂର୍ଣ୍ଣଭାବେ ବିକ୍ଷୋଭ ପ୍ରଦର୍ଶନ ଦେଶ ବିରୋଧି ନୁହେଁ ବରଂ ଗଣତନ୍ତ୍ର ପ୍ରତି ଏହା ପ୍ରତିବଦ୍ଧତାର ପ୍ରମାଣ । ଯୁବକ ଯୁବତୀ ଓ କୃଷକମାନଙ୍କ ସ୍ୱାର୍ଥରେ ଅଂଚ ଆସିବା ପାଇଁ ଯୁବ କଂଗ୍ରେସ କେବେ ଦେବ ନାହିଁ । ଏଥିପାଇଁ ଯୁବ କଂଗ୍ରେସ ଏବଂ କଂଗ୍ରେସ ଦଳ ଦେଶବାସୀଙ୍କର ନ୍ୟାର୍ଯ୍ୟ ହକ୍ ପାଇଁ ବିଜେପି ସରକାର ବିରୁଦ୍ଧରେ ଲଢ଼େଇ କରିଆସୁଥିଲା, କରୁଛି ଏବଂ ଦେଶବାସୀ ତାଙ୍କର ନ୍ୟାର୍ଯ୍ୟ ହକ୍ ପାଇବା ପର୍ଯ୍ୟନ୍ତ ଲଢ଼େଇ ଚାଲୁ ରଖିବ । କଂଗ୍ରେସ ଦଳ ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ପରିଚାଳିତ ବୋଲି ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷିରେ ଯୁବ କଂଗ୍ରେସ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକରେ ପ୍ରଧାନମନ୍ତ୍ରୀ ମୋଦୀ ଓ ଗୃହମନ୍ତ୍ରୀ ଅମୀତ ଶାହାଙ୍କର କୁଶ ପୁତ୍ତଳିକା ଦାହ କରାଯାଇ ପ୍ରତିବାଦ କରିବା ପରେ ଶତାଧିକ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟାଳୟକୁ ଘେରାଉ କରିବାକୁ ଉଦ୍ୟମ କରିବା ସମୟରେ ପୁଲିସ ସହ ଧସ୍ତାଧସ୍ତି ହେବା ସହ ପୁଲିସ ଯୁବ କଂଗ୍ରେସର କର୍ମକର୍ତ୍ତାମାନଙ୍କୁ ଗିରଫ କରି ନେଇଥିଲା । ଆଜିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ, ଜାଭେଦ ଅଖତର, ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ଗୁଲ୍‌ଫାମ୍, ବଳରାମ ନନ୍ଦ, ସୁରଜ ରାଉତ, ବିଶ୍ୱଜିତ ସ୍ୱାଇଁ, ଆଶିଷ କୁମାର ମହନ୍ତ, ସ୍ପନ୍ଦନ ସ୍ୱାଇଁ, ସରୋଜ ବାରିକ ଓ ପ୍ରଶାନ୍ତ ରାଉତଙ୍କ ସହ ଶତାଧିକ ଯୁବ କଂଗ୍ରେସ କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ପୋଲିସ୍ ପଞ୍ଝାରେ ୩ ଆନ୍ତଃଜିଲ୍ଲା ଲୁଟେରା

**ମୁନିଗୁଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ଡାକୁଲୁଗୁଡ଼ା ଛକ ନିକଟରୁ ଜଣେ ବ୍ୟକ୍ତିଙ୍କୁ ଭୟଭୀତ କରି ଲୁଟ୍ କରିବା ଅଭିଯୋଗରେ ପୋଲିସ୍ ୩ ଜଣ ଦୁର୍ଦ୍ଦାନ୍ତ ଲୁଟେରାଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ଅଞ୍ଚଳର ହୋଇଥିବା ବେଳେ ସେମାନଙ୍କ ନିକଟରୁ ଦୁଇଟି ପଲସର ବାଇକ୍, ମାରଣାସ୍ତ୍ର, ନଗଦ ଟଙ୍କା ଓ ଲୁଟ୍ ହୋଇଥିବା ରୁପା ଗହଣା ଜବତ କରାଯାଇଛି ।

ସୂଚନା ଅନୁଯାୟୀ, ଗତ ୨୦ ତାରିଖ ସକାଳ ପ୍ରାୟ ୯ଟା ସମୟରେ ମୁନିଗୁଡ଼ା ଥାନା ଖମଣା ସାହିର ଭଗବାନ ନାୟକ ଡାକୁଲୁଗୁଡ଼ା ଛକ




ଦେଇ ଯାଉଥିବା ବେଳେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ । ସେମାନେ ମାରଣାସ୍ତ୍ର ଦେଖାଇ ଭଗବାନଙ୍କୁ ଭୟଭୀତ କରିବା ସହ ତାଙ୍କ ନିକଟରୁ ଟଙ୍କା, ଗହଣା ଓ ଆଧାର କାର୍ଡ ଲୁଟି ନେଇ ଫେରାର ହୋଇଯାଇଥିଲେ । ଏ ନେଇ ଅଭିଯୋଗ ପାଇବା ପରେ ମୁନିଗୁଡ଼ା ପୋଲିସ୍ କେସ୍ ନମ୍ବର ୫୨/୨୦୨୬ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏସ.ଆଇ. ଅଶ୍ୱିନୀ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲୁଟେରାଙ୍କୁ କାବୁ କରିଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ସୁମେନ ପ୍ରଧାନ (୩୮), ଅଜୟ ପ୍ରଧାନ (୪୦) ଏବଂ ଶିବା ପ୍ରଧାନ (୩୨) । ସେମାନଙ୍କ ନିକଟରୁ ୪,୪୦୦ ଟଙ୍କା, ୧୪ଟି ରୁପା ମୁଦି, ୫ଟି ରୁପା ମାଳି, ୨ଟି ଛୁରୀ ଏବଂ ଦୁଇଟି ପଲସର ମୋଟରସାଇକେଲ ଜବତ ହୋଇଛି । ଏହି ଲୁଟେରା ଗ୍ୟାଙ୍ଗ୍ ଅନ୍ୟ କୌଣସି ବଡ଼ ଧରଣର ଅପରାଧରେ ସାମିଲ ଅଛନ୍ତି କି ନାହିଁ, ସେ ନେଇ ପୋଲିସ୍ ଅଧିକ ପଚରାଉଚରା କରୁଛି । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି ।

## ଆନ୍ତର୍ଜାତୀୟ ମାତୃଭାଷା ଦିବସ

**ମାର୍ଶାଘାଇ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ଦଶିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ମାଝୀ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ପତିତପାବନ ସାମଲ, ଅବସରପ୍ରାପ୍ତ ଶିକ୍ଷକ ବୈକୁଣ୍ଠ ବେହେରା, ଅତିଥି ଭାବରେ ଯୋଗ ଦେଇ ଭାଷା ହେଉଛି ଏକ ମାତ୍ର ମାଧ୍ୟମ ଯାହା, ଲୋକଙ୍କୁ ପରସ୍ପର ସହ ଯୋଡ଼ି ରଖିବାରେ ସହାୟକ ହୋଇଥାଏ । ନିଜର ମନ କଥା ହେଉ କିମ୍ବା ନିଜର କଳା ସଂସ୍କୃତିକୁ ଲୋକଲୋଚନକୁ ଆଣିବାର ମାଧ୍ୟମ ମଧ୍ୟ ପାଲଟିଥାଏ ଭାଷା । ତେଣୁ ବିଶ୍ୱରେ ଭାଷା ଏବଂ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ୨୧ ଫେବୃୟାରୀକୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ରୂପେ ପାଳନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ମାନେ ଉପସ୍ଥିତ ଥିଲେ । ଆଜିର ଦିନରେ ବିଭିନ୍ନ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ପକ୍ଷରୁ ମାତୃଭାଷାକୁ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ଏପରିକି ଯୁବପିଢ଼ିଙ୍କ ମଧ୍ୟରେ ମାତୃଭାଷାର ମହତ୍ୱକୁ ପ୍ରତିପାଦିତ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା ଏହାସହିତ ଛାତ୍ରଛାତ୍ରୀମାନେ ମଧ୍ୟ ନିଜ ମାତୃଭାଷାକୁ କିପରି ଆହୁରି ଅଧିକ ଲୋକପ୍ରିୟ କରାଯାଇପାରିବ ସେ ନେଇ ନିଜ ନିଜର ମତ ରଖିଥିଲେ ।

## କିଟ୍ ଓ କିସ୍ ପରିଦର୍ଶନ କଲେ ଆମାଜନ ଆଇନ୍ ମୁଖ୍ୟ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଆମାଜନ ଚିଫ୍ ଗ୍ଲୋବାଲ୍ ଆଫେୟାର୍ସ ଓ ଆଇନ୍ ଅଧିକାରୀ ଡାଭିଡ୍ ଏ ଜାପଲସ୍କି ଆଜି କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଓ କିସ୍‌ର ସମସ୍ତ ୟୁନିଟ୍ ବୁଲି ଦେଖିଥିଲେ । କିସ୍ ବୁଲି ଦେଖିବା ପରେ ସେ ପ୍ରଥମ ଥର ଲାଗି କିସ୍ ଭଳି ଏକ ବିରାଟ ଓ ବିରଳ ଅନୁଷ୍ଠାନ ପରିଦର୍ଶନ କରି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ଶିକ୍ଷା ଜରିଆରେ ଜନଜାତି ବିକାଶ କ୍ଷେତ୍ରରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ସେ ଭୂୟସୀ ପ୍ରଶଂସା କରିଥିଲେ । କିସ୍‌ରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସେ କିପରି ମ୍ୟୁଜିକ୍, ଇତିହାସ ଓ ଆଇନ୍ ଆଦି ପାଠ ପ୍ରତି ଆକୃଷ୍ଟ ହୋଇଥିଲେ ସେ ସମ୍ପର୍କରେ କହିଥିଲେ । ପରେ କିଟ୍‌ରେ ଏକ ଫାୟାରସାଇଡ୍ ଚାଟ୍ ଅଧିବେଶନରେ ଯୋଗଦେଇ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆମାଜନର ବିଶ୍ୱ ନୀତିରେ ଭାରତର ଗୁରୁତ୍ୱ ବୃଦ୍ଧି ଉପରେ ଆଲୋକପାତ କରି ଶ୍ରୀ ଜାପଲସ୍କି କହିଲେ, ଆମାଜନ ଭାରତରେ ପ୍ରାୟ ୪୦ ବିଲିୟନ ଆମେରିକୀୟ ଡଲାର ନିବେଶ କରିଛି । ଏଥିରେ ଡାଟା ଭିତ୍ତିଭୂମି ଓ କ୍ଲାଉଡ୍ କମ୍ପ୍ୟୁଟିଂରେ ପ୍ରମୁଖ ନିବେଶ ଅନ୍ତର୍ଭୁକ୍ତ । ସେ କହିଲେ, କର୍ପୋରେଟ୍‌ଗୁଡ଼ିକ ସେମାନଙ୍କ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପଗୁଡ଼ିକୁ ସେମାନଙ୍କର ମୂଳ ଦକ୍ଷତା ଅନୁଯାୟୀ ପ୍ରସ୍ତୁତ କରିବା ଉଚିତ । ବିପର୍ଯ୍ୟୟ ସହାୟତା ଏବଂ ପରିବେଶଗତ ପ୍ରୟାସ ସମେତ ସାମୁଦାୟିକ ପ୍ରଭାବ ପାଇଁ ଏହାର ପ୍ରଯୁକ୍ତିବିଦ୍ୟା ଏବଂ ଲଜିଷ୍ଟିକ୍ କ୍ଷମତାକୁ ବ୍ୟବହାର କରିବାକୁ ଲକ୍ଷ୍ୟ ରଖିବା ଉଚିତ । ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଜାପଲସ୍କି ନିଜର ଅଭିଜ୍ଞତାର ଉଦାହରଣ ଦେଇ କହିଲେ ଯୁବପିଢ଼ି ପ୍ରତିଷ୍ଠା କିମ୍ବା ଦରମା ପଛରେ ନପଡ଼ି ନିଜ ଅନ୍ତରର କଥା ଶୁଣିବା ଉଚିତ । ଯାହା ତୁମକୁ ଖୁସି କରିପାରିବ ତାହା କର ବୋଲି ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଯେତେବେଳେ ତୁମେ ତୁମର ଆଗ୍ରହକୁ ଅନୁସରଣ କରିବ ସେତେବେଳେ ସୁଯୋଗ ପଛକୁ ପଛକୁ ଆସିବ ବୋଲି ସେ ଛାତ୍ରଛାତ୍ରୀଙ୍କୁ କହିଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଡାଭିଡ୍‌ଙ୍କ ବହୁମୁଖୀ ପ୍ରତିଭାର ପ୍ରଶଂସା କରିଥିଲେ । ଏହି ଅବସରରେ ଡାଭିଡ୍‌ଙ୍କୁ କିଟ୍ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା ।

## ବିଜେବି ହାଇସ୍କୁଲରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ବିଜେବି ହାଇସ୍କୁଲ ସଭାଗୃହଠାରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ପ୍ରତେକ ବର୍ଷ ୨୧ ଫେବୃୟାରୀକୁ ୟୁନେସ୍କୋ ଦ୍ୱାରା ଘୋଷିତ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ ସମଗ୍ର ବିଶ୍ୱରେ ପାଳନ କରାଯାଇଥାଏ । ଏହି ଦିବସର ମୂଳ ଉଦ୍ଦେଶ୍ୟ ହେଉଛି ଭାଷା ବିବିଧତାର ସୁରକ୍ଷା ଓ ମାତୃଭାଷା ପ୍ରତି ସମ୍ମାନ ବୃଦ୍ଧି କରିବା । ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା । ସଭାକୁ ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତି ଅଧ୍ୟକ୍ଷତା କରି ମାତୃଭାଷାର ଗୁରୁତ୍ୱ ଉପରେ ଅଲୋକପାତ କରିଥିଲେ । ଓଡ଼ିଆ ଭାଷାରେ ଭାଷଣ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶିକ୍ଷକ ବିଭୁ ପ୍ରସାଦ ପଣ୍ଡା, ଚନ୍ଦ୍ରକାନ୍ତ ଦାସ, ଜଗନ୍ନାଥ ରାଉତ, ଦେବାଶିଷ ପାଇକରାୟ, ରାହୁଲ ମହାରଣା ଏବଂ ଶିକ୍ଷୟିତ୍ରୀ ସବୁଜିମା ସାହୁ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଶେଷରେ ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନେ ମାତୃଭାଷାର ପ୍ରଚାର, ପ୍ରସାର ଓ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ ।

## ମହାପ୍ରବନ୍ଧକଙ୍କ ନୟାଗଡ଼-ଜଖପୁରା ସେକ୍ସନର ନିରୀକ୍ଷଣ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପ୍ରମୁଖ ରେଳ ସ୍ଥାପନଗୁଡ଼ିକରେ ସୁରକ୍ଷା ମାନଦଣ୍ଡ, ଭିତ୍ତିଭୂମି ସ୍ଥିତି ଏବଂ କାର୍ଯ୍ୟକ୍ଷମ ଦକ୍ଷତା ସମୀକ୍ଷା କରିବା ପାଇଁ ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ନୟାଗଡ-ଜଖପୁରା ସେକ୍ସନର ଏକ ବ୍ୟାପକ ସୁରକ୍ଷା ଯାଞ୍ଚ କରିଥିଲେ । ତାଙ୍କ ସହିତ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି, ମୁଖ୍ୟାଳୟର ପ୍ରମୁଖ ବିଭାଗ ମୁଖ୍ୟ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



ଏହି ନିରୀକ୍ଷଣ ନୟାଗଡ ରେଳ ଷ୍ଟେସନରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ମହାପ୍ରବନ୍ଧକ ପ୍ଲାଟଫର୍ମ, ପରିଚାଳନା ବ୍ୟବସ୍ଥା ଏବଂ ଯାତ୍ରୀ ସୁବିଧା ସମେତ ଷ୍ଟେସନ ଏବଂ ୟାର୍ଡର ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ସେ ଆହୁରି ମଧ୍ୟ କ୍ରୁ ଲବି, ସ୍ୱାସ୍ଥ୍ୟ ୟୁନିଟ୍ ଏବଂ ରନିଂ ରୁମ୍, ରେଳବାଇ କଲୋନି ଏବଂ ଶିଶୁ ଉଦ୍ୟାନଏବଂ ସେକ୍ସନର ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଯଥା କେନ୍ଦୁଝରଗଡ଼, ହରିଚନ୍ଦନପୁର ରେଳ ଷ୍ଟେସନରେ ଯାତ୍ରୀ ସୁବିଧା ଓ ଅନ୍ୟାନ୍ୟ ବ୍ୟବସ୍ଥାର ମଧ୍ୟ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲେ ।

ଫ୍ରଣ୍ଟଲାଇନ୍ କର୍ମଚାରୀ ଏବଂ ଗ୍ୟାଙ୍ଗମ୍ୟାନଙ୍କ ସହିତ ଆଲୋଚନା ଏହି ନିରୀକ୍ଷଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା, ଯେଉଁ ସମୟରେ ମହାପ୍ରବନ୍ଧକ ସେମାନଙ୍କର କାର୍ଯ୍ୟଜ୍ଞାନ, ସୁରକ୍ଷା ସଚେତନତା ଏବଂ କାର୍ଯ୍ୟକ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ଚ୍ୟାଲେଞ୍ଜଗୁଡିକ ଉପରେ ଖୋଲା ମତାମତ ଦେବାକୁ ଉତ୍ସାହିତ କରିଥିଲେ । ଶ୍ରୀ ଫୁଙ୍କୱାଲ କର୍ମଚାରୀ କଲ୍ୟାଣ ଏବଂ ଉନ୍ନତ ଜୀବନଯାପନ ପରିସ୍ଥିତି ପ୍ରତି ପ୍ରଶାସନର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରି ରେଳ ପରିବାରମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ । ସୁରକ୍ଷା ଯାଞ୍ଚର ଅନ୍ୟ ପ୍ରମୁଖ ଅଂଶଗୁଡ଼ିକ ଥିଲା ଲେଭଲ କ୍ରସିଂ ଗେଟ୍, ଟାୱାର ୱାଗନ ସେଡ୍, ଟ୍ରାକ୍ସନ୍ ସବ୍ ଷ୍ଟେସନ୍, ସ୍ୱଳ୍ପ ଉଚ୍‌ଚତା ବିଶିଷ୍ଟ ଉପାମାର୍ଗ, କର୍ଭ, ଓ ସେତୁମାନଙ୍କୁ ପରିଦର୍ଶନ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ସୁରକ୍ଷା ନିୟମ ପାଳନ, ପ୍ରାଥମିକ ଢାଞ୍ଚାର ସ୍ଥିତି ଓ ରକ୍ଷାବେକ୍ଷଣ ପ୍ରସ୍ତୁତିକୁ ମୂଲ୍ୟାଙ୍କନ କରିବା ଥିଲା । ନିରୀକ୍ଷଣ ସମୟରେ, ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ରକ୍ଷଣାବେକ୍ଷଣ ମାନ ବୃଦ୍ଧି କରିବା ଏବଂ ନିର୍ଭରଯୋଗ୍ୟ ଏବଂ ସମୟାନୁବର୍ତ୍ତୀ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିଥିଲେ । କର୍ତ୍ତବ୍ୟ ପ୍ରତି ସେମାନଙ୍କର ଆନ୍ତରିକ ପ୍ରତିବଦ୍ଧତା ପାଇଁ ପ୍ରଶଂସା ସ୍ୱରୂପ ସେ ଫ୍ରଣ୍ଟଲାଇନ୍ କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ନିରୀକ୍ଷଣ ପୂର୍ବତଟ ରେଳପଥର ସୁରକ୍ଷା, ପରିଚାଳନାଗତ ଉତ୍କର୍ଷତା, ଯାତ୍ରୀ ସୁବିଧା ଏବଂ କର୍ମଚାରୀ କଲ୍ୟାଣ ଉପରେ ଅବିରତ ଗୁରୁତ୍ୱକୁ ପ୍ରକାଶ କରୁଛି, ଯାହା ନିରାପଦ, କାର୍ଯ୍ୟକ୍ଷମ ଏବଂ ଯାତ୍ରୀ ଅନୁକୂଳ ରେଳ ସେବା ପ୍ରଦାନ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

## ଆଚାର୍ଯ୍ୟ ହରିହର ଶିଶୁ ଭବନର ବାର୍ଷିକୋତ୍ସବ

**ସାକ୍ଷୀଗୋପାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀ, ସମାଜରେ ଭଲ ମଣିଷର ଆଦର ଓ ସମ୍ମାନ ସବୁବେଳେ ଥାଏ । ସମ୍ପ୍ରତି ଆଜିର ସମାଜରେ ସଂସ୍କାର ଓ ଶୃଙ୍ଖଳାର ଅଭାବ ଦେଖାଯାଉଛି । ଏହାକୁ ସୁଧାରିବା ପାଇଁ ଆଚାର୍ଯ୍ୟ ହରିହରଙ୍କ ଆଦର୍ଶ ଓ ଚରିତ୍ର ସର୍ବଦା ପ୍ରେରଣାଦାୟକ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା । ଆଜି ଅପରାହ୍ନରେ ସାକ୍ଷୀଗୋପାଳ ମନ୍ଦିର ନିକଟସ୍ଥ ଆଚାର୍ଯ୍ୟ ହରିହର ଶିଶୁ ଭବନର ୪୭ତମ ପ୍ରତିଷ୍ଠା ଓ ବାର୍ଷିକ ଦିବସ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା । ଆଚାର୍ଯ୍ୟ ହରିହର ଶିଶୁ ଭବନର ଉପ ସଭାପତି ବିରେନ୍ଦ୍ର ଭୂଷଣ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ବରିଷ୍ଠ ନାଗରିକ ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, କଳାକାର ନଟବର ଆଚାର୍ଯ୍ୟ, ରଞ୍ଜନ ମିଶ୍ର, ଶିଶୁ ସୁରକ୍ଷାର ଆନୁଷ୍ଠାନିକ ଯତ୍ନ ଅଧିକାରୀ ଶୁଭ ନାରାୟଣ ଶତପଥୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଆଚାର୍ଯ୍ୟଙ୍କ ସ୍ମୃତି ଚାରଣ କରିଥିଲେ । ପ୍ରାରମ୍ଭରେ ଅନଷ୍ଠାନର ସମ୍ପାଦିକା ରାଜଲକ୍ଷ୍ମୀ ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନର ବାର୍ଷିକ ପତ୍ର ପ୍ରଗତି ଓ ଇତିବୃତି ବଣ୍ଟନ କରାଯାଇଥିଲା । ଶେଷରେ ଅନୁଷ୍ଠାନର ଅଧିକ୍ଷକ ସୁବୋଧ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥିମାନେ ପ୍ରାରମ୍ଭରେ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ, ଅନ୍ତେବାସୀ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପରିସରରେ ଏକ ରକ୍ତ ଦାନ ଶିବିର ଆୟୋଜିତ ହୋଇଥିଲା । ଏହାକୁ ବିଡ଼ିଓ ଦେବାଶିଷ ନାୟକ ଉଦଘାଟନ କରିଥିଲେ ।




